


ବିଜୟଙ୍କୁ ମାଡ୍ରାସ ହାଇକୋର୍ଟଙ୍କ ଝଟକା
ପୃଷ୍ଠା ୪



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 315 ଭାଗ ୩୩ | ସଂଖ୍ୟା ୩୧୫ | Saturday 7 February 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୭ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଷଷ୍ଠ ଥର ଅଣ୍ଡର-୧୯ ୱାର୍ଲ୍ଡ ଚାମ୍ପିୟନ ହେଲା ଭାରତ

## ବୈଭବଙ୍କ ବ୍ୟାଟିଂ ଆଗରେ ଇଂଲଣ୍ଡ ଚିତ୍



**ହରାରେ,୬।୨:** ଷଷ୍ଠ ଥର ବିଶ୍ୱ ବିଜୟୀ ହୋଇଛି ଭାରତ। ୨୦୦୦, ୨୦୦୮, ୨୦୧୨, ୨୦୧୮ ଏବଂ ୨୦୨୨ରେ ପରେ ଏବେ ୨୦୨୬ର ଟାଇଟଲ ହାତେଇଲା। ଶୁକ୍ରବାର ହରାରେ ସ୍ପୋର୍ଟ୍ସ କ୍ଲବରେ ଖେଳାଯାଇଥିବା ଅଣ୍ଡର-୧୯ ପୁରୁଷ ବିଶ୍ୱକପ୍ ୨୦୨୬ର ଫାଇନାଲ ମ୍ୟାଚରେ ଭାରତ ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରିଛି।

ଆଜିର ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟିମ୍ ଇଣ୍ଡିଆର ବ୍ୟାଟରମାନେ ଧୂଆଁଦାର ବ୍ୟାଟିଂ କରି ଇଂଲଣ୍ଡ ଆଗରେ ୪୧୨ ରନ୍‌ରେ ପାହାଡ଼ ଛିଡ଼ା କରିଥିଲେ।

ଭାରତ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୮୦ ବଲରୁ ୧୫ ଛକା, ୧୫ ଚୌକା ମାରି ୧୭୫ ରନ ଏକାକୀ କରିଥିଲେ। ଆୟୁଷ ମହାତ୍ରେ ୫୩ ଓ ଅଭିଜ୍ଞ କୁଣ୍ଡୁ ୪୦ ରନର ଯୋଗଦାନ ଦେଇଥିଲେ। ଫାଇନାଲ ମୁକାବିଲାରେ ଏତେବଡ଼ ସ୍କୋର ଟାର୍ଗେଟ୍ ଆଗରେ ପୂର୍ବରୁ ଚାପଗ୍ରସ୍ତ ଥିବା ଇଂଲଣ୍ଡ ୪୦.୨ ଓଭରରେ ୩୧୧ ରନ୍ କରି ଅଲ୍ ଆଉଟ୍ ହୋଇଯାଇଛି।

ଶୁକ୍ରବାର ଫାଇନାଲ ମୁକାବିଲାରେ ଇଂଲଣ୍ଡ ଟିମ୍‌ର ଆରମ୍ଭ ଭଲ ନଥିଲା। ଟିମ୍ ଜୋସେଫ୍ ମୁର୍ସ(ମାତ୍ର ୧୭ ରନ୍)ଙ୍କ ୱିକେଟକୁ ସହଜରେ ହରାଇଥିଲା। ଏହାପରେ ବେନ୍ ଡକିନ୍ସ ଏବଂ ବେନ୍ ମେସ୍ ଦ୍ୱିତୀୟ ୱିକେଟ୍ ପାଇଁ ୭୪ ରନ୍ ଯୋଡ଼ିଥିଲେ। ଖିଲାନ୍ ପଟେଲ ମେସଙ୍କୁ ଆଉଟ୍ କରି ଏହି ପାର୍ଟନର୍ସିପ୍ ଭାଙ୍ଗିଥିଲେ। ମେସ୍ ୨୭ ବଲ୍ ରୁ ୪୫ ରନ୍ କରିଥିଲେ। ଭାରତୀୟ ଦଳର ତୃତୀୟ ସଫଳତା ଇଂଲଣ୍ଡ ➪ପୃଷ୍ଠା-୬

### ବ୍ଲାକ୍ ସ୍ୱାନ୍ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି

# ଫିନ୍‌ଟେକ୍‌ରେ ମହିଳାଙ୍କ ଭାଗୀଦାରି ବଢ଼ିବା ଉଚିତ



### ଦେଶରେ ବିପ୍ଳବ ଆଣିଛି ଜନ ଧନ ଯୋଜନା

**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ ସହଯୋଗରେ ଓଡିଶା ସରକାରଙ୍କ ପକ୍ଷରୁ ଚାଲିଥିବା ବ୍ଲାକ୍‌ସ୍ୱାନ୍ ଶିଖର ସମ୍ମିଳନୀରେ ଯୋଗଦେଇ ଫିନ୍‌ଟେକ୍‌ର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଫିନ୍‌ଟେକ୍‌ର ଦୁନିଆ ଦିନକୁ ଦିନ ମଣିଷକୁ ବିକାଶ ଦିଗରେ ଅଗ୍ରସର କରାଉଥିବା ବେଳେ ଏଥିରେ ମହିଳାଙ୍କ ଭାଗୀଦାରୀ ଆହୁରି ଅଧିକ ହେବାର ଆବଶ୍ୟକତା ରହିଛି।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଏବେ ଏକ ସମୟ ଆସିଛି ଯେତେବେଳେ ପ୍ରଯୁକ୍ତିବିଦ୍ୟା ଅଭୂତପୂର୍ବ ଗତିରେ ବିକଶିତ ହେଉଛି। ନୂତନ ଉଦ୍ଭାବନ ଏପରି ଦ୍ରୁତ ଗତିରେ ଆଗଉଛି ଯେ ଆମର ବ୍ୟବସ୍ଥା, ଦକ୍ଷତା ଓ ବ୍ୟାବସାୟିକ ମଡେଲଗୁଡ଼ିକ ପ୍ରାୟତଃ ଏହା ସହ ତାଳ ଦେବାକୁ ସଂଘର୍ଷ କରୁଛନ୍ତି। ଏହି ସମୟରେ ଦ୍ରୁତ ପ୍ରଗତିଗୁଡ଼ିକ ସାଇବର ସୁରକ୍ଷା ବିପଦ, ଡିପ୍ ଫେକ୍, ଭୁଲ ସୂଚନା ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ବର୍ଦ୍ଧିତ ନିର୍ଭରଶୀଳତା ସମେତ ଗମ୍ଭୀର ଆହ୍ୱାନ ମଧ ନେଇ ଆସୁଛି। ତଥାପି ଦ୍ରୁତ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ନବସୃଜନ ଓ ଅଭିବୃଦ୍ଧି ଉପରେ ଏକ ବିରାଟ ➪ପୃଷ୍ଠା-୬

## ଓଡ଼ିଶା ହେବ ଏଆଇ ହବ୍

- ବିଶ୍ୱକୁ ଡିଜିଟାଲ ଅର୍ଥନୀତି ସହ ଯୋଡ଼ିବ ଓଡ଼ିଶା
- ନିବେଶ ପାଇଁ ନିବେଶକଙ୍କ ମଧ୍ୟରେ ବଢ଼ିଛି ବିଶ୍ୱାସ
- ବ୍ଲାକ-ସ୍ୱାନ ସମ୍ମିଳନୀ ଯୁବକଙ୍କ ପାଇଁ ଆଣିଛି ସମ୍ଭାବନା



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ନୀତି ନିର୍ଦ୍ଧାରକଙ୍କଠାରୁ ଆରମ୍ଭ କରି ନିବେଶକଙ୍କ ପର୍ଯ୍ୟନ୍ତ ନିଜ ନିଜର ଭବିଷ୍ୟତ ରୋଡମ୍ୟାପ ପ୍ରସ୍ତୁତ କରିବା ସମୟରେ ଓଡ଼ିଶା ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାରଣ ରାଜ୍ୟକୁ ଅର୍ଥନୀତି ବିକାଶର କେନ୍ଦ୍ରସ୍ଥଳୀ କରିବାକୁ ରାଜ୍ୟ ସରକାର ➪ପୃଷ୍ଠା-୬

### ବରଗଡ଼ରେ ଚାଞ୍ଚଲ୍ୟ

## ଭୁଜାଲି ଆକ୍ରମଣରେ ଦୁଇ ମୃତ

**ବରଗଡ଼,୬।୨(ସଂଚାର ବ୍ୟୁରୋ):** ବରଗଡ଼ ହାଟପଦା ସାଇ ମନ୍ଦିର ନିକଟରେ ଏକ ଗୋଷ୍ଠୀ ସଂଘର୍ଷରେ ୨ ଜଣଙ୍କୁ ବିଚ୍ ବଜାରରେ ହତ୍ୟା କରାଯାଇଛି। ଉଭୟ ମୃତକ ହେଲେ ସ୍ଥାନୀୟ କଲେଜ ରୋଡ ବାସିନ୍ଦା ପ୍ରଦୀପ ଲୁହା (୨୪) ଓ ଗୋବିନ୍ଦପାଲି ନିବାସୀ ସୂରଜ ବାରିକ (୨୪)। ଏହାଛଡ଼ା ଏହି ଘଟଣାରେ ଅନ୍ୟ ଜଣେ ଆହତ ବୁର୍ଲାରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ପରସ୍ପରକୁ ଆକ୍ରମଣ ପର୍ଯ୍ୟନ୍ତ କଥା ଯାଇଥିଲା। ଏଥିରେ ଗୋଟିଏ ପକ୍ଷର ଯୁବକମାନେ ଭୁଜାଲିରେ ପ୍ରତିପକ୍ଷକୁ ଆକ୍ରମଣ କରିବା ସମୟରେ ଉପରୋକ୍ତ ତିନି ଯୁବକ ମୃତାହତ ହୋଇଛନ୍ତି। ସେମାନଙ୍କୁ ବରଗଡ଼ ଡାକ୍ତରଖାନା ନିଆଯାଇଥିଲେ ହେଁ ବିଳମ୍ବିତ ରାତିରେ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଅନ୍ୟ ୨ ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ସୁରଜଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଚି।

# ବୌଦ୍ଧ ମାଓମୁକ୍ତ-୧୯ ମାଓବାଦୀଙ୍କ ଆତ୍ମସମର୍ପଣ

**ବୌଦ୍ଧ,୬।୨(ସଂଚାର ବ୍ୟୁରୋ):** ଗତ ବୁଧବାର ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ମାଲକାନଗିରି ମାଓମୁକ୍ତ ହୋଇଥିବା ବେଳେ ଗତକାଲି ଏହି ସୂଚୀରେ ସାମିଲ୍ ହୋଇଥିଲା କୋରାପୁଟ। ଏହି ଧାରାକୁ କାଏମ ରଖି ଆଜି ବୌଦ୍ଧ ଜିଲ୍ଲା ରାଜ୍ୟର ତୃତୀୟ ଜିଲ୍ଲା ଭାବେ ମାଓମୁକ୍ତ ହୋଇଛି। ଏନେଇ ଆଜି ଡିଜି ୱାଇବି ଖୁରାନିଆ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବୌଦ୍ଧ ଜିଲ୍ଲାରେ ମାଓବାଦୀମାନେ ସକ୍ରିୟ ରହି ବିଭିନ୍ନ ହିଂସାକାଣ୍ଡ ଘଟାଇଆସୁଥିଲେ। ପୂର୍ବରୁ ୨୦୧୫-୧୬ରେ ଏହି ଜିଲ୍ଲା ମାଓମୁକ୍ତ ହୋଇଥିଲେ ହେଁ ପରେ ମାଓବାଦୀମାନେ ସକ୍ରିୟ ହେବା ଫଳରେ ଜିଲ୍ଲା ପୁନର୍ବାର ମାଓପ୍ରବଣ ଜିଲ୍ଲା ହୋଇଥିଲା। ତେବେ କିଛି ବର୍ଷ ହେଲା ସୁରକ୍ଷାବଳ ନିୟମିତ ଭାବେ ବିଭିନ୍ନ ଅଭିଯାନରେ ସଫଳ ହେବା ଓ ମାଓବାଦୀମାନେ ସରକାରଙ୍କ ଆକର୍ଷଣୀୟ ପ୍ୟାକେଜ୍‌ରେ ପ୍ରଭାବିତ ହୋଇ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା କାରଣରୁ ଲାଲ୍‌ଗଡ଼ କ୍ରମଶଃ ଦୁର୍ବଳ ହୋଇଆସିଛି। ଆଜି ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ଭାବେ ଏହି ହିଂସାତ୍ମକ ଚିନ୍ତାଧାରାରୁ ମୁକ୍ତ ହୋଇଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି। ଅନ୍ୟପକ୍ଷରେ ଆଜି ରାୟଗଡ଼ା ଜିଲ୍ଲା ପୁଲିସ ନିକଟରେ ୧୫ ଓ କନ୍ଧମାଳ ଜିଲ୍ଲା ପୁଲିସ ନିକଟରେ ୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ବୋଲି ଡିଜିପି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାୟଗଡ଼ା ଜିଲ୍ଲାରେ ବଂଶଧାରା-ଘୁମୁସର-ନାଗାବଳୀ (ବିଜିଏନ୍) ଡିଭିଜନର ମୋଟ ୧୫ ଜଣ ମାଓ କ୍ୟାଡର ଆତ୍ମସମର୍ପଣ କରିଛନ୍ତି। ସେଥିମଧ୍ୟରେ ୨ ଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ୍ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଅଙ୍କିତା ଓରଫ୍ ରଶ୍ମୀତା ଲେଙ୍କା (ଟାଙ୍ଗୀ, କଟକ) ଅଛନ୍ତି। ଉଭୟଙ୍କ ନାମରେ ୫୫ ଲକ୍ଷ ➪ପୃଷ୍ଠା-୬



**ବ୍ୟାପକ ଅସ୍ତ୍ରଶସ୍ତ୍ର ହସ୍ତାନ୍ତର**

**୨ ରାଜ୍ୟ କମିଟି ସଦସ୍ୟ ବି ସାମିଲ୍**

**ପତି-ପତ୍ନୀଙ୍କ ମୁଣ୍ଡରେ ଥିଲା ୫୫ ଲକ୍ଷର ପୁରସ୍କାର**

### ନକ୍ସଲମୁକ୍ତ ଅଭିଯାନରେ ବଡ ସଫଳତାଃ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱରଃ** ରାଜ୍ୟର ବିକାଶ ଏବଂ ଜନସାଧାରଣଙ୍କ ସୁରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ଆମ ସଂକଳ୍ପବଦ୍ଧ ଅଭିଯାନର ପରିଣାମ ସ୍ୱରୂପ, ଆଜି ରାୟଗଡ଼ ଜିଲ୍ଲାର ବିଜିଏନ ଓ କନ୍ଧମାଳ ଜିଲ୍ଲାର କେକେବିଏନ ଡିଭିଜନର ମୋଟ ୧୯ ଜଣ ମାଓ କ୍ୟାଡର ହିଂସାର ପଥ ପରିତ୍ୟାଗ କରି ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିବା ଦୁଇଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ଓରଫ ନିରଞ୍ଜନ ରାଉତ ଏବଂ ଅଙ୍କିତା ଓରଫ ରସ୍ମିତା ଲେଙ୍କା ସାମିଲ ଅଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନିକଟରୁ ଏକେ-୪୭ ଓ ଏସଏଲଆର ଭଳି ସମୁଦାୟ ୧୪ଟି ମାରାତ୍ମକ ଅସ୍ତ୍ର ଜବତ କରାଯାଇଛି, ଯାହା ଆମ ସୁରକ୍ଷା ବାହିନୀର ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ➪ପୃଷ୍ଠା-୬

## ଦୂର ହେବ ଗରିବଙ୍କ ଘର ଚିନ୍ତା

- ଭଡ଼ାରେ ମିଳିବ ସରକାରୀ ଖାଲି ଘର



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସହରାଞ୍ଚଳର ଗରିବ, ପ୍ରବାସୀ ଶ୍ରମିକ ଓ ଶ୍ରମଜୀବୀ ଜନସାଧାରଣଙ୍କ ପାଇଁ ସୁଲଭ ଆବାସ ସୁବିଧା ବଢ଼ାଇବା ଦିଗରେ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ (ପିଏମ୍‌ଏୱାଇ-ୟୁ ୨.୦) ଅଧୀନରେ ସହରାଞ୍ଚଳରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ସୁଲଭ ଭଡ଼ା ଗୃହରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଏହି ପଦକ୍ଷେପ ଅନୁସାରେ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ପତ୍ର ଲେଖି ସେମାନଙ୍କ ଅଧୀନରେ ଥିବା ଏହିପରି ଖାଲି ଓ ଅବ୍ୟବହୃତ ସରକାରୀ ଗୃହ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନ ନିକଟରେ ଦାଖଲ କରିବା ସକାଶେ କୁହାଯାଇଛି। ଏହି ତଥ୍ୟ ସଂଗ୍ରହ ପ୍ରକ୍ରିୟା ସମାପ୍ତ ହେବା ପରେ ଚିହ୍ନଟ ଗୃହଗୁଡ଼ିକୁ ପୁନଃନିର୍ମାଣ/ମରାମତି କରି ବାସୋପଯୋଗୀ କରାଯିବ ଓ ପର୍ଯ୍ୟାୟକ୍ରମେ ସେଗୁଡ଼ିକୁ ଭଡ଼ା ଆବାସ ଭାବେ ➪ପୃଷ୍ଠା-୬

### ସ୍ୱତନ୍ତ୍ର ସ୍କ୍ରିନିଂରେ ଭାଗନେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ‘ପରୀକ୍ଷା ପେ ଚର୍ଚ୍ଚା’ ଛାତ୍ରଛାତ୍ରୀଙ୍କ ସର୍ବଶ୍ରେଷ୍ଠ ମାର୍ଗଦର୍ଶକ

- ବୌଦ୍ଧିକ ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି
- ପରୀକ୍ଷା ଭୟ ଦୂର କରି ଆତ୍ମବିଶ୍ୱାସ ବଢ଼ାଉଛି



**ନୂଆଦିଲ୍ଲୀ,୬।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ପରୀକ୍ଷା ପେ ଚର୍ଚ୍ଚା’ ଦେଶର କୋଟି କୋଟି ବିଦ୍ୟାର୍ଥୀଙ୍କୁ ନୂଆ ରାସ୍ତା ଦେଖାଉଛି। ପ୍ରଧାନମନ୍ତ୍ରୀଙ୍କ ଛୋଟ ଛୋଟ ଟିପ୍ସ ଓ ସରଳ ଉଦାହରଣ ଛାତ୍ରଛାତ୍ରୀଙ୍କ ମନରୁ ପରୀକ୍ଷା ଭୟ ଦୂର କରିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛି। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସବୁଠୁ ବଡ଼ ମାର୍ଗଦର୍ଶକ ସାଜିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଆଜି ସ୍ଥାନୀୟ ଜିଏମସି ବାଲଯୋଗୀ ଅଡିଟୋରିୟମଠାରେ ଆୟୋଜିତ ‘ପରୀକ୍ଷା ପେ ଚର୍ଚ୍ଚା-୨୦୨୬’ର ସ୍ୱତନ୍ତ୍ର ସ୍କ୍ରିନିଂ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସାମିଲ୍ ହୋଇ ମନ୍ତ୍ରୀ, ସହଯୋଗୀ ସାଂସଦ ଓ ବହୁ ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମାଷ୍ଟରକ୍ଲାସକୁ ଉପଭୋଗ କରିଥିଲେ। ‘ପରୀକ୍ଷା ପେ ଚର୍ଚ୍ଚା’ର ନବମ ସଂସ୍କରଣରେ ଉପାଦେୟ ପରାମର୍ଶ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ‘ପରୀକ୍ଷା ପେ ଚର୍ଚ୍ଚା’ କେବଳ ପରୀକ୍ଷା ଫଳାଫଳ ପାଇଁ ନୁହେଁ, ବରଂ ଶିଶୁର ବୌଦ୍ଧିକ ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଏ। ଏହା ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱକୁ ଚିହ୍ନଟ କରିବା ସହ ସେମାନଙ୍କୁ ଭୟମୁକ୍ତ ପରିବେଶରେ ଭଲ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିଛି। ଫଳତଃ ଏହି କାର୍ଯ୍ୟକ୍ରମ ଆଜି ଦେଶବ୍ୟାପୀ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ➪ପୃଷ୍ଠା-୬

### ପୁଣି କୋର୍ଟଙ୍କୁ ଧମକପୂର୍ଣ୍ଣ ଇମେଲ୍

## କଟକ ସମେତ ୩ କୋର୍ଟରେ ଆତଙ୍କ

**କଟକ,୬।୨(ସଂଚାର ବ୍ୟୁରୋ):** ପୁଣି ଥରେ ରାଜ୍ୟର ୩ ପ୍ରମୁଖ କୋର୍ଟକୁ ଧମକପୂର୍ଣ୍ଣ ଇମେଲ୍ ମିଳିଛି। ବୋମା ପକାଇ କୋର୍ଟ ଉଡ଼ାଇଦେବାକୁ ଇମେଲ୍‌ରେ ଧମକ ଦିଆଯାଇଛି। ଏଥିରେ କଟକ ଜିଲ୍ଲା ଦୌରା ଜଜ୍ କୋର୍ଟ ବ୍ୟତୀତ ପୁରୀ ଓ ଫୁଲବାଣୀ ଜିଲ୍ଲା ଓ ଦୌରାଜଜ୍ କୋର୍ଟକୁ ସମାନ ଧମକ ମିଳିଛି। ଧମକପୂର୍ଣ୍ଣ ଇମେଲ୍ ଆସିବା ପରେ ତୁରନ୍ତ କଟକ ଜିଲ୍ଲା କୋର୍ଟ ପରିସରକୁ ଖାଲି କରାଯାଇଥିଲା। କମିଶନରେଟ୍ ପୁଲିସ ସେଠାରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ। କୋର୍ଟ ପରିସରରୁ ସମସ୍ତଙ୍କୁ ବାହାରକୁ କଢ଼ାଯାଇ ବୋମା ନିଷ୍କ୍ରିୟକାରୀ ଟିମ୍ ସହ ସନ୍ଧାନୀ କୁକୁର ତନ୍ନ ତନ୍ନ କରି ଯାଞ୍ଚ କରିଥିଲା। ତେବେ କେଉଁଠୁ ଓ କିଏ ଏଭଳି ଧମକପୂର୍ଣ୍ଣ ଇମେଲ୍ ଦେଇଛି, ସେନେଇ କିଛି ବି ଜଣାପଡ଼ିନାହିଁ। ତେବେ ଏପରି ଧମକ ଯୋଗୁଁ କୋର୍ଟ କାର୍ଯ୍ୟରେ ଯାବତୀୟ ବାଧା ସୃଷ୍ଟି ହୋଇଥିଲା। ଏହା ପୂର୍ବରୁ ଗତ ମାସ ୮ରେ ମଧ ଏଭଳି ଧମକପୂର୍ଣ୍ଣ ଇମେଲ୍ ଆସିଥିଲା। ସେତେବେଳେ ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଥିବା ବେଳେ ଏନେଇ ତନାଘନା ପରେ ସେଭଳି କୌଣସି ଆପତ୍ତିଜନକ ସାମଗ୍ରୀ ମିଳି ପାରିନଥିଲା। ତଥାପି ଇମେଲ୍ ଆସିଥିବା ସୋର୍ସର ମିଳିତ ତଦନ୍ତ ପୁଲିସ ଓ କ୍ରାଇମବ୍ରାଞ୍ଚ ଦ୍ୱାରା କରାଯିବ ବୋଲି କୁହାଯାଇଥିଲା। ଏଥିସହ ଅପରାଧୀକୁ ଖୋଜି ବାହାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଥିଲେ। ତେବେ ଆଜି ୩ କୋର୍ଟକୁ ଧମକପୂର୍ଣ୍ଣ ଇମେଲ୍ ଆସିବା ପ୍ରସଙ୍ଗରେ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଏନେଇ ଜଣାପଡ଼ିବା ➪ପୃଷ୍ଠା-୬

### ନିରଞ୍ଜନଙ୍କ ଘରୁ ଚୋରି ମାମଲା

## ନିର୍ଦ୍ଦୋଷରେ ଲୁଟେରା ଖଲାସ

|ପଦାରେ ପଡ଼ିଲା ପୁଲିସ୍‌ର ଅପାରଗପଣିଆ|



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସାମ୍ନାକୁ ଆସିଲା ପୁଲିସର ପାରିବାପଣିଆ। ଡ୍ରାମା ପ୍ରବଳ ହେଲେ କାମ ଦୁର୍ବଳ। ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛି ହାଇ ପ୍ରୋଫାଇଲ ଚୋର। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଗତ ବର୍ଷ ଜୁନ୍‌ରେ ହୋଇଥିବା ଲୁଟ୍ ଘଟଣାରେ ଅଭିଯୁକ୍ତ ସତୀଶ ରେଡ୍ଡୀ ଓରଫ କରି ସ୍ପାଇଡର୍ ସତୀଶଙ୍କୁ ଜେଏମ୍‌ଏଫ୍‌ସି-୩ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ କୋର୍ଟ ଶୁଣାଣି କରିବା ସମୟରେ ପୁଲିସର ଅଭିଯୁକ୍ତ ବିରୋଧରେ ଠୋସ୍ ପ୍ରମାଣ ଦେଇପାରିନଥିବା କହିଛନ୍ତି। ଏହି ମାମଲାରେ ଆଜି ଗଣମାଧ୍ୟମ ଆଗରେ ପୁଲିସର ପୋଲ୍ ଖୋଲିଛନ୍ତି ସତୀଶ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ। ଗତ ବର୍ଷ ଜାନୁଆରୀ ୨୬ ତାରିଖ ରାତି ପ୍ରାୟ ସାଢ଼େ ୨ଟା ସମୟରେ ନିରଞ୍ଜନଙ୍କ ନୟାପଲ୍ଲୀସ୍ଥିତ ବାସଭବନରୁ ସୁନା ଅଳଙ୍କାର ସହ ଟଙ୍କା, ଦାମୀ ଘଡ଼ି ଆଦି ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଶତାଧିକ ସିସିଟିଭି ଯାଞ୍ଚ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା, ସନ୍ଧାନୀ କୁକୁରର ସନ୍ଧାନ ପରେ ଫେବ୍ରୁଆରୀ ୧୩ ତାରିଖରେ ସତୀଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ବହୁ ଆଡ଼ମ୍ବରରେ କ୍ରାଇମ ସିନ ରିକ୍ରିଏସନ ବି କରାଯାଇଥିଲା। ଗତବର୍ଷ ଏପ୍ରିଲ ➪ପୃଷ୍ଠା-୬



### କାନ ଡେରିଥା

ଯାତ୍ରା ପାର୍ଟିର ନାମୀ କଳାକାର
ମାଇଣ୍ଡ ଗେମ୍ ଖେଳନ୍ତି
ଏଗ୍ରିମେଣ୍ଟ କରି ମେଣ୍ଟାଲଙ୍କ ଭଳି
ମିଛ ଅଭିନୟ କରନ୍ତି
ହାତୀଦାନ୍ତ ଭଳି ଲାଗନ୍ତି...
ପ୍ରଚୁର ଅର୍ଥ ମିଳିଯିବା ପରେ
ନିଜ କାଢ଼ ସିଏ ଦେଖାନ୍ତି।

■ ଦେବାଶିଷ

# ନିର୍ବୁଦ୍ଧିଆ ପାଲଟୁଛନ୍ତି ଭବିଷ୍ୟପିଢ଼ି



- ଅଧା ସମୟ ସ୍କ୍ରିନ୍ ଆଗରେ ବିତାଉଛନ୍ତି
- ପିତାମାତାଙ୍କଠାରୁ ଆଇକ୍ୟୁ ସ୍ତର କମୁଛି
- ଜ୍ଞାନକୌଶଳକୁ ବ୍ୟବହାର କରିପାରିବେନି

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସାଧାରଣତଃ ପିଲାମାନେ ପିତା ମାତାଙ୍କ ଠାରୁ ଅଧିକ ବୁଦ୍ଧିଆ ହୋଇଥାନ୍ତି। ହେଲେ ଆମର ଭବିଷ୍ୟତ ପିଢ଼ି ବା ଜେନ୍-ଜି’ କୁହାଯାଉଛି ସେମାନେ ଧିରେ ଧିରେ ନିର୍ବୁଦ୍ଧିଆ ପାଲଟିବାରେ ଲାଗିଛନ୍ତି। ଆଉ ସେମାନଙ୍କୁ ନିର୍ବୁଦ୍ଧିଆ କରିବାରେ ମୁଖ୍ୟ ମାଧ୍ୟମ ପାଲଟିଛି ଆମର ଜ୍ଞାନକୌଶଳ ବା ଟେକ୍ନୋଲୋଜି। ପ୍ରଖ୍ୟାତ ସ୍ନାୟୁ ବୈଜ୍ଞାନିକ ଜୋରିକ ହର୍ବାଟ ଆମେରିକା ସିନେଟକୁ ଦେଇଥିବା ରିପୋର୍ଟରେ ଏହା ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି। ଏଥିରେ ଦର୍ଶାଯାଇଛି ବର୍ତ୍ତମାନର ଯୁବ ବର୍ଗ ନିଜର ପିତାମାତାଙ୍କ ଠାରୁ ବୌଦ୍ଧିକ ବିକାଶରେ ଧିରେ ଧିରେ ପଛରେ ପଡିବାରେ ଲାଗିଛନ୍ତି। ଏହା ଜାରି ରହିଲେ ଆଉ ୨୦ ବର୍ଷ ପରେ ନୂଆ ଉଦ୍ଭାବନ ଦେଖିବାକୁ ମିଳିବ ନାହିଁ। ସମସ୍ତ ପ୍ରକାର ଜ୍ଞାନକୌଶଳ ସତ୍ତ୍ୱେ ସେମାନେ ନିଜର ବୁଦ୍ଧି ଖଟାଇ ପାରିବେ ନାହିଁ। ଏହାର କାରଣ ହେଉଛି ବର୍ତ୍ତମାନର ଯୁବ ବର୍ଗ ସେମାନଙ୍କ ଅଧା ସମୟ ମୋବାଇଲ୍ ସ୍କ୍ରିନ କିମ୍ବା କମ୍ପ୍ୟୁଟର ସ୍କ୍ରିନ୍‌ରେ ବିତାଉଛନ୍ତି। ନିଜେ ମୁଣ୍ଡ ଖଟାଇବା ବଦଳରେ ଯନ୍ତ୍ର ଉପରେ ନିର୍ଭରଶୀଳ ହେଉଛନ୍ତି।

ପରିସ୍ଥିତି ଏଭଳି ହୋଇଛି ଯେ ଆଉ ୨୦ ବର୍ଷ ପରେ ଯୁବକମାନେ କୌଣସି ନୂଆ ଆବିଷ୍କାର କରିପାରିବେ ନାହିଁ। ଆଉ ୧୫ ବର୍ଷ ବୟସରେ ଜ୍ୟାକ ଆଣ୍ଡ୍ରାକାଙ୍କ ଭଳି କ୍ୟାନସର ମେଡିସିନ ତିଆରି କରିପାରିବେ ନାହିଁ। ବିଶେଷଜ୍ଞମାନେ ଏଭଳି ଆଶଙ୍କା ପ୍ରକାଶ କରିଛନ୍ତି। କାରଣ ଭବିଷ୍ୟତ ପୀଢ଼ିଙ୍କ ବୁଦ୍ଧି ଧିରେ ଧିରେ କମିବାରେ ଲାଗିଛି। ଚାରି ଦଶନ୍ଧି ତଳେ ବର୍ତ୍ତମାନର ଯୁବ ବର୍ଗଙ୍କ ପିତାମାତା ଯେତେ ସଂଖ୍ୟାରେ ଫୋନ୍ ନମ୍ବର ମନେ ରଖିପାରୁଥିଲେ ଏବେ ଆଉ ତାହା ନାହିଁ। ଏବେକାର ପିଲାମାନେ ଅତି ବେଶିରେ ୩/୪ ଫୋନ୍ ନମ୍ବର ମନେ ରଖିପାରୁଛନ୍ତି। ସେମାନେ ଫୋନ୍ ନମ୍ବର ଖୋଜିବାକୁ ମୋବାଇଲ୍ ଉପରେ ନିର୍ଭରଶୀଳ। ସେହିଭଳି ମୁଣ୍ଡ ଖଟାଇ ସାମାନ୍ୟ ଗଣିତର ସମାଧାନ କରିବା ବଦଳରେ କାଲକୁଲେଟର ଉପରେ ନିର୍ଭର କରୁଛନ୍ତି। ବିନା ଯନ୍ତ୍ରରେ ସାମାନ୍ୟ ଗଣିତର ସମାଧାନ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏମାନଙ୍କର ଆଇକ୍ୟୁ ସ୍ତର ମାତା ପିତାଙ୍କ ସ୍ତର ଠାରୁ କମ୍ ରହୁଛି।

୨୦୧୦ ପରଠାରୁ ବିଶ୍ୱର ➪ପୃଷ୍ଠା-୬

### ୫.୪୬ ଲକ୍ଷ ଛାତ୍ରଛାତ୍ରୀ ଦେବେ ମାଟ୍ରିକ ପରୀକ୍ଷା

## ଅନିୟମିତତା ରୋକିବାକୁ ୩୦୦୫ କେନ୍ଦ୍ରରୁ ସିଧା ପ୍ରସାରଣ

- ଅନଲାଇନ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ



**କଟକ,୬।୨(ସଂଚାର ବ୍ୟୁରୋ):** ଆସନ୍ତା ୧୯ ତାରିଖରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଅଧୀନରେ ମୋଟ ୫ ଲକ୍ଷ ୪୬ ହଜାର ୫୮୨ ଜଣ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଦେବେ। ସେମାନଙ୍କ ଆଡମିଟ୍ କାର୍ଡ ଇତିମଧ୍ୟରେ ବୋର୍ଡ ପକ୍ଷରୁ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇସାରିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍‌ଲାଇନ୍‌ରେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀଙ୍କୁ ଦେଇପାରିବେ। ଆଡମିଟ୍ କାର୍ଡରେ ତ୍ରୁଟି ଥିଲେ ପ୍ରଧାନଶିକ୍ଷକ ବୋର୍ଡକୁ ଅବଗତ ➪ପୃଷ୍ଠା-୬

ସଂଚାର SANCHAR



# ନଦୀ କୂଳରୁ ଅତଡ଼ା ଧସିଲା

## ଛୋଟ ଛୋଟ ପଥରରେ କାମ ହେଉଥିବା ଅଭିଯୋଗ

**ମହାକାଳପଡ଼ା,୬।୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କଂସାର ବଡ଼ବାଣ୍ଡୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଂସାର ଗ୍ରାମର ନଦୀ କୂଳରୁ ଅତଡ଼ା ଧସିଛି। ସୂଚନା ଥାଉକି ବିଜୟନଗର ଠାରୁ ବଗ ଗହଣ ଯାଏଁ ନଦୀ କୂଳର ସୁରକ୍ଷା ପାଇଁ ଲୁଣା ନଦୀ ତଟବନ୍ଧ ତରଫରୁ କୋଟିକୋଟି ଟଙ୍କା ବ୍ୟୟରେ ପଥର ବିଛା କାର୍ଯ୍ୟ ଚାଲିଛି। ଛୋଟ ଛୋଟ ପଥରରେ କାମ ହେଉଥିବାରୁ ଜଳସ୍ରୋତରେ ପଥର ଗୁଡ଼ିକ ଭାସି ଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଯାହା ଫଳରେ ନଦୀ କୂଳରୁ ଅତଡ଼ା ଧସିଛି। ଏମିତି ଘଟଣା ଦେଖିବାକୁ ମିଳିଛି କଂସାର ନଦୀବନ୍ଧ ନିକଟରେ। ଶହେ ମିଟର ଭଳି ନଦୀ ଅତଡ଼ା ଧସିପଡିଥିବା ଦେଖିବାକୁ ମିଳିଛି। ଛୋଟ ଛୋଟ ପଥରରେ ପଥର ବିଛା କାମ କରିବାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଘଟଣାରେ ପ୍ରଶାସନ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାହେଉଛି ତାହା ଦେଖିବାକୁ ବାକି ରହିଲା।

# ବିଧାୟକ ଶାରଦା ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ



**ମାହାଙ୍ଗା,୬।୨(ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଉଖୁମା ପଞ୍ଚାୟତ ଗସ୍ତ କରି କେନ୍ଦ୍ରାପଡ଼ା କେନାଲ ୬(ଘ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ପରେ ବରାହିପୁର ପଞ୍ଚାୟତ ଗସ୍ତ କରି କେନ୍ଦ୍ରାପଡ଼ା କେନାଲ ୬(ଚ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗର ଶୁଭ ଶିଳାନ୍ୟାସ କରିଥିଲେ। ଓଖଙ୍ଗ ପଞ୍ଚାୟତ ଗସ୍ତକରି କେନ୍ଦ୍ରାପଡ଼ା କେନାଲ ୬(ଘ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ ର ଶିଳାନ୍ୟାସ କରିବା ପରେ ଶେଷରେ ପୋଡାମରାଇ ପଞ୍ଚାୟତ ସିନ୍ଧୁପୁର ଓ ଏକରଣା ଠାରେ କେନ୍ଦ୍ରାପଡ଼ା କେନାଲ ୮(ଜି) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କରିଥିଲେ। ବିଶେଷ କରି ଏହି ୫ଟି କେନାଲ ନିର୍ମାଣ ହେବା ଫଳରେ ଉଖୁମା, ବରାହିପୁର, ଓଖଙ୍ଗ, ପୋଡାମରାଇ ପଞ୍ଚାୟତ ସହ ବହୁ ପଞ୍ଚାୟତର ଚାଷୀ ମାନେ ବିଲକୁ ଜଳସେଚନ କରିପାରିବେ। ଯାହା ଫଳରେ ଚାଷୀ ମାନେ ସଠିକ ଭାବେ ଚାଷ କରି ଭଲ ଅମଳ କରିପାରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ ଏସଡିଓ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ, ଜନିଅରଯନ୍ତ୍ରୀ କୃଷ୍ଣ କୁମାର ବେହେରା, ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ପ୍ରକାଶ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ କନକଲତା ବେହେରା, ଜିତେନ୍ଦ୍ର ଶତପଥି, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଧ୍ରୁବଚରଣ ସାମଲ, ମନୋରଞ୍ଜନ ନାୟକ, କିଶୋର ରାଉତ, ଅମୀୟ ରଞ୍ଜନ ପ୍ରଧାନ, ନିରଞ୍ଜନ ସାମଲ, ସଦାଶିବ ଦାସ, ଅଶୋକ ବିଶ୍ୱାଳ, ମନୋଜ ପାତ୍ର, ପବିତ୍ର ରାଉତ, ପବିତ୍ର ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ



**କେନ୍ଦ୍ରାପଡ଼ା,୬।୨(ସଂଚାର ବ୍ୟୁରୋ):** ଆସନ୍ତା ୨୦୨୭ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୧ ମସିହା ପରେ ୧୫ ବର୍ଷ ବ୍ୟବଧାନରେ ଜନଗଣନା ହେଉଥିବାରୁ ସଠିକ ଏବଂ ଦାୟିତ୍ୱବାନ ହୋଇ ଜନଗଣନା କାର୍ଯ୍ୟ କରିବାକୁ ବୈଠକରେ ଅଧକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ କହିଥିଲେ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକର ଉପନିର୍ଦ୍ଦେଶକ ଆରତୀ ନାୟକ, କେନ୍ଦ୍ରାପଡ଼ା ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସ, କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ମାନେ ଉପସ୍ଥିତ ଥିଲେ।

# ଥାନା ସମ୍ମୁଖରେ ମହାରଣା ବାବୁଙ୍କ ସଫେଇ କାର୍ଯ୍ୟ

**ମହାକାଳପଡ଼ା,୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ଥାନାର ଏଏସଆଇ ଦଶରଥ ମହାରଣା ଥାନା ସମ୍ମୁଖରେ ସଫେଇ କାର୍ଯ୍ୟ କରିଛନ୍ତି। ଥାନା ଆଗରେ ଜରି, କାଗଜ ଆଦି ଅଳିଆ ପଡିଥିବା ଦେଖି ସେ ନିଜେ ଝାଡୁ ଧରି ଅଳିଆ ଗୁଡିକୁ ସଫା କରିଥିବା ଆଜି ଦେଖିବାକୁ ମିଳିଛି।



ଥାନାର କାମ ବ୍ୟତୀତ ସ୍ୱଚ୍ଛତା ପ୍ରତି ମହାରଣା ବାବୁଙ୍କ ପ୍ରୟାସକୁ ସାଧାରଣରେ ପ୍ରଂଶସା କରାଯାଇଛି। ଦାଶରଥ ମହାରଣା ଜଣେ କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ପୁଲିସ ଅଫିସର ଭାବରେ ଥାନା ଅଞ୍ଚଳରେ ବେଶ୍ ଜଣାଶୁଣା।

# ପିଏମଶ୍ରୀ କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡା,୬।୨(ସଂଚାର ବ୍ୟୁରୋ):** ରାଜ୍ୟର ଅନ୍ୟତମ ପୁରୁଣା ହାଇସ୍କୁଲ ଭାବେ ପରିଚିତ ପିଏମଶ୍ରୀ କେନ୍ଦ୍ରାପଡା ସରକାରୀ ହାଇସ୍କୁଲର ଉତ୍ସବ ପ୍ରଧାନଶିକ୍ଷକ ମଦନ ମୋହନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତିକା ସ୍ୱାଇଁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ଼ଃ ବିଶ୍ୱ ପ୍ରକାଶ କାନୁନଗୋ, ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ପରିଚାଳନା ପରିଷଦର ସଭାପତି ମୁସ୍ତାକ ଖାନ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆକ୍ଷାଂଶି ଛାତ୍ର ପରିଷଦ ଦ୍ୱାରା ୪ଗୋଟି କ୍ଲବର ଯଥା-କ୍ରୀଡାଙ୍ଗନ, କୌଶଳୀ, ଜିଜ୍ଞାସା ଓ ସାହିତ୍ୟ ସୃଜନୀ ପ୍ରକଳ୍ପ ଗୁଡିକ ଏହି ଉତ୍ସବରେ ପ୍ରଦର୍ଶନ କରାଯାଇ ଥିଲା। ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡା ପୌରଧକ୍ଷା ଶ୍ରୀମତୀ ସରିତା ସାହୁ ମୁଖ୍ୟବକ୍ତା, ସ୍ଥାନୀୟ କାଉନସିଲର ରିହାନା ଖାତୁନ ପ୍ରମୁଖ ଯୋଗ ଦେଇ ସର୍ବ ପୁରାତନ ହାଇସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ହାଇସ୍କୁଲର ଉନ୍ନୟନ ମୁଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କେନ୍ଦ୍ରୀୟ ପଣ୍ୟାଗାରରେ ଭୟାବହ ଅଗ୍ନିକାଣ୍ଡ

**ମହାକାଳପଡ଼ା, ୬।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅଧୀନସ୍ଥ ମସାକଣି ପଡିଆ ରେ ଅବସ୍ଥିତ କେନ୍ଦ୍ରୀୟ ପଣ୍ୟାଗାରରେ ଆଜି ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପଣ୍ୟାଗାର ଭିତରେ ସଞ୍ଚିତ ସିଡ୍ ଅଏଲ୍‌ରେ ହଠାତ୍ ନିଆଁ ଲାଗିବାରୁ ଘଟଣାସ୍ଥଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଗ୍ନିକାଣ୍ଡ ପରେ ପଣ୍ୟାଗାର ମଧ୍ୟରୁ ଘନ ଏବଂ ବିଷାକ୍ତ ଧୂଆଁ ବାହାରିଥିବାରୁ ଆଖ



ପାଖ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଧୂଆଁର ପ୍ରଭାବରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଘଟଣାର ସୂଚନା ପାଇବା ସହିତ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଅନେକ ଘଣ୍ଟା ଧରି ପ୍ରଚେଷ୍ଟା ଜାରି ରଖି ନିଆଁକୁ ନିୟନ୍ତ୍ରଣ କରିଥିଲେ।ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ମିଳିନଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏହି ଅଗ୍ନିକାଣ୍ଡରେ କେତେ ପରିମାଣର ସମ୍ପତ୍ତି କ୍ଷତି ହୋଇଛି, ତାହାର ଆକଳନ କରାଯାଇ ନାହିଁ।

# ଶ୍ରୀ ବଳଦେବଜୀଉ ନର୍ସିଂ କଲେଜର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା, ୬।୨ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ କଜଳା ସ୍ଥିତ ବଳଦେବଜୀଉ ନର୍ସିଂ କଲେଜ ପୁରାତନ ଛାତ୍ର ଛାତ୍ରୀ ମାନେ ନୂତନ ବର୍ଷ ନର୍ସିଂ ଚାତ୍ର ଛାତ୍ରୀଙ୍କୁ କଲେଜକୁ ସ୍ୱାଗତ କରିଛନ୍ତି। ଏହି ସ୍ୱାଗତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜର ଚ୍ୟାରମ୍ୟାନ କଳାକାର ରାଉତ ସମ୍ମାନିତ ଅତିଥି ଭାବେ କଲେଜର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ ଓ ଅଧକ୍ଷା ମମତା ମଞ୍ଜରୀ ନାୟକ ଯୋଗଦାନ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ଅଧକ୍ଷା ମମତା ମଞ୍ଜରୀ ନାୟକ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରାଉତ କଲେଜରେ ନୂତନ ଭାବେ ଯୋଗଦାନ କରିଥିବା ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ କାମନା କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ସମାଜର ଆଦର୍ଶ ମାର୍ଗରେ ଯିବା ପାଇଁ ପେରିତ କରିଥିଲେ। ଏହି କାର୍ଯ୍ୟକର୍ମରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ପୁର୍ବତନ ଛାତ୍ର ଛାତ୍ରୀମାନେ ନୂତନ ବର୍ଷର ଅଧ୍ୟୟନ ପାଇଁ ଆସିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପ ପ୍ରଦାନକରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ପରେ ପୁରାତନ ଛାତ୍ର ଛାତ୍ରୀ ମାନେ ନୂତନ ବର୍ଷ ନର୍ସିଂ ଛାତ୍ର ଛାତ୍ରୀ ମାନଙ୍କୁ ପାଞ୍ଚୋଟି କାଉଟିକା ପ୍ରଶ୍ନ ପଚାରିବା ଆରମ୍ଭ କରିଥିଲେ। ଯେଉଁ ଛାତ୍ର ଛାତ୍ରୀ ପ୍ରଶ୍ନର ଉତ୍ତର ଦେଇ ପାରୁନଥିଲେ ସେମାନଙ୍କ ପାଇଁ ଶାସ୍ତି ଥିଲା ଲଟେରୀ ମାଧମରେ ଗୋଟେ ଚିରକୁଟି ଉଠାଇ ସେଥିଲେ ଯାହା ଲେଖାଥିବ ସେଥିରେ ଅଭିନୟ ହେଉ କି ନାଚ ଓ ଗୀତ ପରିବେଷଣ କରିଥିଲେ।

# ଧାନ କିଣାବିକାରେ କଟନି ଛଟନି ଓ ମିଲର ଉପରେ ନଜର ରଖିବାକୁ ଆଲୋଚନା



**କେନ୍ଦ୍ରାପଡା,୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ ଗୋଟି ପ୍ୟାକ୍ସରେ ଚାଷୀମାନେ କିଭଳି ସୁରୁଖୁରୁରେ ଧାନ ବିକ୍ରୟ କରି ଧାର୍ଯ୍ୟ ମୂଲ୍ୟ ପାଇ ପାରିବେ ଓ କୌଣସି କଟନି ଛଟନିକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକରେ ନିଷ୍ପତି ନିଆଯାଇଛି। ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଖଣି ଖାଦାନ ଗୁଡିକରେ ବେଆଇନ ଓ ଚୋରା ବାଲି, ମାଟିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ରାଜନଗର, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ପ୍ରଭୃତି ନଦୀକୂଳିଆ ଅଂଚଳରେ ଥିବା ଗାଧୁଆ ତୁଠ ମାନଙ୍କରେ କୁମ୍ଭୀର ଆକ୍ରମଣ ଭୟ ଥିବାରୁ ଲୋକ ମାନଙ୍କ ସୁରକ୍ଷା ପାଇଁ ବାଡ ଦେବା ଉପରେ ନିଷ୍ପତି ନିଆଯାଇଛି। ଏହା ସହ ଜମି କିଣାବିକା ପାଇଁ ସରକରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୂତନ ମୂଲ୍ୟ ଉପରେ ଆଲୋଚନା କରାଯାଇଛି। ଏଥି ସହିତ ବିଭିନ୍ନ ତହସିଲ ଗୁଡିକରେ ମାର୍ଚ୍ଚ ମାସ ସୁଦ୍ଧା ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଅଧିକ କରିବା ଉପରେ ଆଲୋକପାତ କରାଯାଇଛି। ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରା ମଦ ବିକ୍ରି ହେଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏହାକୁ ସଂପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ଉପ ଜିଲ୍ଲପାଳ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଖଣି ଅଧିକାରୀ ଅବକାରୀ ଅଧିକ୍ଷକ, ଜିଲ୍ଲା ନିବନ୍ଧକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଓଲାଭର କଲେଜର ବାର୍ଷିକୋତ୍ସବ

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ବଦନାମ କରୁଛି କଲେଜ

**ରାଜକନିକା,୬।୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ସର୍ବ ପୁରାତନ ଓଲାଭର କଲେଜର ୫୧ତମ ବାର୍ଷିକୋତ୍ସବ ପାଳନ ବେଳେ ନାନାଦି ଅନିୟମିତତା ଥିବାରୁ ପୁରାତନ ଛାତ୍ର, ଅଧ୍ୟୟନରତ ଛାତ୍ରଛାତ୍ରୀ, ଅଭିଭାବକ,ନିମନ୍ତ୍ରିତ ଅତିଥି ସହିତ କଲେଜକୁ ଭଲ ପାଉଥିବା ବହୁ ବ୍ୟକ୍ତି ବିଶଷ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି।

ଖବର ମୁତାବକ ଆଜି ଥିଲା କଲେଜର ବାର୍ଷିକୋତ୍ସବ। ଏଥିପାଇଁ ବହୁ ଆଗରୁ ନିମନ୍ତ୍ରଣ ଅତିଥି ତାଲିକାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଲେଖା ଥିବା ବେଳେ ପ୍ରବେଶ ତୋରଣରେ ମନ୍ତ୍ରୀଙ୍କ ଫଟୋ ବି ଲାଗିଥିଲା। ଏହା ସହିତ ଜିଲ୍ଲାପାଳଙ୍କ ସହିତ ଅନ୍ୟାନ୍ୟ ଅତିଥିଙ୍କ ନାମ ବି ଥିଲା। ହେଲେ ସଭା କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବା ପରେ ବି ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଦେଖା ନ ମିଳିବାରୁ ନିରାଶ ହୋଇଥିଲେ ବହୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ର , ଅଭିଭାବକ ଓ ଅଞ୍ଚଳବାସୀ। ଯେହେତୁ ମନ୍ତ୍ରୀଙ୍କୁ ଶୁଣିବାକୁ ଉତ୍ସୁକତାର ସହ ଉପସ୍ଥିତ ଥିବା ଲୋକେ ଅସନ୍ତୋଷ ବଖାଣି ଥିଲେ।



**ଓଡିଆ ଅସ୍ମିତାର ଧଜିଆ ଉଡେଇଲା କଲେଜ**

ଏ ସମ୍ପର୍କରେ କଲେଜର ଭାରପ୍ରାପ୍ତ ଅଧକ୍ଷ ମୁରଲୀଧର କର କିନ୍ତୁ ଅଜବ ଉତ୍ତର ଦେଇଥିଲେ ଯେ ମନ୍ତ୍ରୀଙ୍କ ଠାରୁ ଆମେ କୌଣସି ସମ୍ମତି ପତ୍ର ହସ୍ତଗତ ହୋଇ ନ ଥିଲା। ତେବେ ଏଭଳି ଏକ ମର୍ଯ୍ୟାଦା ସମ୍ପନ୍ନ କଲେଜର ବାର୍ଷିକୋତ୍ସବରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ବିଧି ବଦ୍ଧ ଭାବେ ଆମନ୍ତ୍ରଣ ନ କରିବା କଲେଜ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ପଦାରେ ପକାଇଛି। ସବୁଠାରୁ ଚକିତ କଲାଭଳି କଥା ହେଉଛି କଲେଜର ବାର୍ଷିକୋତ୍ସବରେ ସ୍ଥାନୀୟ ଦୁଇ ଜନପ୍ରତିନିଧି, ପଞ୍ଚାୟତ ସମିତି ଅଧକ୍ଷାଙ୍କୁ ଅଣଦେଖା କରିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଏହା ସହିତ ସରକାର ଓଡିଆ ଅସ୍ମିତାକୁ ପ୍ରାଥମିକତା ଦେଇ ଓଡିଆ ଭାଷା ସରକାରୀ ଭାବେ ବ୍ୟବହାର କରିବାକୁ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ କିନ୍ତୁ ଏଇ ଉତ୍ସବରେ ଖୋଦ୍ ଅଧକ୍ଷ ଓ ଅଧାପକ, ଅଧାପିକାଙ୍କ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଭାଷଣ ସାଧାରଣରେ ଆଲୋଚନାର ବିଷୟ ପାଲଟିଥିଲା।

ଗତବର୍ଷ ବି ବାର୍ଷିକୋତ୍ସବ ମଞ୍ଚରେ କଲେଜ ଅଧକ୍ଷ, ଅଧାପକ, ଅଧାପିକା "ହଳଦୀଗିନା ....... ଗୀତରେ ନୃତ୍ୟ କରି ସାଧାରଣରେ ସମାଲୋଚିତ ହୋଇଥିବା ବେଳେ ଚଳିତ ବର୍ଷ ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି।

# ବର୍ଷିଆନ ନେତା କୃତିବାସ ପାତ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



**ପଟ୍ଟାମୁଣ୍ଡାଇ,୬।୨(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନମଣ୍ଡଳୀର ବର୍ଷିଆନ ନେତା ବିଧାୟକ ପ୍ରାର୍ଥୀ, କୃଷି ଶିଳ୍ପ ନିଗମ ପ୍ରାକ୍ତନ ଅଧକ୍ଷ ତଥା ରାଜନଗର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ କୃତିବାସ ପାତ୍ରଙ୍କ ଆଜି ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ରାଜନଗର ଓ ପଟ୍ଟାମୁଣ୍ଡାଇ ଅଂଚଳର ବିକାଶ ପାଇଁ ସଂଗ୍ରାମ କରିଆସୁଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଡ଼ ଅଲେଖ ଜେନା, ଅଂଶୁମାନ ମହାନ୍ତି, ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ବରିଷ୍ଠ ନେତା ଡା ବାସୁଦେବ ପାତ୍ର, ବର୍ଷିଆନ ନେତା ନୃସିଂହ ଆଚାର୍ଯ୍ୟ, ବିଜୟ କେତନ ସ୍ୱାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭୁବନେଶ୍ୱରରୁ ତାଙ୍କ ମର ଶରୀର ରାଜନଗର ଅଭିମୁଖେ ଯିବାବେଳେ ପଟ୍ଟାମୁଣ୍ଡାଇର ବିଭିନ୍ନ ସ୍ଥାନରେ ଦିବଂଗତ ନେତା କୃତିବାସ ପାତ୍ରଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପଟ୍ଟାମୁଣ୍ଡାଇ ମେଡିକାଲ ଛକ ଠାରେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ରାଜ୍ୟ ମହିଳା ବିଜେଡି ଉପସଭାପତି ରିଜୁୱାନା ବେଗମଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦିବଂଗତ ନେତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି। ବର୍ଷିଆନ ଲଢୁଆ ନେତା କୃତିବାସ ପାତ୍ରଙ୍କ ବିୟୋଗରେ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ସମାଜସେବୀଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଦିବସ

**ନିଶ୍ଚିନ୍ତକୋଇଲି,୬।୨(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉମର ପଞ୍ଚାୟତ ଓସ୍ତପୁର ଅଞ୍ଚଳର ବିଶିଷ୍ଟ ସମାଜସେବୀ ସମବାୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅବିଭକ୍ତ ଗୋତରା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଦୁର୍ଗାଚରଣ ସାହୁଙ୍କ ତୃତୀୟବାର୍ଷିକ ଶ୍ରାଦ୍ଧ ଦିବସ ଅବସରରେ ଏକ ସ୍ମୃତି ସଭା ଓସ୍ତପୁର ଠାରେ ଦୀନବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ସଭାରେ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ମନମୋହନ ମହାପାତ୍ର, କବି ପ୍ରଫୁଲ୍ଲ ସିଂହ, ସତ୍ୟାନନ୍ଦ ସାହୁ, ସୁକାନ୍ତ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ରଞ୍ଜନ ପ୍ରଧାନ, ଉମେଶ ସାହୁ, ସନ୍ତୋଷ ସାହୁ, ଜ୍ଞାନେନ୍ଦ୍ର ସାହୁ, ସ୍ୱର୍ଗତ ସାହୁଙ୍କ ପୁତ୍ର ସରୋଜ ସାହୁ, ଅଭୟ ସାହୁ ପ୍ରମୁଖ ସ୍ମୃତିସଭାରେ ଯୋଗ ଦେଇ ସ୍ୱର୍ଗତ ସାହୁଙ୍କ ସମୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ଓ ତାଙ୍କର ଅଭୁଲା ସ୍ମୃତି ସମ୍ପର୍କରେ ଆଲୋକପାତ କରିଥିଲେ।

### ୫୩ନଂ ଜାତୀୟ ରାଜପଥରେ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ଦାବି

# ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବୁଦ୍ଧିଜୀବୀ

**କେନ୍ଦ୍ରାପଡ଼ା,୬।୨(ସଂଚାର ବ୍ୟୁରୋ):** ପାରାଦୀପ-ଚଣ୍ଡିଖୋଲ ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଠାରେ ଦ୍ୱିତୀୟ ଓଭରବ୍ରିଜ ନିର୍ମାଣ ପାଇଁ କେନ୍ଦ୍ରାପଡାର ବିଭିନ୍ନ ସମାଜକଲ୍ୟାଣ ସଂଗଠନ ପକ୍ଷରୁ ଦାବି କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଦୁହୁରିଆ ଛକ କେନ୍ଦ୍ରାପଡାର ପ୍ରବେଶ ଦ୍ୱାର ହୋଇଥିବା ବେଳେ ଏହାର ପୂର୍ବରେ ଭଦ୍ରକ ଜିଲ୍ଲା, ପଶ୍ଚିମରେ କଟକ ଜିଲ୍ଲା, ଉତରରେ ଯାଜପୁର ଜିଲ୍ଲା ଓ ଦକ୍ଷିଣରେ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରୁଅଛି। ୫୩ନମ୍ବର ଜାତୀୟ ରାଜପଥଟି ଦୁହୁରିଆ ଛକରେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅତିକ୍ରମ କରୁଅଛି। ଏହି ଛକ ଦେଇ ଯାଇଥିବା ରାସ୍ତାଟି ଭଦ୍ରକ ଜିଲ୍ଲାର ଧାମରା ବନ୍ଦର ସମେତ କେନ୍ଦ୍ରାପଡା ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଭିତରକନିକା ଜାତୀୟ ଉଦ୍ୟାନ, ପୁରାତନ କୀର୍ତ୍ତିରାଜି ହୁକିଟୋଲା, ପୁରୀ ଶ୍ରୀକ୍ଷେତ୍ରର ଜଗନ୍ନାଥଙ୍କ ବଡଭାଇ ତୁଳସୀକ୍ଷେତ୍ରର ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପ୍ରଭୃତିକୁ



ସଂଯୋଗ କରୁଅଛି। ଦୁହୁରିଆ ଏକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣର ଅତ୍ୟନ୍ତ ଆବଶ୍ୟକତା ରହିଛି। ଯଦି ଏହା କରାନଯାଏ ତାହାହେଲେ ଏଠାରେ ପ୍ରତିଦିନ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ନେବ। ଫଳରେ ଦୈନିକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନହାନୀ ଘଟିବ।

ଏହି ସମସ୍ୟା ସୃଷ୍ଟି ହେବା ପରେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହାସହ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ଜାତୀୟ ରାଜପଥ କର୍ତୃପକ୍ଷ ଘଟଣାସ୍ଥଳକୁ ଆସି ପ୍ରତିଶୃତି ଦେଇଥିଲେ ଯେ ଏଠାରେ ଦୁଇଟି ଅଣ୍ଡରପାସ ନିର୍ମାଣ ହେବ। କିନ୍ତୁ ଏବେ ଜାତୀୟ ରାଜପଥ କର୍ତୃପକ୍ଷ ନିଜ ପ୍ରତିଶୃତିରୁ ଓହରି ଯାଉଛନ୍ତି। ଏହାଦ୍ୱାରା ଜନସାଧାରଣଙ୍କ ଦୁର୍ଦ୍ଦଶା କେତେଯେ ବଢିଝିବ ତାହା କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଦୁଇଟି ଅଣ୍ଡରପାସ ନିର୍ମାଣ କରାଯିବା ପାଇଁ ଜନସାଧାରଣ ଜିଲ୍ଲାପାଳ, ରାଜସ୍ୱ ଆୟୁକ୍ତ, ମୁଖ୍ୟଶାସନ ସଚିବ, କେନ୍ଦ୍ରାପଡା ସାଂସଦ,ବିଧାୟକ ପ୍ରଭୃତିଙ୍କୁ ଅବଗତ କରାଇଥିଲେ। କିନ୍ତୁ ଦୁଃଖର କେନ୍ଦ୍ରାପଡା ସାଂସଦ ଏସମ୍ପର୍କରେ ପଦୁଟିଏ ବି ମୁହଁ ଖୋଲୁ ନାହାନ୍ତି। ଏହାଦ୍ୱାରା ଚାରୋଟି ଜିଲ୍ଲାର ଲୋକମାନେ ଛଟପଟ ହେବେ ବୋଲି ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

କୃଷକ ବିକାଶ ପରିଷଦ ସଭାପତି ଆଇନଜୀବୀ ବିଜୟ କୁମାର ପରିଡାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତ, ଉପସଭାପତି ହାଡିବନ୍ଧୁ ସିଂ, ଆଇନଜୀବୀ ବିଧୁଭୂଷଣ ମହାପାତ୍ର, ସନାତନ ମୁଦୁଲି, ଭାବଗ୍ରାହୀ ସାହୁ, ସୁଶାନ୍ତ କୁମାର ମହାନ୍ତି, ଗଗନବିହାରୀ ଦାସ, ଶୁକାନ୍ତ କୁମାର ପାତ୍ର, ଚୈତନ୍ୟ ଚରଣ ମଲ୍ଲିକ, ଅଙ୍କିତା ମିଶ୍ର, ନିହାରରଞ୍ଜନ ମହାପାତ୍ର,ଅକ୍ଷୟ କୁମାର ସେଠୀ, ବିଜୟ କୁମାର ବେହେରା ପ୍ରମୁଖ ସ୍ୱାକ୍ଷର କରିଛନ୍ତି।

# ସାନ୍ଧ୍ୟ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଶିବିର



**କେନ୍ଦ୍ରାପଡ଼ା,୬।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ତିନିଦିନ ଧରି ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ସେବା ଶିବିର ଉଦଘାଟିତ ହୋଇଯାଇଛି। ଏହି ଶିବିରକୁ ଉଦଘାଟକ ଭାବେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ ଆଜିର ସମୟରେ ପ୍ରକୃତିର ସନ୍ତୁଳନ ରହୁନାହିଁ। ଖରା ହେଉ ବା ବର୍ଷା ଠିକ ସମୟରେ ହେଉ ନାହିଁ। ଆବଶ୍ୟକ ଠାରୁ ଅଧିକା ହେଉଛି ଯାହାଫଳରେ ପ୍ରକୃତି ତାର କରାଳ ରୂପ ଦେଖାଉଛି। ଏହି ସମୟରେ ଆମେ ସଚେତନ ହେବାର ଆବଶ୍ୟକ ରହିଛି। ବିଶେଷ କରି ଯୁବ ପିଢ଼ି ସଚେତନ ହେବା ଆବଶ୍ୟକ। ଜାତୀୟ ସେବା ଯୋଜନାରେ ବହୁତ ଛାତ୍ରଛାତ୍ରୀମାନେ ନିଜକୁ ସାମିଲ କରି ମୁଁ ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବ୍ରତୀ ହୋଇ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି। ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯୟ ସମୟରେ ଏହି ଯୁବବର୍ଗଙ୍କୁ କଲେଜରେ ଦିଆ ଯାଇଥିବା ପ୍ରଶିକ୍ଷଣ କାମରେ ଆସିଥାଏ ବୋଲି ଶ୍ରୀମତୀ ବାରିକ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଡିଏନଓ ଡ଼ ପଦ୍ମଜା କବି ଶତପଥୀ, ପ୍ରିଶିକ୍ଷକ ବିରଜା ପ୍ରସାଦ ପତି, ଓସଡ଼ମାର ମାଷ୍ଟର ଟ୍ରେନର ଦୁର୍ଯ୍ୟୋଧନ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆନ୍ତ ମହାବିଦ୍ୟାଳୟ ଜିଲ୍ଲାସ୍ତରୀୟ ସେବା ଶିବିରରେ ୨୫୦ଜଣ ସ୍ୱେଚ୍ଛାସେବୀ ଓ ୨୦ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶ ଗ୍ରହଣ କରିଥିଲେ। ଅଧାପକ ଶିଶିରକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମ ଅଫିସର ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ସଞ୍ଚଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଲଟ୍ ବୁକିଂ ଶେଷ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଶୁଣାଣି ପାଇଁ ସ୍ଲଟ ବୁକିଂ ଆଜି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆସନ୍ତା ସୋମବାର ସାକ୍ଷାତ ଅଭିଯୋଗ ପାଇଁ ଆଜି ପୂର୍ବାହ୍ନ ୧୧ଟାରୁ ସ୍ଲଟ୍ ବୁକିଂ ବା ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଆଜି ଅପରାହ୍ନ ୫ଟା ସୁଦ୍ଧା ଧାର୍ଯ୍ୟ ଏକ ହଜାର ଜଣ ଅଭିଯୋଗକାରୀ ନିଜ ନିଜର ସ୍ଲଟ୍ ବୁକିଂ କରିଥିବା ଜଣାଯାଇଛି। ଏହି ଅଭିଯୋଗକାରୀମାନେ ସେମାନଙ୍କ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ସହ ୟୁନିଟ୍-୨, ଅଶୋକ ନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଅଭିଯୋଗ ପ୍ରକୋଷ୍ଠରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଅଭିଯୋଗ ଜଣାଇବାକୁ କୁହାଯାଇଛି।

## ପୁରୁଣା ଗାଡ଼ି କିଣାବିକା ନେଇ ସତର୍କ କଲା ଏସ୍‌ଟିଏ

### ଦଲାଲ, ଏଜେଣ୍ଟଙ୍କୁ ଟଙ୍କା ନ ଦେବାକୁ ପରାମର୍ଶ

**କଟକ/ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ ବ୍ୟବହୃତ (ପୁରୁଣା) ଯାନବାହନ କିଣାବିକା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କ୍ରେତା ଓ ବିକ୍ରେତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ), ଓଡ଼ିଶା ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

ଏସ୍‌ଟିଏ ପକ୍ଷରୁ କୁହାଯାଇଛି ଯେ ବ୍ୟବହୃତ ଗାଡ଼ି ବିକ୍ରି କିମ୍ବା କ୍ରୟ ଯେପରି ଡିଲରଙ୍କ ମାଧ୍ୟମରେ କରାଯାଉଛି, ଉକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହେବା ବାଧ୍ୟତାମୂଳକ। ବିନା ସ୍ୱୀକୃତିରେ କୌଣସି ଡିଲର ଯାନବାହନ କିଣାବିକା କରିବା ମୋଟର ଯାନ ଆଇନ୍ ଅନୁଯାୟୀ ବେଆଇନ। ଗାଡ଼ି ବିକ୍ରି ପାଇଁ ଡିଲରଙ୍କୁ ଦେବା ସମୟରେ ଡିଲରଙ୍କ ନାମରେ ଡିମ୍ଡ ଓନରଶିପ୍ ହେବା ଆବଶ୍ୟକ।

ଏହା ଗାଡ଼ି ବିକ୍ରି ଅବଧିରେ ଘଟୁଥିବା କୌଣସି ଅଘଟଣ ପାଇଁ ମୂଳ ଗାଡ଼ି ବିକ୍ରେତାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଠକେଇ ସମ୍ଭାବନା କୌଣସି ଅଭିଯୋଗର ତଦନ୍ତ ପ୍ରକ୍ରିୟାରେ ମଧ୍ୟ ସହାୟକ ହୋଇଥାଏ। ସେହିପରି ବ୍ୟବହୃତ ଗାଡ଼ି କିଣିବା ସମୟରେ ସମ୍ପୃକ୍ତ ଡିଲର ପରିବହନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଥିବା ନେଇ ନିଶ୍ଚିତ ହେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପରିବହନ ବିଭାଗର ବାହନ ପୋର୍ଟାଲରେ ପ୍ରତ୍ୟେକ ଆର୍‌ଟିଓ ଅଧୀନରେ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ତାଲିକା ମଧ୍ୟ ଉପଲବ୍ଧ ରହିଛି।

ଏହାଛଡ଼ା ଏହି ପୁରୁଣା ଗାଡ଼ିର ମାଲିକାନା ହସ୍ତାନ୍ତର, ନୂଆ ଗାଡ଼ି ପଞ୍ଜିକରଣ, ପୁନଃ ପଞ୍ଜିକରଣ ସହ ସମସ୍ତ ପରିବହନ ସେବା ପାଇଁ କେବେ ବି କୌଣସି ଦଲାଲ କିମ୍ବା ଏଜେଣ୍ଟଙ୍କୁ ବେଆଇନ ଭାବେ ଟଙ୍କା ଦିଅନ୍ତୁ ନାହିଁ। କୌଣସି ପ୍ରକାର ଠକାମିର ଶିକାର ହେଲେ, ପୁଲିସ କିମ୍ବା ଆର୍‌ଟିଓରେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଛି।

# ଟେକ୍ନୋଲୋଜି ସହଯୋଗରେ ହେବ ବିକାଶ

**● ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବାକୁ ରାଜ୍ୟର ପ୍ରାମର୍ଶ**

**● ଜିଏଫଟିନ, ଏସିକନ ଓ ସେଚଲିନ ସହ କଥା ହେଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଏଠାରେ ଶେଷ ହୋଇଥିବା ଦୁଇଦିନିଆ ବ୍ଲାକସ୍ୱାନ ସମ୍ମିଳନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସ ଟେକ୍ନୋଲୋଜି (ଜିଏଫଟିଏନ)ଅଧ୍ୟକ୍ଷ ରବି ମେନନ, ଏସିକନ ସିଇଓ ମାଇକେଲ ସେଚଲିନ ଓ ଆଣ୍ଟ ଇଣ୍ଟରନ୍ୟାସନାଲର ଅଧ୍ୟକ୍ଷ ଡୁଗଲାସ ଫିଗିନଙ୍କ ସହ ରାଜ୍ୟରେ ଡିଜିଟାଲ ଅର୍ଥନୀତିର ବିକାଶ ନେଇ ଆଲୋଚନା କରିଛନ୍ତି।



ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଗତ ଦୁଇ ମଧ୍ୟରେ ରୂପାନ୍ତରଣ ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟରେ ଭିତ୍ତିଭୂମିର ବିକାଶ ସହ ସାଧାରଣ ଲୋକଙ୍କ ସଖକ୍ତିକରଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ମହିଳା ଓ ଚାଷୀଙ୍କ ଅର୍ଥନୈତିକ ବିକାଶକୁ ପ୍ରାଥମିକତା ଦେଉଛନ୍ତି ସରକାର। ବିଭିନ୍ନ ଔଦ୍ୟୋଗିକ ମଡେଲ ଜରିଆରେ ଯୁବ ଓ ମହିଳାଙ୍କୁ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଏହି ବିଜନେସ ଲିଡରଙ୍କୁ ପ୍ରସ୍ତାବ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ଜିଏଫଟିଏନ ଅଧ୍ୟକ୍ଷ କହିଥିଲେ ଯେ, ପ୍ରଥମ ବ୍ୟାଚରେ ଓଡିଶାର ୧୯୫ଜଣ ଶିକ୍ଷାର୍ଥୀଙ୍କୁ ଫିନଟେକରେ ଦକ୍ଷତା ତାଲିମ ଦିଆଯାଇଛି। ତାଲିମ ପରେ ସେମାନେ ବିଭିନ୍ନ କର୍ପୋରେଟ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସିଙ୍ଗାପୁର ଓ ବିଦେଶର ଅନ୍ୟ ଦେଶରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଓଡିଶା ସହ ଜିଏଫଟିନର ସହଭାଗିତାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ସେମାନେ ଦକ୍ଷ ଯୁବକଙ୍କୁ ସଫଳ ଉଦ୍ୟୋଗୀ ହେବାକୁ ସହଯୋଗ କରାଯିବ। ଏବଂ ଓଡିଆ ଯୁବକଙ୍କ ପାଇଁ ଜିଏଫଟିନ ବୁଟକ୍ୟାମ୍ପ ମାନ କରିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟ ପ୍ରତିନିଧିମାନେ କିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ମଡେଲ୍ ବୁଲି ଦେଖିଥିଲେ। ଏସଏଚଜିଗୁଡ଼ିକ ଭଲ କାମ କରୁଛନ୍ତି। ତେଣୁ ମହିଳା ଏସଏଚଜିଙ୍କୁ ସହାୟତା ଦେବାକୁ ଏସିକନର ସିଇଓ ମାଇକେଲ ସେଚଲିନ ଓ ଆଣ୍ଟ ଇଣ୍ଟରନ୍ୟାସନାଲର ଅଧ୍ୟକ୍ଷ ଡୁଗଲାସ ଫିଗିନ ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଜିଏଫଟିଏନର ଅଧ୍ୟକ୍ଷ ରବି ମେନନ ସିଙ୍ଗାପୁରର ଜଳବାୟୁ ପରିବର୍ତ୍ତନ ଆକ୍ସନ କମିଟିରେ ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ସେହିପରି ଅନ୍ତର୍ଜାତୀୟ ଆର୍ଥିକ ପରିଚାଳନା ଓ ଜନସେବାରେ ୩୦ ବର୍ଷର ଅଭିଜ୍ଞତା ଥିବା ମାଇକେଲ ସେଚଲିନଙ୍କ ସହଜ ଆର୍ଥିକ ପରିଚାଳନରେ ବ୍ୟାପକ ଅନୁଭୂତି ରହିଛି। ଏହାଛଡ଼ା ଯୁବ ବର୍ଗକୁ ବିଭିନ୍ନ ଯାନ୍ତ୍ରିକ ସହାୟତା ଜରିଆରେ ସଶକ୍ତ କରିବା ସକାଶେ ଆଣ୍ଟ ଇଣ୍ଟରନ୍ୟାସନାଲର ଅଧ୍ୟକ୍ଷ କହିଛନ୍ତି।

**ପୁଣି ଝିଟାଇଲେ ନାଣ୍ଟୁ**

# ଜୀବନ ପ୍ରତି ବିପଦ ଥିବାରୁ ମଞ୍ଚ ଚଢ଼ିବେନି ସାଇ

**ବାଲିପାଟଣା,୬।୨(ସଂଚାର ବ୍ୟୁରୋ):** ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ବାବୁଙ୍କ ପିଛା ଛାଡୁନାହିଁ ବିବାଦ। ପୁଣିଥରେ ବିବାଦର ଅଡୁଆ ସୂତାରେ ଛନ୍ଦିହୋଇଛନ୍ତି ଏହି ତୁଳସୀ ଗଣନାଟ୍ୟ ମାଲିକ। କଳାକାରଙ୍କୁ ନିର୍ଯାତନା ଦେଉଥିବା ନେଇ ତାଙ୍କ ବିରୋଧରେ ଥାନାରେ ଏତଲା ହୋଇଛି। ତାଙ୍କ ବିରୋଧରେ ଗ୍ରୀନ୍‌ରୁମରେ ଜନୈକ ଅଭିନେତାଙ୍କୁ ଧମକଚମକ ଦେଉଥିବା ନେଇ ଅଭିଯୋଗ ଆସିଛି। ଏଭଳି ଅଭିଯୋଗ କରିଛନ୍ତି ତୁଳସୀ ଗଣନାଟ୍ୟରେ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ସାଇ ସତ୍ୟଜିତ୍ ପଣ୍ଡାଙ୍କ ମା' ପଦ୍ମିନୀ ଦାଶ। ଏନେଇ ସେ ଭୁବନେଶ୍ୱର ଉପକଣ୍ଠ ବାଲିପଟଣା ଥାନାରେ

**ଥାନାରେ ଏତଲା ଦେଲେ ମା'**

ଏକ ଏତଲା ମଧ ଦେଇଛନ୍ତି। ଏଥିସହ ତାଙ୍କ ପୁଅ ସାଇଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ଆଜିଠାରୁ ଖଣ୍ଡଗିରିରେ ଯାତ୍ରା ମଞ୍ଚକୁ ଚଢ଼ିବେନି ବୋଲି ମଧ ପଦ୍ମିନୀ ସ୍ପଷ୍ଟ କରିଦେଇଛନ୍ତି।

ପଦ୍ମିନୀଙ୍କ ଅଭିଯୋଗ ଅନୁଯାୟୀ, କ ନାଣ୍ଟୁ ବାବୁ ତାଙ୍କ ପୁଅ ସାଇଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ଗତ ୫/୬ ଦିନ ହେଲା ସେ ଧମକଚମକ ଦେଇଆସୁଛନ୍ତି। ଏପରିକି ଯାତ୍ରା ଚାଲୁଥିବା ସମୟରେ ସେ ଗ୍ରୀନ ରୁମକୁ ଆସି କାମ କରାଇ ଦେଉନାହାନ୍ତି। ଫଳସ୍ୱରୂପ ଗତକାଲି ମାନସିକ ଚାପ ସହ୍ୟ କରି ନପାରି ସାଇ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସାଥୀ



କଳାକାରମାନେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରିବାର ଲୋକ ସକାଳୁ ଏନେଇ ଜାଣିବା ପରେ ସାଇଙ୍କୁ ଖଣ୍ଡଗିରିରୁ ଆଣିଛନ୍ତି। ତେବେ ଏତେ ବଡ଼ ଘଟଣା ଘଟିଯାଇଥିଲେ ମଧ ଯାତ୍ରା ପାର୍ଟି ପକ୍ଷରୁ ସାଇଙ୍କ ପରିବାରକୁ କୌଣସି ସୂଚନା ଦିଆନଯିବା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ପଦ୍ମିନୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ବର୍ଷ ନାଣ୍ଟୁବାବୁ ହାସ୍ୟ ଅଭିନେତା ନରୀ ପଣ୍ଡାକୁ ମାଡ଼ ମାରିଥିବା ନେଇ ଅଭିଯୋଗ ଆସିବା ପରେ ସେ ଚର୍ଚ୍ଚାକୁ ଆସିଥିଲେ। ନାଣ୍ଟୁ ବାବୁ ତାଙ୍କ ହୋଟେଲକୁ ଡାକି ନରିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ବେଳେ କିଛି ଦିନ ପରେ ନାୟିକା ମାମୁନିଙ୍କୁ ମଧ ସେ ମାନସିକ ଓ ଶାରିରୀକ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏବେ ତାଙ୍କ ବିରୋଧରେ ଆସିଥିବା ନୂଆ ଅଭିଯୋଗ କେଉଁ ମୋଡ଼ ନେଉଛି, ତା' ଦେଖିବାର କଥା।

### ପରିମଳ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ

## ଗୋଷ୍ଠୀ ସହଯୋଗ ଉପରେ ବିଏମ୍‌ସିର ଗୁରୁତ୍ୱ



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ଆଜି କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ପରିମଳ ପରିଚାଳନା କାର୍ଯ୍ୟର ସମୀକ୍ଷା କରାଯାଇଛି। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ଜୋନାଲ କମିଶନର, ବହୁ ବରିଷ୍ଠ ଅଧିକାରୀ, ସମସ୍ତ ୱାର୍ଡର ଏସଆଇ, ସ୍ୱଚ୍ଛ ସୁପଭାଇଜର ଓ ସାନିଟେସନ ଏଜେନ୍ସିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବର୍ଜ୍ୟ ପରିଚାଳନାରେ ନେଇ ଶ୍ରୀ ଦାସ ସମସ୍ତଙ୍କୁ ପଚାରି ବୁଝିବା ସହ ଲୋକଙ୍କ ସହ ସିଧାସଳଖ ଯୋଗଯୋଗ କରୁଥିବା ସ୍ୱଚ୍ଛ ସୁପରଭାଇଜର ତୁରନ୍ତ ସେମାନଙ୍କ ସମସ୍ୟାର ସମାଧାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ଗୋଷ୍ଠୀ ସହଭାଗିତା ବୃଦ୍ଧି ପାଇବ ଓ ଜନସାଧାରଣ ସଚେତନ ହେବେ। ଲୋକେ ସଚେତନ ହେଲେ ସେମାନଙ୍କର ଭାଗିଦାରୀ ବୃଦ୍ଧି ପାଇବ। ଏଥିସହ ପ୍ରତି ସପ୍ତାହରେ ମେଗା ଗଣସଫେଇ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଧ ସେ ସମସ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ସ୍ୱଚ୍ଛତା ବୃଦ୍ଧି ପାଇଁ ଆବଶ୍ୟକ ୱାକିଟକି, ଗାଡ଼ି, ଟ୍ରଲି, ଘାସକଟା ମେସିନ, ଆବଶ୍ୟକ ବ୍ୟାଗ, ମାନବ ସମ୍ବଳ ଆଦି ଯୋଗାଇ ଦେବାକୁ ସମସ୍ତ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ମହାନଦୀ ପ୍ରସଙ୍ଗରେ ବର୍ଷିଲା ବିଜେଡି

## ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି ସରକାର

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ମହାନଦୀ ଜଳ ବିବାଦର ସମାଧାନ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ଗତ ୧୯ ମାସରେ ଛତିଶଗଡ଼ ଅନେକ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରିଛି। ଓଡ଼ିଶା ଲୋକେ ନିତ୍ୟ ବ୍ୟବହାର ନିମନ୍ତେ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ଛତିଶଗଡ଼ ଅବୈଧ ଭାବେ ପାଣିକୁ ରୋକି ଶିଳ୍ପାନୁଷ୍ଠାନଗୁଡ଼ିକୁ ବିକ୍ରି କରିଚାଲିଛି ବୋଲି ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ନିରଞ୍ଜନ ପୂଜାରୀ ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ବିବାଦର ସମାଧାନ ପାଇଁ ସରକାରଙ୍କର ସ୍ପଷ୍ଟ ଆଭିମୁଖ୍ୟ



ନାହିଁ। ସରକାର ଦ୍ୱନ୍ଦ୍ୱରେ ଅଛନ୍ତି। ତେଣୁ ପ୍ରଥମେ ଆପୋଷ ଆଲୋଚନା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଏବେ ଟ୍ରିବ୍ୟୁନାଲ୍ କଥା କୁହାଯାଉଛି। ଏପରିକି ଟ୍ରିବ୍ୟୁନାଲ୍‌ର ଅବଧି ବଢ଼ାଇବାକୁ ସରକାର ଚିଠି ମଧ ଲେଖିଛନ୍ତି। ସେହିପରି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିବାଦର ସମାଧାନ ସୂତ୍ର ବାହାର କରିବା ପରିବର୍ତ୍ତେ ଅଧିକ ଗୋଳିଆ କରୁଛନ୍ତି। ଏହି ସମୟରେ ଛତିଶଗଡ଼ ଏକାଧିକ ଚେକ୍ ଡ୍ୟାମ ଓ ବାଲିବନ୍ଧ ନିର୍ମାଣ କରି ପରିସ୍ଥିତିକୁ ଅଧିକ ଜଟିଳ କରିଛି। ଏହି ବିବାଦର ସମାଧାନ ନ କରି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ମନ୍ତ୍ରୀସ୍ତରୀୟ କମିଟି ସଦସ୍ୟ ଭାବେ ସେ ଦୁଇଟି ବୈଠକରେ ଯୋଗ ଦେଇଥିଲେ। କିନ୍ତୁ ବିବାଦର ସମାଧାନ ପାଇଁ ଦୁଇ ଥର ଆଲୋଚନା ସକାଶେ ନିଷ୍ପତ୍ତି ହୋଇଥିଲେ ମଧ ବାତିଲ୍ ହେବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଟ୍ରିପଲ୍ ସରକାର ସତ୍ତ୍ୱେ ବିବାଦର ସମାଧାନ ନେଇ ସନ୍ଦେହ ରହିଛି।

## ଦାୟିତ୍ୱ ନେଲେ ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଆଜି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ମୁଖ୍ୟାଳୟରେ ସଂଗ୍ରାମ କେଶରୀ ମହାପାତ୍ର ପରିଷଦର ଅଧ୍ୟକ୍ଷ (ଭାରପ୍ରାପ୍ତ) ଭାବେ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ମହାପାତ୍ର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଯୋଗଦାନ କରିବା ପରେ ପରିଷଦର ଅଧ୍ୟକ୍ଷ (ଭାରପ୍ରାପ୍ତ) ଭାବେ ଯୋଗ ଦେଇଛନ୍ତି। ଏଥିସହ ସେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱରେ ମଧ ଅଛନ୍ତି। ଆଜିର ଏହି ଯୋଗଦାନ ପରେ ଶ୍ରୀ ମହାପାତ୍ର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ଓ ଆନୁଷଙ୍ଗିକ ଦିଗ ଉପରେ ଆଲୋଚନା କରିଛନ୍ତି। ପରିଷଦର ଅଧିକାରୀମାନେ ଶ୍ରୀ ମହାପାତ୍ରଙ୍କୁ ପରିଷଦର ବିଭିନ୍ନ କାର୍ଯ୍ୟ ବିଷୟରେ ସୂଚନା ଦେଇଛନ୍ତି। ସମସ୍ତେ ମିଳିତ ଭାବରେ ନିଷ୍ଠାର ସହ କାର୍ଯ୍ୟ କରି ପରିଷଦର ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ବ୍ରତୀ ହେବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ପରିଷଦ ଆହୁରି ଲୋକଭିମୁଖୀ ହୋଇ କାର୍ଯ୍ୟ କରିବା ସହ ସରକାରଙ୍କ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ପ୍ରମୁଖ ଯୋଗଦାନ ଦେବ ବୋଲି ସେ କହିଛନ୍ତି।

## ବିଜେବି ଛାତ୍ରୀଙ୍କୁ ଖଣ୍ଡପଡ଼ା ଟ୍ରଫି ସମ୍ମାନ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ବିଜେବି ସ୍ୱୟଂଶାସିତ କଲେଜର ରାଜନୀତି ବିଜ୍ଞାନ ଛାତ୍ରୀ ତମନ୍ନା ଭୋଇଙ୍କୁ ଖଣ୍ଡପଡ଼ା ଟ୍ରଫି ସମ୍ମାନ ପ୍ରଦାନ କରାଯାଇଛି। କଲେଜ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ତମନ୍ନାଙ୍କୁ କଲେଜ ଅଧ୍ୟକ୍ଷା ପ୍ରଫେସର ଝୁମ୍‌କି ରଥ ଏହି ଟ୍ରଫି ପ୍ରଦାନ କରିଛନ୍ତି। ବେଷ୍ଟ ଅଲ୍‌ରାଉଣ୍ଡ ଛାତ୍ରୀ ଭାବେ ତାଙ୍କୁ ଏହି ଟ୍ରଫି ପ୍ରଦାନ କରାଯାଇଛି। ଶିକ୍ଷାଗତ ଦକ୍ଷତା, ନେତୃତ୍ୱ ଓ ସାମଗ୍ରିକ ଉତ୍କର୍ଷତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏହି ବେଷ୍ଟ ଅଲରାଉଣ୍ଡ ଟ୍ରଫି ପ୍ରଦାନ କରାଯାଇଆସୁଛି। ଏହି ଟ୍ରଫିକୁ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ରାଜା ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ଓ ରାଣୀ ଦେବକୀ ଦେବୀଙ୍କ ପକ୍ଷରୁ ପ୍ରଦାନ କରାଯାଇଆସିଛି। ଚଳିତ ବର୍ଷ ସେମାନଙ୍କ ଅବର୍ତ୍ତମାନରେ ଏହି ଉତ୍ସବ ଅବସରରେ



ସେମାନଙ୍କ ପୁଅ ପୂର୍ବତନ ବିଧାୟକ ତଥା ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ତମନ୍ନାଙ୍କୁ ଉତ୍ସାହିତ କରିଥିଲେ।

ସେହିପରି ବିଜେବି କଲେଜର ପୁରାତନ ଛାତ୍ର ସଂଘ ବିଜେବି ଫ୍ରେଣ୍ଡସ ପକ୍ଷରୁ ମଧ ତମନ୍ନାଙ୍କୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜେବି ଫ୍ରେଣ୍ଡସର ସମ୍ପାଦକ ସତ୍ୟବ୍ରତ ଧୂପାଳ ଉପସ୍ଥିତ ଥିବା ବେଳେ ଏଭଳି ଉତ୍ସବ ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ଦିଗରେ ସହାୟକ ହେବ ବୋଲି ଅଧ୍ୟକ୍ଷା ପ୍ରଫେସର ରଥ କହିଛନ୍ତି। କାର୍ଯ୍ୟକ୍ରମରେ କଲେଜର ପ୍ରଧାପକ, ପ୍ରାଧାପିକା ଓ ବିଜେବି ଫ୍ରେଣ୍ଡସ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଦଶମ ଛାତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

**ରାଉରକେଲା,୬।୨ (ସଂଚାର ବ୍ୟୁରୋ):** ରାଉରକେଲା ପୁଲିସ ଜିଲ୍ଲା ଅନ୍ତର୍ଗତ ବିଶ୍ରା ଥାନା ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ପରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ମୃତ ଛାତ୍ରୀଙ୍କ ପିତା। ଏ ସଂକ୍ରାନ୍ତରେ ମୃତ ଛାତ୍ରୀଙ୍କ ପିତା ବିଶ୍ରା ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିଛି। ଛାତ୍ରୀ ଜଣଙ୍କ ଗତକାଲି ସ୍କୁଲରୁ ଫେରିବା ପରେ ବାପାଙ୍କ ଔଷଧ ଆଣିବାକୁ ଯାଉଛି କହି ଘରୁ ଚାଲିଯାଇଥିଲେ। ତେବେ ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ନ ପାଇବାରୁ ଶେଷରେ ଥାନାରେ ପହଞ୍ଚିଥିଲେ। ପୁଲିସ ନିକଟସ୍ଥ ଜଙ୍ଗଲରୁ ଛାତ୍ରୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଠାବ କରିଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଷ୍କର୍ମ ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

### ବୋମା ଧମକ ମାମଲା

## ଏନ୍‌ଆଇଏ ତଦନ୍ତ ଦାବି କଲା ବିଜେଡି

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓଡ଼ିଶାର ଆଇନଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଇତିମଧ୍ୟରେ ଦୁଇ ଦୁଇ ଥର ଏକାଧିକ କୋର୍ଟକୁ ବୋମା ଧମକ ମିଳିସାରିଛି। ବିଜେଡି ସରକାରଙ୍କ ଅମଳରେ ଯେଉଁ ଶାନ୍ତିର ବାତାବରଣ ଥିଲା, ତାହା ଏବକାର ବିଜେପି ଶାସନରେ ଅରାଜକତାରେ ପରିଣତ ହୋଇଛି। ବାରମ୍ବାର ବୋମା ଧମକ ଆଇନ ଶୃଙ୍ଖଳା ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ ବୋଲି ବିଜେଡି କହିବା ସହ ଏହି ମାମଲାର ତଦନ୍ତ ଏନ୍‌ଆଇଏ ଦ୍ୱାରା କରାଇବାକୁ ଦାବି ହୋଇଛି। ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ସମ୍ପ୍ରତି ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଥିବା ବେଳେ ବାରମ୍ବାର ବୋମା ଧମକ ଘଟଣାଗୁଡ଼ିକ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରିବା ସହ ନାଗରିକ, ପ୍ରତିଷ୍ଠାନ ଓ ଜନସାଧାରଣଙ୍କ



ସୁରକ୍ଷା ପ୍ରତି ସିଧାସଳଖ ବିପଦ ସୃଷ୍ଟି କରୁଛି। ଏନେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ ମଧ କଟକ, ପୁରୀ, ଫୁଲବାଣୀ ଓ ଯାଜପୁର ଜିଲ୍ଲା କୋର୍ଟଗୁଡ଼ିକୁ ଇ-ମେଲ ଜରିଆରେ ଆସିଥିବା ବୋମା ଧମକ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

ଏଥିସହ ସେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ବେପରୁଆ ବିବୃତିକୁ ମଧ କଡ଼ା ନିନ୍ଦା କରିଛନ୍ତି। କୋର୍ଟ ପ୍ରତି କୌଣସି ବିପଦ ନାହିଁ ବୋଲି ସେ କହିବା ସହ ନିଜେ ମୁଖ୍ୟ ବିଚାରପତିଙ୍କ ସହ କଥାବାର୍ତ୍ତା ହୋଇଥିବା ବେଳେ ଆତଙ୍କବାଦୀମାନେ ଇ-ମେଲ୍ ପଠାଇଥିବା ଭଳି ବିବୃତି ଗ୍ରହଣୀୟ ନୁହେଁ। ଶ୍ରୀ ଆଚାର୍ଯ୍ୟ କେଉଁ କ୍ଷମତାରେ ଓ କେଉଁ ଆଧାର ବଳରେ ଏପରି ଦାବି କରୁଛନ୍ତି, ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

ସେହିପରି ପୂର୍ବରୁ ଏହିପରି ବୋମା ଧମକ ଦିଆଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ନିଜେ ଦୋଷୀମାନଙ୍କୁ ଧରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ତା'ଛଡ଼ା ଗତ ବର୍ଷ ନଭେମ୍ବର ୩୦ ତାରିଖରେ ଜଣେ ସାମ୍ବାଦିକଙ୍କୁ ଆତ୍ମଘୋଷିତ ଖାଲିସ୍ତାନୀ ଆତଙ୍କବାଦୀଠାରୁ ଧମକପୂର୍ଣ୍ଣ ଇ-ମେଲ୍ ମିଳିଥିଲେ ମଧ ତଦନ୍ତ ଦାୟିତ୍ୱ ପାଇଥିବା କ୍ରାଇମ୍ ବ୍ରାଞ୍ଚ ଏ ଦିଗରେ ପାଦେ ବି ଆଗେଇପାରିନାହିଁ। ତେଣୁ ଏସବୁ ଘଟଣା ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଇଦେଇଛି ବୋଲି ଡ. ମହାନ୍ତି କହିଛନ୍ତି।

## ବିଭିନ୍ନ ଦାବି ନେଇ କଳିଙ୍ଗ ସେନାର ସ୍ମାରକପତ୍ର



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଷ୍ଟେଟ୍ ଲେବଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)କୁ କଳିଙ୍ଗ ସେନା ପକ୍ଷରୁ ଏକ ୧୨ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଆ ଯୁବକମାନେ ସହଜ ଓ ସରଳ ଉପାୟରେ କିଭଳି ଋଣ ପାଇପାରିବେ, ସେ ନେଇ ପଦକ୍ଷେପ ନେବାକୁ ଏହି ସ୍ମାରକପତ୍ରରେ ଦାବି କରାଯାଇଛି। ଏନେଇ ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି ଯେ ବିଭିନ୍ନ ବ୍ୟାଙ୍କ ଓଡ଼ିଶାରୁ ୫ ବର୍ଷରେ ୩୦ ଲକ୍ଷ କୋଟି ଟଙ୍କା ଜମା ସଂଗ୍ରହ କରିଛନ୍ତି। ଓଡ଼ିଶାରୁ ଜମା ଅନୁପାତରେ ବେକାର ଯୁବକଯୁବତୀଙ୍କୁ ଋଣ ଦିଆଯାଉନାହିଁ। ପ୍ରତି ପଞ୍ଚାୟତର ୧୦୦ ଜଣଙ୍କୁ ଋଣ ପ୍ରଦାନ, ବିନା ବନ୍ଧକ ଓ ବିନା ଆଇଟିଆରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବାକୁ ଜମା ସଂଗ୍ରହ ଓ ଋଣ ଯୋଗାଣ ଉପରେ ପଞ୍ଚାୟତୱାରୀ ଶ୍ୱେତପତ୍ର ପ୍ରକାଶ କରିବା, ଓଡ଼ିଶା ଜମାକୁ ଅନ୍ୟ ରାଜ୍ୟରେ ନ ଖଟାଇବା, ଶିଳ୍ପ ନାମରେ ଟଙ୍କା ନେଇ ଶିଳ୍ପ ବନ୍ଦ କାରି ଚାଲିଯାଇଥିବା ଶିଳ୍ପପତିଙ୍କ ନାମରେ ଏତଲା ଦେବା, ଗତ ୫ ବର୍ଷ ମଧ୍ୟରେ ରାଜ୍ୟର କେଉଁ ବ୍ୟାଙ୍କ କେଉଁ ଜିଲ୍ଲାର କେତେ ଯୁବକଯୁବତୀଙ୍କୁ ଋଣ ପ୍ରଦାନ କରିଛନ୍ତି, ତା' ଉପରେ କମିଟି ଏକ ଶ୍ୱେତପତ୍ର ଜାରି କରିବା ସକାଶେ ଶ୍ରୀ ରଥ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦଳ ଉପସଭାପତି ସବ୍ୟସାଚୀ ମହାପାତ୍ର, ତୁଳସୀ ନାରାୟଣ ଦାସ, ଅବଦୁଲ କୟୁମ ଖାନ ଉପସ୍ଥିତ ଥିଲେ।

# ପିଏମ ଆୱାସ, ନିର୍ମାଣ ହେଲାଣି ୨୫ ଲକ୍ଷ ଘର

**ଭୁବନେଶ୍ୱର,୬।୨:** ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଅଦ୍ୟାବଧି ଓଡ଼ିଶାକୁ ୨୮ ଲକ୍ଷ ୪୯ ହଜାରରୁ ଅଧିକ ଘର ମଞ୍ଜୁର ହୋଇଥିବା ବେଳେ ଏଥିରୁ ୨୫ ଲକ୍ଷ ଘରର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସାଂସଦ ମମତା ମହନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପେମାସାନି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଶେଷ ସୁଦ୍ଧା ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହି ଯୋଜନାରେ ୪ କୋଟି ୧୫ ଲକ୍ଷ ଘର ମଞ୍ଜୁର ହୋଇଛି। ଏଥିରୁ ୨.୯୩ କୋଟି ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରେ ଓଡ଼ିଶା ପାଇଁ ୨୮,୪୯,୮୮୯ ଟି ଘରକୁ ଅନୁମତି ମିଳିଥିବାବେଳେ ୨୮,୦୭,୪୫୯ ଟି ଘରକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏଥିମଧ୍ୟରୁ ୨୫,୦୪,୫୭୪ଟି ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି।

ରାଜ୍ୟର ୧୩ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାପାଇଁ ମଞ୍ଜୁର ହୋଇଥିବା ବାସଗୃହ ଓ ନିର୍ମାଣ ସରିଥିବା ଘର ସଂକ୍ରାନ୍ତରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲାକୁ ସର୍ବାଧିକ ୩,୫୦,୧୭୭ଟି ଘର ମଞ୍ଜୁର ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨,୯୧,୪୬୦ଟି ଘରର ନିର୍ମାଣ କାର୍ଯ୍ୟ ସରିଛି। ସେହିଭଳି କେନ୍ଦୁଝର ଜିଲ୍ଲାପାଇଁ ୧,୭୨,୪୮୭ଟି ଘର ମଞ୍ଜୁର ହୋଇଥିବାବେଳେ ଏଥି ମଧ୍ୟରୁ ୧,୫୨,୫୫୫ଟି ଘରର ନିର୍ମାଣ ସରିଛି।

ଅନ୍ୟ ଆଦିବାସୀବହୁଳ ଜିଲ୍ଲା ମଧ୍ୟରେ ବାଲେଶ୍ୱର, କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ରେ ଏକ ଲକ୍ଷରୁ ଅଧିକ କରି ଘର ମଞ୍ଜୁର ହୋଇଛି। ସବୁଠାରୁ କମ୍ ମାତ୍ର ୪୩,୩୬୨ଟି ଘର ମାଲକାନଗିରି ଜିଲ୍ଲାପାଇଁ ମଞ୍ଜୁର ହୋଇଥିବାବେଳେ ଏଥିରୁ ୩୫,୩୮୫ଟି ଘରର ନିର୍ମାଣ କାର୍ଯ୍ୟ ସରିଥିବା ଜଣାଯାଇଛି। ସେହିଭଳି ଗଜପତି ଜିଲ୍ଲାପାଇଁ ୪୩,୩୭୨ଟି ଘର ମଞ୍ଜୁର ହୋଇଥିବାବେଳେ ଏଥିରୁ ୩୩,୯୪୭ଟି ଘରର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି।

ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ସମସ୍ତଙ୍କୁ ବାସଗୃହ ଯୋଗାଣ ଲାଗି କେନ୍ଦ୍ର ସରକାର ୨୦୧୬ ମସିହାରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ଆରମ୍ଭ କରିଥିଲେ। ଗାଁ ଗହଳର ଲୋକଙ୍କଆବଶ୍ୟକତାକୁ ଦେଖି ସମସ୍ତ ସୁବିଧା ସହ ୨.୯୫ କୋଟି ଘର ଯୋଗାଇ ଦିଆଯାଇଥିଲା। ତେବେ କେନ୍ଦ୍ର କ୍ୟାବିନେଟ୍ ଏହି ଯୋଜନାର ଅବଧିକୁ ୨୦୨୪-୨୫ ରୁ ୨୦୨୮-୨୯ ପର୍ଯ୍ୟନ୍ତ ବଢ଼ାଇବା ସହିତ ଆଉ ୨ କୋଟି ଘର ମଞ୍ଜୁର କରିଛନ୍ତି।

ଯୋଜନା କାର୍ଯ୍ୟକାରିତାର ତଦାରଖ ପାଇଁ ଆୱାସସଫ୍ଟ ଏବଂ ଆୱାସଆପ୍ ଇ-ଗଭର୍ଣ୍ଣାନ୍ସ ମଡେଲ ବ୍ୟବହାର କରାଯାଉଛି। ଏହାଦ୍ୱାରା ଗାଁଗହଳିରେ କେନ୍ଦ୍ରୀୟ ଯୋଜନାରେ କେତେ ଘର କେଉଁ ସମୟ ମଧ୍ୟରେ ନିର୍ମାଣ ହେଉଛି ତାହାର ସଠିକ ସୂଚନା ମିଳିପାରୁଛି। ହିତାଧିକାରୀମାନଙ୍କ ଇ-କେୱାଇସି ସହିତ ଆଧାର ଏବଂ ଏଆଇ ଆଧାରିତ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। (ତଥ୍ୟ)

## ୧୨ ବିଜେଡି ସାଙ୍ଗଠନିକ ଜିଲ୍ଲାର ନୂଆ କମିଟି ଗଠିତ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଜି ୧୨ ଜିଲ୍ଲା ଯଥା ବରଗଡ଼, ରାୟଗଡ଼ା, କୋରାପୁଟ, ନୂଆପଡ଼ା, ଢେଙ୍କାନାଳ, ଜଗତସିଂହପୁର, ନବରଙ୍ଗପୁର, ବଲାଙ୍ଗୀର, କଟକ, ମୟୂରଭଞ୍ଜ-୧ ଓ ମୟୁରଭଞ୍ଜ-୨ ଏବଂ ଯାଜପୁର ପାଇଁ ନୂଆ କମିଟି ଗଠନ କରାଯାଇଛି। ପୂର୍ବରୁ ଗତବର୍ଷ ଡିସେମ୍ବର ୨୭ ତାରିଖରେ ୧୧ଟି ଜିଲ୍ଲାର କମିଟି ଗଠନ କରାଯାଇଥିଲା। ସେଗୁଡ଼ିକ ଥିଲା କଳାହାଣ୍ଡି, ଝାରସୁଗୁଡ଼ା,ସୁନ୍ଦରଗଡ଼, ମାଲକାନଗିରି, ଅନୁଗୁଳ, କେନ୍ଦୁଝର, ବୌଦ୍ଧ, ଗଜପତି, ଦେବଗଡ଼, କନ୍ଧମାଳ ଓ ସୁବର୍ଣ୍ଣପୁର।

ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶନିବାର ୭ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Saturday 7 February 2026, Bhubaneswar




# ଇରାନର ସୈନ୍ୟ ଶକ୍ତି ପ୍ରଦର୍ଶନ



ଆଜିର ଅନ୍ତର୍ଜାତୀୟ ରାଜନୀତିରେ ମଧ୍ୟପ୍ରାଚ୍ୟ ଏକ ଅତ୍ୟନ୍ତ ସଂବେଦନଶୀଳ ଅଞ୍ଚଳ ଭାବେ ପରିଗଣିତ ହୋଇଛି। ଏହି ପ୍ରସଙ୍ଗରେ ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଉତ୍ତେଜନା ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ସମ୍ପ୍ରତି ଇରାନ ନିଜର ସୈନ୍ୟ ଶକ୍ତିକୁ ଆମେରିକା ଆଗରେ ପ୍ରଦର୍ଶନ କରିବାର ଏକ ସ୍ପଷ୍ଟ ପ୍ରୟାସ ଦେଖାଯାଇଛି। ଏହା କେବଳ ଏକ ସାମରିକ କାର୍ଯ୍ୟ ନୁହେଁ, ବରଂ ରାଜନୈତିକ ଓ କୂଟନୈତିକ ସନ୍ଦେଶ ପ୍ରେରଣ କରୁଛି।

ଗତ କିଛି ମାସ ମଧ୍ୟରେ ଆମେରିକା ପକ୍ଷରୁ ପର୍ସିଆନ ଉପସାଗର ଓ ଆରବ ସାଗରରେ ବିପୁଳ ସୈନ୍ୟ ସମାହାର ଘଟାଇଛି। ଏହାର ମୁଖ୍ୟ ଆକର୍ଷଣ ହେଉଛି ଇଉଏସଏସ ଆବ୍ରାହାମ ଲିଙ୍କନ ଆକ୍ରମଣକାରୀ ଜାହାଜ, ଯାହା ଫାଇଟର ଜେଟ, ଡେଷ୍ଟ୍ରୟର ଓ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ସହିତ ଏକ ବିଶାଳ 'ଆର୍ମାଡା' ଗଠନ କରିଛି। ଆମେରିକାର ଏହି ସମର ପ୍ରସ୍ତୁତି ଇରାନର ପରମାଣୁ କାର୍ଯ୍ୟକ୍ରମ, ବାଲିଷ୍ଟିକ ମିସାଇଲ ଓ ପ୍ରକ୍ସି ଗୋଷ୍ଠୀମାନଙ୍କୁ ସମର୍ଥନ ଦେବା ବିରୋଧରେ ଏକ ସ୍ପଷ୍ଟ ଚେତାବନୀ ସ୍ୱରୂପ ଦେଖାଯାଉଛି। ଏହି ପରିସ୍ଥିତିରେ ଇରାନ ନିଜର ଆତ୍ମରକ୍ଷା ଓ ପ୍ରତିଶୋଧ କ୍ଷମତାକୁ ପ୍ରଦର୍ଶନ କରିବାକୁ ଉଦ୍ୟତ ହୋଇଛି।

ଇରାନୀ ସେନା ନିକଟରେ ସମ୍ପ୍ରତି ୧୦୦୦ ନୂଆ 'ଷ୍ଟ୍ରାଟେଜିକ' ଡ୍ରୋନ ଯୋଗ ହୋଇଛି। ଏହି ଡ୍ରୋନଗୁଡ଼ିକ ଆତ୍ମଘାତୀ, ଯୁଦ୍ଧ, ଟୋପୋଗ୍ରାଫି ଓ ସାଇବର ଯୁଦ୍ଧ କ୍ଷମତା ସମ୍ପନ୍ନ। ଏହା ସହିତ ଇରାନୀ ସେନାପତିମାନେ ନୂତନ ଭୂଗର୍ଭସ୍ଥ ମିସାଇଲ ବେସ ଓ 'ମିସାଇଲ ସିଟି'ର ପ୍ରଦର୍ଶନ କରିଛନ୍ତି। କୋରମଶାହର-୪ ଭଳି ଦୀର୍ଘପାଲି ମିସାଇଲଗୁଡ଼ିକର ଉନ୍ନତ ସଂସ୍କରଣ ଦେଖାଇ ଇରାନ ସ୍ପଷ୍ଟ କରିଛି ଯେ ତାଙ୍କର ପ୍ରତିଶୋଧ କ୍ଷମତା ବହୁଗୁଣିତ ହୋଇଛି। ଇରାନର ସର୍ବୋଚ୍ଚ ନେତା ଓ ବିଦେଶ ମନ୍ତ୍ରୀ ବାରମ୍ବାର ଘୋଷଣା କରିଛନ୍ତି ଯେ ଆମେରିକାର କୌଣସି ଆକ୍ରମଣ ହେଲେ ତାହା କେବଳ ଇରାନ ସୀମାରେ ସୀମିତ ରହିବ ନାହିଁ-ଏହା ଏକ ବ୍ୟାପକ ଆଞ୍ଚଳିକ ଯୁଦ୍ଧରେ ପରିଣତ ହେବ।

ଏହି ପ୍ରଦର୍ଶନର ପଛରେ ଇରାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତିରୋଧ। ଗତ ବର୍ଷ ଇସ୍ରାଏଲ ଓ ଆମେରିକାଙ୍କ ଆକ୍ରମଣରେ ଇରାନର ପରମାଣୁ ସ୍ଥଳ ଓ ଏୟାର ଡିଫେନ୍ସ ବ୍ୟବସ୍ଥା ବିଧ୍ୱଂସ ହୋଇଥିଲା। ତଥାପି ଇରାନ ନିଜର ଅସମମିତ ଯୁଦ୍ଧ କୌଶଳ, ଡ୍ରୋନ, ମିସାଇଲ ଓ ପ୍ରକ୍ସି ଯୁଦ୍ଧ ଶକ୍ତି ମାଧ୍ୟମରେ ଆମେରିକାକୁ ଏକ ଦୀର୍ଘକାଳୀନ ଓ ମହଙ୍ଗା ଯୁଦ୍ଧର ଭୟ ଦେଖାଇବାକୁ ଚେଷ୍ଟା କରୁଛି। ଆମେରିକାର ବିମାନ ବାହିନୀ ଓ ନୌବାହିନୀ ଅତ୍ୟଧିକ ଶକ୍ତିଶାଳୀ ହେଲେ ମଧ୍ୟ, ଇରାନର ପ୍ରତିକ୍ରିୟା ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିପାରେ—ଯାହା ଆମେରିକା ପାଇଁ ରାଜନୈତିକ ଓ ଅର୍ଥନୈତିକ ଭାବେ ବହୁମୂଲ୍ୟ ହେବ।

ଏହି ପରିସ୍ଥିତି ଦୁଇ ପକ୍ଷଙ୍କ ମଧ୍ୟରେ କୂଟନୀତିକ ଆଲୋଚନାକୁ ଅଧିକ ଜରୁରୀ କରିଦେଇଛି। ଓମାନରେ ଚାଲିଥିବା ଆଲୋଚନା ଏକ ସମ୍ଭାବ୍ୟ ଯୁଦ୍ଧକୁ ରୋକିବାର ଶେଷ ଆଶା ସ୍ୱରୂପ ଦେଖାଯାଉଛି। ଇରାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ହେଲେ ମଧ୍ୟ ନିଜର ସାର୍ବଭୌମତ୍ୱ ଓ ସୁରକ୍ଷା ପାଇଁ କୌଣସି ବୁଝାମଣା କରିବନି ବୋଲି ଘୋଷଣା କରିଛି। ଅନ୍ୟପକ୍ଷରେ ଆମେରିକା ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ବିରତ ରଖିବା ସହ ମିସାଇଲ ଓ ପ୍ରକ୍ସି ସମର୍ଥନ ଉପରେ କଡ଼ା ସୀମା ରଖିବାକୁ ଚାହୁଁଛି।

ଏହି ପରିସ୍ଥିତି ଆମକୁ ଶିକ୍ଷା ଦେଉଛି ଯେ ଶକ୍ତିର ପ୍ରଦର୍ଶନ ପ୍ରାୟତଃ ଯୁଦ୍ଧ ଏଡ଼ାଇବାର ଏକ ଉପାୟ ହୋଇପାରେ। ଇରାନର ଏହି ପ୍ରଦର୍ଶନ ଆମେରିକାକୁ ସତର୍କ କରୁଛି ଯେ କୌଣସି ଆକ୍ରମଣ ସହଜରେ ସଫଳ ହେବ ନାହିଁ। ଏକାଧାରରେ ଏହା ଇରାନର ଆଭ୍ୟନ୍ତରୀଣ ସଙ୍କଟ ଓ ପ୍ରତିବାଦ ମଧ୍ୟରେ ଶାସନକୁ ଏକତ୍ରିତ ରଖିବାର ପ୍ରୟାସ ମଧ୍ୟ ବୋଲି ମନେ ହୁଏ। ଶେଷରେ କହିବାକୁ ଗଲେ, ଏହି ସୈନ୍ୟ ଶକ୍ତି ପ୍ରଦର୍ଶନ ଶାନ୍ତିର ପଥକୁ ସହଜ କରୁନି। ତଥାପି ଏହା ଦୁଇ ପକ୍ଷଙ୍କୁ ଆଲୋଚନା ଟେବୁଲ ପାଖକୁ ଆଣିବାରେ ସାହାଯ୍ୟ କରିପାରେ। ଯଦି କୂଟନୀତି ବିଫଳ ହୁଏ, ତେବେ ଏହି ଅଞ୍ଚଳରେ ଏକ ବ୍ୟାପକ ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିବ-ଯାହାର ପରିଣାମ କେବଳ ଇରାନ ଓ ଆମେରିକା ନୁହେଁ, ସମଗ୍ର ବିଶ୍ୱ ଭୋଗିବ। ତେଣୁ ଉଭୟ ପକ୍ଷ ପାଇଁ ବୁଦ୍ଧିଜୀବୀ ଓ ଦାୟିତ୍ୱଶୀଳ ପଦକ୍ଷେପ ଆବଶ୍ୟକ।

# ଚିକିତ୍ସାଳୟ ମନ୍ଦିର ନୁହେଁ କି ଡାକ୍ତର ଭଗବାନଙ୍କ ଅବତାର ନୁହଁନ୍ତି

**ଗୋପାଳ ମହାପାତ୍ର**





କିଛି ଦିନ ତଳେ ଏକ ନ୍ୟୁଜ ଚ୍ୟାନେଲ ସାଇଟରେ ଭାରତର ସଂସଦୀୟ କମିଟିର ରିପୋର୍ଟ ବାବଦରେ ସମ୍ବାଦ ପ୍ରସାରିତ ହୋଇଥିଲା। ସେଥିରେ କୁହାଯାଇଥିଲା ଯେ ଭାରତରେ ଥିବା ସରକାରୀ ଓ ବେସରକାରୀ ଚିକିତ୍ସାଳୟଗୁଡ଼ିକରେ କରାଯାଉଥିବା ଅପରେସନ ମଧ୍ୟରୁ ୪୪ ପ୍ରତିଶତରୁ ଅଧିକ ଅପରେସନ ଅନାବଶ୍ୟକ ଅଟେ। ଏହି ରିପୋର୍ଟ ଅନୁସାରେ କ୍ୟାନସରର ୪୭ ପ୍ରତିଶତ, ହୃଦ୍‌ରୋଗର ୫୫ ପ୍ରତିଶତ, ଗର୍ଭାଶୟ ଜନିତ ରୋଗ ୪୮ ପ୍ରତିଶତ, ଆଣ୍ଠୁ ପ୍ରତ୍ୟାରୋପଣ ୪୮ ପ୍ରତିଶତ, ଶିଶୁ ଜନ୍ମ କ୍ଷେତ୍ରରେ ହେଉଥିବା ଅପରେସନ (ସିଜରିଆନ)ର ୪୫ ପ୍ରତିଶତ ଭଳି ଅନେକ କ୍ଷେତ୍ରରେ ଅପରେସନର ଆବଶ୍ୟକତା ନଥାଇ ମଧ୍ୟ ଅପନରେସନ କରାଯାଇଥାଏ। କିନ୍ତୁ ଦୁର୍ଭାଗ୍ୟର କଥା ଯେ ଜାତୀୟସ୍ତରର ଗଣମାଧ୍ୟମ ମାନେ ଛୋଟ ଛୋଟ କଥାକୁ ବଡ଼ କରି ପ୍ରଚାର ପ୍ରସାର କରୁଛନ୍ତି, ହିନ୍ଦୁ-ମୁସଲିମରେ ଦିନ ସାରା ବ୍ୟସ୍ତ ରହୁଛନ୍ତି କିନ୍ତୁ ଏଭଳି ରିପୋର୍ଟ ବାବଦରେ କେବେ ଚର୍ଚ୍ଚା କରୁନାହାଁନ୍ତି ଯଦିଓ ଏହା ଦେଶର ଲୋକଙ୍କ ସ୍ୱାର୍ଥ ସହ ଜଡ଼ିତ। ରୋଗ ତ ସବୁ ମଣିଷର ଜୀବନରେ ଆସିଥାଏ।

ଲୋକେ ରୋଗ ହେଲେ ଡାକ୍ତରଙ୍କ ପାଖକୁ ଯାଇଥାନ୍ତି ଯେଉଁଠି ରୋଗର ଚିକିତ୍ସା ଠିକ୍ ଭାବରେ ହେବ ବୋଲି ସେମାନଙ୍କର ଆଶା ଥାଏ। କିନ୍ତୁ ସେଭଳି ଚିକିତ୍ସାଳୟକୁ କ'ଣ କୁହାଯିବ ଯେଉଁଠି ଲୋକଙ୍କ ରୋଗର ନିଦାନ ପରିବର୍ତ୍ତେ ଫାଇଦା କଥାକୁ ଅଧିକ ଗୁରୁତ୍ୱ ଦିଆଯାଏ? ଦେଶର ଅନେକ ଘରୋଇ ଚିକିତ୍ସାଳୟର ମାନସିକତା ଏବେ ଏହିପରି। ଯଦି ଡାକ୍ତର ଚିକିତ୍ସାଳୟର ଫାଇଦା ଉଠାଇବା କଥାରେ ସାମିଲ ନ ହେଉଛନ୍ତି ତେବେ ତାଙ୍କୁ ବିଦା କରିଦିଆଯିବା ଭଳି ଘଟଣା ମଧ୍ୟ ଘଟୁଛି। ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଠିକ୍ ଭାବରେ ହେବ ବୋଲି ସେମାନଙ୍କର ଆଶା ଥାଏ। କିନ୍ତୁ ସେ ଭଳି ଚିକିତ୍ସାଳୟକୁ କ'ଣ କୁହାଯିବ ଯେଉଁଠି ଲୋକଙ୍କ ରୋଗର ନିଦାନ ପରିବର୍ତ୍ତେ ଫାଇଦା କଥାକୁ ଅଧିକ ଗୁରୁତ୍ୱ ଦିଆଯାଏ? ଦେଶର ଅନେକ ଘରୋଇ ଚିକିତ୍ସାଳୟର ମାନସିକତା ଏବେ ଏହପରି। ଯଦି ଡାକ୍ତର ଚିକିତ୍ସାଳୟ ପ୍ରଶାସନର ଫାଇଦା ଉଠାଇବା କଥାରେ ସାମିଲ ନ ହେଉଛନ୍ତି ତେବେ ତାଙ୍କୁ ବିଦା କରିଦିଆଯିବା ଭଳି ଘଟଣା ମଧ୍ୟ ଘଟୁଚି। ଘରୋଇ ଚିକିତ୍ସାଳୟ ମାନଙ୍କରେ ଡାକ୍ତରମାନେ ରୋଗୀଙ୍କୁ ଆବଶ୍ୟକତା ନଥିବା ଅନେକ ଟେଷ୍ଟ କରାଇବା ପାଇଁ ବାଧ କରୁଛନ୍ତି। ଅନେକ ଘରୋଇ ଚିକିତ୍ସାଳୟରେ ରୋଗୀର ମୃତ୍ୟୁ ହୋଇ ସାରିଥିଲେ ମଧ୍ୟ ଚିକିତ୍ସା କରାଯାଉଛି ବୋଲି କହି ରୋଗୀର ପରିବାର ଠାରୁ ଅର୍ଥ ଆଦାୟ କୀରଯାଉଥିôବାର ଅନେକ ଖବର ବିଭିନ୍ନ ସମୟରେ ପ୍ରକାଶ ପାଉଛି। ସ୍ୱାସ୍ଥ୍ୟ ବୀମା କରାଉଥିବା ଅନେକ ବୀମା କମ୍ପାନୀଙ୍କ ଅଭିଯୋଗ ହେଉଛି ଯେ ମେଡିକ୍ଲେମର ପୁରା ଅର୍ଥ ଚିକିତ୍ସାଳୟ ମାନେ ଅସୁଲ ନ କରିବା ପର୍ଯ୍ୟନ୍ତ ରୋଗୀଙ୍କୁ ଚିକିତ୍ସା ନାମରେ ଲଟକାଇ ରଖୁଛନ୍ତି। କିଛି ଦିନ ତଳେ ଏକ ହିନ୍ଦୀ ଖବର କାଗଜରେ ଏକ ସମ୍ବାଦ ପ୍ରକାଶ ପାଇଥିଲା। ସମ୍ବାଦଟି ହେଉଛି ଗାଜିଆବାଦର ଏକ ଘରୋଇ ଚିକିତ୍ସାଳୟକୁ ଯାଇଥିବା ଏକରୋଗୀକୁ ଡାକ୍ତର କହିଥିଲେ ଯେ ତାଙ୍କ ରୋଗ ଗୁରୁତର ନୁହେଁ। ସମ୍ପୃକ୍ତ ଚିକିତ୍ସାଳୟର ପ୍ରଶାସନ ସେହିଦିନ ଡାକ୍ତରଙ୍କୁ ବିଦା କରିଦେଇଥିଲେ। ସେହି ଦିନ ଆଉ ଏକ ଖବର ମଧ୍ୟ ପ୍ରକାଶ ପାଇଥିଲା। ଖବର ହେଉଛି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁଜ୍ୱର ହେଉଥିବା କାରଣରୁ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ସେଠି ଡାକ୍ତର ତାଙ୍କର ଅନେକ ଟେଷ୍ଟ କରାଇଥିଲେ ଓ ତା ପରଦିନ ୧୦ ଲକ୍ଷଟଙ୍କାର ବିଲ ତାଙ୍କୁ ଧରାଇ ଦେଇଥିଲେ। ଏଭଳି ଅନେକ ଉଦାହରଣ ରହିଛି। ସରକାରୀ ଚିକିତ୍ସାଳୟର ଡାକ୍ତର ମାନେ ମଧ୍ୟ ରୋଗୀଙ୍କୁ ଅଯଥାରେ ବିଭିନ୍ନ ଟେଷ୍ଟ ପାଇଁ ତାଙ୍କର ସମ୍ପର୍କଥିବା ଟେଷ୍ଟଲ୍ୟାବକୁ ପଠାଉଛନ୍ତି। ଏପରିକି ସମ୍ପର୍କଥିବା ଔଷଧ ଦୋକାନରୁ ଔଷଧ କିଣିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଏହିସବୁ କାରଣରୁ ରୋଗୀଙ୍କ ପକେଟକୁ ଲୁଟ କରାଯାଉଛି।

ଅନେକ ସ୍ୱାସ୍ଥ୍ୟବୀମା କମ୍ପାନୀ ମଧ୍ୟ ଲୋକଙ୍କ ସ୍ୱାସ୍ଥ୍ୟବୀମା ଘଟଣାରେ ଦୁର୍ନୀତି କରୁଛନ୍ତି ବା ଅନ୍ୟ ଅର୍ଥରେ ଲୋକଙ୍କୁ ଠକୁଛନ୍ତି। ଏକ ରିପୋର୍ଟ ଅନୁସାରେ ଦେଶର୬୮ ପ୍ରତିଶତ ଲୋକ ସ୍ୱାସ୍ଥ୍ୟବୀମା କରିଛନ୍ତି। କିନ୍ତୁ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟ ବୀମା କମ୍ପାନୀମାନେ କିଛି ନା କିଛି ବାହାନା କରି ବୀମା ଧାରକର ଚିକିତ୍ସା ବାବଦ ଅର୍ଥ ଦେବା ପାଇଁ ମନା କରି ଦେଉଛନ୍ତି। ଅନେକ ସମୟରେ ବୀମା କମ୍ପାନୀ ଓ ଚିକିତ୍ସାଳୟ ମିଳିମିଶି ଲୋକଙ୍କୁ ଠକୁଥିବାର ଅଭିଯୋଗ ହେଉଛି। ଅନେକ ସମୟରେ ଔଷଧର ମୂଲ୍ୟଠାରୁ ଅଧିକ ଅର୍ଥ ମଧ୍ୟ ରୋଗୀଙ୍କ ଠାରୁ ଅସୁଲ କରାଯାଉଛି। ଔଷଧ କମ୍ପାନୀ ମାନେ ମଧ୍ୟ ଏ ପ୍ରସଙ୍ଗରେ ପଛରେ ନାହାଁନ୍ତି। ଏକ ପ୍ରମୁଖ ଔଷଧ କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଲେଖିଥିଲେ ଯେ "ଆମେ ଔଷଧ ନୁହେଁ ବଜାର ଖୋଜୁଛୁ। ଔଷଧ କମ୍ପାନୀଙ୍କ ଉଦ୍ଦେଶ୍ୟ ରୋଗକୁ ସମ୍ପୂର୍ଣ୍ଣ ଭଲ କରିବା ନୁହେଁ ବରଂ ଲାଗିରହୁ ଓ ଲୋକ ଜୀବନ ସାରା ଔଷଧ ଖାଉ"। ଔଷଧ କମ୍ପାନୀମାନେ ସେମାନଙ୍କର ଫାଇଦା ବା ଲାଭକୁ ଆଗ୍ରାଧିକାର ଦେଉଛନ୍ତି।

ଲୋକେ ଚିକିତ୍ସାଳୟକୁ ମନ୍ଦିର ଏବଂ ଡାକ୍ତରଙ୍କୁ ଭଗବାନଙ୍କ ଦ୍ୱୀତୀୟ ଅବତାର ବୋଲି କହୁଥିଲେ ଓ ସେଇ କଥା ଭାବି ମଧ୍ୟ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯାଇଥାନ୍ତି। କିନ୍ତୁ ସେମାନଙ୍କୁ ସେଠାରେ ଶୋଷଣର ଶିକାର ହେବାକୁ ପଡ଼େ। ଏ କଥା କେବଳ ବଡ଼ବଡ଼ ସହରରେ ଚାଲିଛି ତା ନୁହେଁ ଦେଶର ସବୁଠି ଏଭଳି ଘଟଣା ଘଟୁଛି। ଏକଥା ଯେ ଶାସନ ଓ ନୀତି ନିୟନ୍ତା ମାନେ ଜାଣୁନାହାଁନ୍ତ ତା ନୁହେଁ କିନ୍ତୁ ସେମାନେ ନୀରବ ରହୁଛନ୍ତି। ଡାକ୍ତରଙ୍କ ସହ ଯୋଡି ହୋଇଥିବା ସଂସ୍ଥା ମେଡିକାଲ କାଉନସିଲ ଏ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଉନାହିଁ କାହିଁକି ? ପ୍ରକୃତ କଥା ହେଉଛି ଘରୋଇ ଚିକିତ୍ସାଳୟ ଗୁଡିକ ବିନା ରାଜନୈତିକ, ଶାସନ ପ୍ରଶାସନର ସହଯୋଗରେ ଚାଲି ପାରିବ ନାହିଁ। ଏମାନେ ଆଖି ବନ୍ଦ କରି ଦେଲେ ରୋଗୀଙ୍କ କଥା ଶୁଣିବ କିଏ? ଲୋକଙ୍କୁ ଚିକିତ୍ସା ସେବା ଦେବା ନାମରେ ଲୋକଙ୍କୁ ଠକା ଯାଉଛି କିନ୍ତୁ ଶୁଣିବାକୁ କେହିନାହିଁ। ଦେଶରେ ସବୁଦିନ ଅସଂଖ୍ୟ ଏଭଳି ଘଟଣା ଘଟୁଛି। ଅନେକ ଘଟଣା ମଧ୍ୟ ନଜରକୁ ଆସୁନାହିଁ।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ବିଶ୍ୱ ପୁସ୍ତକ ମେଳା ଓ 'କୁଦୋପାଲି'ର ବୀରତ୍ୱ ଗାଥା

**ଡ଼ଃ.ଅରୁନ୍ଧତୀ ଦେବୀ**



ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଓଡ଼ିଶାର ବୀର ସଂଗ୍ରାମୀ, ସେନାନୀଙ୍କ ବୀରତ୍ୱର ଅନେକ କ୍ରାନ୍ତିକାରୀ ଦେଶଭକ୍ତିର ଉଦାହରଣ ରହିଛି। ନିକଟରେ ଭାରତ ମଣ୍ଡପମ୍ ଠାରେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୬ର ଉଦଘାଟିତ ହୋଇଛି। ଏହି ବର୍ଷର ମେଳାରେ ସ୍ୱତନ୍ତ୍ରତା ହେଉଛି ଓଡ଼ିଶାର ୧୮୫୭ ସଂଗ୍ରାମର ଅନାଲୋଚିତ ଅଧ୍ୟାୟ କୁଦୋପାଲିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହି ଅବସରରେ କୁଦୋପାଲିର ସଂଘର୍ଷ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡ଼ିଓ ପ୍ରଦର୍ଶିତ ହେବା ସହ 'ଦି ସାଗା ଅଫ କୁଦୋପାଲି : ଦ ଅନସଙ୍ଗ ଷ୍ଟୋରି ଅଫ ୧୮୫୭' ପୁସ୍ତକଟିକୁ ସ୍ପାନିସ ସମେତ ୧୦ଟି ଆଞ୍ଚଳିକ ଭାଷାରେ ଉନ୍ମୋଚିତ ହୋଇଛି। ପୁସ୍ତକଟି ସ୍ପାନିସ, ବଙ୍ଗାଳି, ପଞ୍ଜାବୀ, ମରାଠୀ, ଅସମୀୟା, ମାଲାୟାଲମ, ଉର୍ଦ୍ଧୁ, ତାମିଲ, କନ୍ନଡ଼ ଏବଂ ତେଲୁଗୁ ଭଳି ମୋଟ ୧୦ଟି ଭାଷାରେ ଉନ୍ମୋଚନ ହୋଇଥିଲା। ବିଶେଷ ଭାବରେ ସ୍ପାନିସ ଭଳି ଆନ୍ତର୍ଜାତିକ ଭାଷାରେ ପୁସ୍ତକଟିର ଉନ୍ମୋଚନ ଓଡ଼ିଶାର ଇତିହାସକୁ ୟୁରୋପୀୟ ପାଠକଙ୍କ ପାଖରେ ପହଞ୍ଚାଇବାରେ ଏକ ବଡ଼ ସଫଳତା। ଏଠାରେ ଉଲ୍ଲେଖ କରୁକି ଯେ, ୧୮୫୭ ମସିହା ଡିସେମ୍ବର ମାସ ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ପରେ ଆଉ ଚାରି ଜଣ ସଂଗ୍ରାମୀଙ୍କୁ ଫାଶୀ ଦିଆଯାଇଥିଲା। ଏହିପରି ୫୭ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ। ଆଜିର ପଦକ୍ଷେପ ମାଧ୍ୟମରେ କୁଦୋପାଲିର ଅନାଲୋଚିତ ଇତିହାସ ଏବଂ ବୀର ସଂଗ୍ରାମୀଙ୍କ ବଳିଦାନକୁ ସର୍ବଭାରତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ଏକ ବଳିଷ୍ଠ ପ୍ରୟାସ କରାଯାଇଛି। ଏହି ତଥ୍ୟ ସମ୍ବଳିତ ନୂତନ ପୁସ୍ତକଟି ଭାରତର ସଂଗ୍ରାମୀ ଇତିହାସରୁ ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ। ଏହି ପଦକ୍ଷେପ ଦ୍ୱାରା ନୂଆପିଢ଼ିର ପିଲାମାନେ ନିଜ ମାଟିର ବୀରତ୍ୱ ଓ ସଂଘର୍ଷ ବିଷୟରେ ଜାଣିବାକୁ ସୁଯୋଗ ପାଇବେ। ସମ୍ବଲପୁରର କୁଦୋପାଲି କେବଳ ଏକ ସ୍ଥାନ ନୁହେଁ, ବରଂ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଜାଜ୍ଜ୍ୱଲ୍ୟମାନ ପ୍ରତୀକ। ୧୮୫୭ର ସିପାହୀ ବିଦ୍ରୋହ ସମୟରେ ଓଡ଼ିଶାର ଏହି ମାଟି ବ୍ରିଟିଶ ଶାସନ ବିରୋଧରେ ଅପରାଜେୟ ସଂଗ୍ରାମର ସାକ୍ଷୀ ରହିଥିଲା, ଯାହା ଏବେ ବିଶ୍ୱ ଦରବାରରେ ନୂତନ ପରିଚୟ ପାଇବାକୁ ଯାଉଛି। ୧୮୫୭ ଜୁଲାଇ ୩୦ରେ ହଜାରିବାଗ ଜେଲରୁ ମୁକ୍ତ ହେବା ପରେ ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ଫେରି ଆସିଥିଲେ। ଜନତାଙ୍କ ଅକୁଣ୍ଠ ସମର୍ଥନରେ ସେ ବ୍ରିଟିଶ ବିରୋଧୀ 'ଉଲଗୁଲାନ' ଗରିଲା ଯୁଦ୍ଧର ରଣନୀତି ପ୍ରସ୍ତୁତ କରିଥିଲେ। ସମ୍ବଲପୁର ଠାରୁ ମାତ୍ର ଚାରି ମାଇଲ ଦୂରରେ ଥିବା କୁଦୋପାଲିକୁ ସଂଗ୍ରାମୀମାନେ ନିଜର ମୁଖ୍ୟ କେନ୍ଦ୍ର କରିଥିଲେ। ଏହାପରେ ପାହାଡ଼ିଆ ଭୌଗୋଳିକ ଅବସ୍ଥିତି ଯୋଗୁଁ ସେଠାରୁ ଶତ୍ରୁର ଗତିବିଧି ଉପରେ ନଜର ରଖିବା ସହଜ ଥିଲା। ୧୭ ଡିସେମ୍ବର ୧୮୫୭ରେ ବ୍ରିଟିଶ ସେନାର ପ୍ରଥମ ଆକ୍ରମଣକୁ ସଂଗ୍ରାମୀମାନେ ପାହାଡ଼ ଉପରୁ ବିଶାଳ ପଥର ଗଡ଼ାଇ ପରାସ୍ତ କରିଥିଲେ। ଏହି ବିଜୟ ବ୍ରିଟିଶ ଶାସନକୁ ସମ୍ପୂର୍ଣ୍ଣ ଅଥର୍ବ କରିଦେଇଥିଲା। ବ୍ରିଟିଶ ସେନା ଷଡ଼ଯନ୍ତ୍ର କରି ପଛକୁ ଫେରିଯିବାର ଛଳନା କରିଥିଲେ। ସଂଗ୍ରାମୀମାନେ ପାହାଡ଼ ତଳକୁ ଓହ୍ଲାଇବା ମାତ୍ରେ ଅତର୍କିତ ଆକ୍ରମଣର ଶିକାର ହୋଇଥିଲେ। ଏହି ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭ୍ରାତା ଛବିଳ ସାଏ ବୀରତ୍ୱର ସହ ଲଢ଼ି ଶହୀଦ ହୋଇଥିଲେ।

କୁଦୋପାଲି ମାଟିରେ ସମୁଦାୟ ୫୭ ଜଣ ବୀରପୁତ୍ର ତଥା ୫୩ ଜଣ ଯୁଦ୍ଧରେ ଓ ଚାରି ଜଣ ଫାଶୀ ଦ୍ୱାରା ଶହୀଦ ହୋଇଥିଲେ। ଏହି ଘଟଣା ସଂଗ୍ରାମକୁ ଦୁର୍ବଳ କରିବା ପରିବର୍ତ୍ତେ ଆହୁରି ତୀବ୍ର କରିଥିଲା, ଯାହାର ପ୍ରତିଶୋଧ ପରବର୍ତ୍ତୀ ସମୟରେ ପାହାଡ଼ ଶ୍ରୀଗିଡ଼ା ଯୁଦ୍ଧରେ ନିଆଯାଇଥିଲା। ସମ୍ବଲପୁରର ଏହି ଐତିହାସିକ ସଂଗ୍ରାମର ମୁଖ୍ୟ ପୁରୋଧା ଥିଲେ ବୀର ସୁରେନ୍ଦ୍ର ସାଏ, ଯାହାଙ୍କ ନେତୃତ୍ୱରେ ସାରା ଅଞ୍ଚଳରେ ବ୍ରିଟିଶ ବିରୋଧୀ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। କୁଦୋପାଲିର ରକ୍ତକ୍ଷୟୀ ଯୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭ୍ରାତା ଛବିଳ ସାଏ ବୀରତ୍ୱର ଚରମ ନିଦର୍ଶନ ଦେଖାଇ ଶହୀଦ ହୋଇଥିଲେ। ତାଙ୍କ ସହ ଏହି ଆନ୍ଦୋଳନକୁ ସଶକ୍ତ କରିବାରେ ସୁରେନ୍ଦ୍ରଙ୍କ ଅନ୍ୟତମ ଭ୍ରାତା ଉଦନ୍ତ ସାଏ ଏବଂ କାକା ବଳରାମସିଂହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୁଦୋପାଲି ମାଟିକୁ ନିଜ ରକ୍ତରେ ଭିଜାଇଥିବା ୫୭ ଜଣ ବୀର ସନ୍ତାନଙ୍କ ମଧ୍ୟରେ କୁଲାବିରା ଜମିଦାରଙ୍କ ପୁତ୍ର କୃଷ୍ଣଚନ୍ଦ୍ର ସିଂହ ନାଏକ, ସଂଗ୍ରାମୀ ସେନାପତି ଶ୍ରୀକୃଷ୍ଣ ବେହେରା ଏବଂ ପତ୍ରାପାଲିର ଗଉଁତିଆ ବଳଭଦ୍ର ଦାସ ବିତ୍ତିଆ ପ୍ରମୁଖ ସାମିଲ ଥିଲେ। ଏହି ବରପୁତ୍ରମାନଙ୍କ ମିଳିତ ତ୍ୟାଗ ଓ ବଳିଦାନ କୁଦୋପାଲିକୁ ଭାରତୀୟ ସ୍ୱାଧୀନତା ଇତିହାସରେ ଏକ ପବିତ୍ର ରକ୍ତତୀର୍ଥର ମାନ୍ୟତା ପ୍ରଦାନ କରିଛି। ଦୀର୍ଘ ବର୍ଷ ଧରି ଏହି ଇତିହାସ କେବଳ ସ୍ଥାନୀୟ ଲୋକଗୀତରେ ସୀମିତ ଥିଲା। ଉଲ୍ଲେଖଯୋଗ୍ୟ ଏହି ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ କାତାରର ସଂସ୍କୃତି ମନ୍ତ୍ରୀ ମହାମହିମ ଏଆର ବିନ ହାମଦ ବିନ ଜାସିମ ବିନ ହାମଦ ଅଲ୍ ଥାନି, ଭାରତର କତାର ରାଷ୍ଟ୍ରଦୂତ ଏଚ.ଜେ.ଅଲ ଜାବିର ଏବଂ ସ୍ପେନର ସଂସ୍କୃତି ମନ୍ତ୍ରଣାଳୟର ଡାଇରେକ୍ଟର ଜେନେରାଲ ଅଫ ବୁକ ସୁଶ୍ରୀ ମାରିଆ ଜୋସେ ଗାଲଭେଜ ପ୍ରମୁଖ ଉପସ୍ଥିତ ରହି ଭାରତର ଏହି ସଂଗ୍ରାମୀ ଗାଥାକୁ ସମ୍ମାନ ଜଣାଇଛନ୍ତି।


**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**


# ମାର୍କ ଟଲି: ଯାହାଙ୍କୁ ଶୁଣୁଥିଲା ଭାରତ

**ବିଜନ କୁମାର ମହାପାତ୍ର**





ଏକ ବିଦେଶୀଙ୍କ ପାଇଁ ଭାରତରେ ସାମ୍ବାଦିକତା କରିବା ବେଶ୍ ଆହ୍ୱାନମୂଳକ। ଏଥିପାଇଁ ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶକୁ ଭଲ ଭାବେ ଜାଣିବା ଜରୁରୀ। ଏପରି ଏକ ସାମ୍ବାଦିକ ଥିଲେ ସାର୍ ୱିଲିୟମ ମାର୍କ ଟଲି। ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ -ବିବିସି ପାଇଁ 'ଭଏସ ଅଫ ଇଣ୍ଡିଆ' ବା ଭାରତର ସ୍ୱର ଭାବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ବେଶ୍ ପରିଚିତ ଥିଲେ ଟଲି। କୌଣସି 'ଆର୍ମ ଚେୟାର' ସାମ୍ବାଦିକ ନଥିଲେ ଟଲି। ଖବର ସଂଗ୍ରହ ପାଇଁ ଦେଶର କୋଣ ଅନୁକୋଣ ବୁଲିଥିଲେ। ତେଣୁ ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥା ପାଇଁ କାର୍ଯ୍ୟ କରୁଥିଲେ ମଧ୍ୟ ଭାରତରେ ଲୋକପ୍ରିୟ ଥିଲେ ମାର୍କ ଟଲି। ସର୍ଟ୍‌ୱେଭ ରେଡିଓରେ ବିବିସି ଷ୍ଟେସନରୁ ଟଲିଙ୍କ ରିପୋର୍ଟ ଶୁଣିବା ପାଇଁ ସମସ୍ତେ ଆଗ୍ରହର ସହ ଅପେକ୍ଷା କରୁଥିଲେ। ସେ ଭାରତକୁ ଶୁଣୁଥିଲେ। ଆଉ ତାଙ୍କୁ ଶୁଣୁଥିଲା ଭାରତ। ସତ୍ୟ, ସନ୍ତୁଳିତ, ସଠିକ ଖବର, ଉଚ୍ଚକୋଟୀର ବିଶ୍ଳେଷଣ ଥିଲା ଟଲିଙ୍କ ବୈଶିଷ୍ଟ୍ୟ। ଏହି ମହାନ ସାମ୍ବାଦିକ, ଲେଖକ ତଥା ଭାରତପ୍ରେମୀଙ୍କ ୯୦ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଭାରତରେ ଜନ୍ମଗ୍ରହଣ କରିଥିବା ମାର୍କ ଟଲି ଭାରତରେ ହିଁ ଆଖି ବୁଜିଛନ୍ତି।

୧୯୩୫ ଅକ୍ଟୋବର ୨୪ ତାରିଖରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ ମାର୍କ ଟଲି। ପିତାମାତା ଥିଲେ ବ୍ରିଟିଶ। ପିତା ଏକ ଟ୍ରେଡିଂ ଏଜେନସୀରେ କାମ କରୁଥିଲେ। ଭାରତରେ ବ୍ରିଟିଶ ରାଜ୍‌ର ଦିନ ସରି ଆସୁଥିବା ବେଳେ କୋଲକାତାରେ ବିତିଥିଲା ଟଲିଙ୍କ ଶୈଶବ। ପିଲାଦିନେ ହିନ୍ଦି ଶିଖିବାକୁ ଟଲିଙ୍କ ଆଗ୍ରହ ଥିଲା। ଦିନେ ତାଙ୍କ ପରିବାରର ଭାରତୀୟ ଡ୍ରାଇଭର ଟଲିଙ୍କୁ ହିନ୍ଦିରେ ଗଣିବା ଶିଖାଉଥିଲେ। ଏହା ନନିଙ୍କ ନଜରରେ ପଡ଼ିଲା ପରେ ସେ ଟଲିଙ୍କୁ ଚାପୁଡା ମାରିଥିଲେ। ଚାକରଙ୍କ ଭାଷା ଶିଖିବା ଦରକାର ନାହିଁ ବୋଲି ଟଲିଙ୍କୁ କହିଥିଲେ ନନି। କିନ୍ତୁ ପରେ ଏମିତି ଦିନ ଆସିଲା ଯେ ମାର୍କ ଟଲି ନିର୍ଭୁଲ ଭାବେ ହିନ୍ଦି କହିବା ଆରମ୍ଭ କଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟଲିଙ୍କ ପରିବାର ଭାରତ ଛାଡି ଇଂଲଣ୍ଡ ଚାଲିଯାଇଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟଲିଙ୍କ ପରିବାର ଭାରତ ଛାଡି ଇଂଲଣ୍ଡ ଚାଲିଯାଇଥିଲେ। ଲିଙ୍କନ ଥିଓଲୋଜିକାଲ କଲେଜରେ ନାମ ଲେଖାଇଥିଲେ ଟଲି। ସେ ଜଣେ ପାଦ୍ରୀ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ବିଧିର ବିଧାନ ଥିଲା ଅନ୍ୟ ପ୍ରକାର। ନିଜର ବିଦ୍ରୋହୀ ମନୋଭାବ ଓ ମଦ୍ୟପାନ ଅଭ୍ୟାସ ଯୋଗୁଁ ପାଦ୍ରୀ ହେବା ଟଲିଙ୍କ ପକ୍ଷେ ସମ୍ଭବ ନଥିଲା (୨୦୨୦ରେ ଦି ୟୁନେସ୍କୋ କୋରିୟରକୁ ଏକ ସାକ୍ଷାତକାରରେ ଏ କଥା କହିଥିଲେ ଟଲି )।

ଭାରତରେ ଜନ୍ମ ନେଇ ଶୈଶବର କିଛି ବର୍ଷ ବିତାଇଥିବା ଟଲି ଷାଠିଏ ଦଶକରେ ପ୍ରଥମାର୍ଦ୍ଧରେ ପୁଣି ଜନ୍ମମାଟିକୁ ଫେରିଆସିଥିଲେ। ୧୯୬୪ରେ ବିବିସିର ନୂଆଦିଲ୍ଲୀ କାର୍ଯ୍ୟାଳୟରେ ସହଯୋଗୀ ପ୍ରତିନିଧି ଭାବେ ସେ ନିଯୁକ୍ତି ପାଇଲେ। କିଛି ବର୍ଷ ପରେ ସେ ବ୍ରିଟେନ ଫେରିବାକୁ ବାଧ ହୋଇଥିଲେ। କାରଣ ଭାରତକୁ ସମାଲୋଚନା କରି ନିର୍ମିତ ଏକ ଫରାସୀ ଡକ୍ୟୁମେଂଟାରୀ ଫିଲ୍ମ (ଫ୍ୟାଂଟମ ଇଣ୍ଡିଆ) ପ୍ରସାରଣ କରିଥିଲା ବିବିସି। ଏଥିରେ ଉଦବିଗ୍ନ ହୋଇ ତତ୍କାଳୀନ ସରକାର ଭାରତରେ ବିବିସିକୁ ବ୍ୟାନ କରିଥିଲେ। ୧୯୭୧ରେ ପୁଣି ଭାରତ ଫେରିବା ପରେ ଟଲିଙ୍କୁ ବିବିସିର ଦକ୍ଷିଣ ଏସିଆ ଚିଫ୍ ଅଫ୍ ବ୍ୟୁରୋ ଭାବେ ନିଯୁକ୍ତ କରାଯାଇଥିଲା।

ଭାରତରେ ଟଲିଙ୍କ ବିବିସି କ୍ୟାରିୟର ଆରମ୍ଭରୁ ହିଁ ଥିଲା ବେଶ୍ ଆହ୍ୱାନମୂଳକ। ଭାରତରେ ଥିଲା ଆକାଶବାଣୀର ପ୍ରାଧାନ୍ୟ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ତିଷ୍ଠି ରହିଥିଲେ ଟଲି। ବିବିସି ସାମ୍ବାଦିକ ଭାବେ ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ ବାଂଲାଦେଶ ମୁକ୍ତି ଯୁଦ୍ଧ, ୧୯୭୫ର ଜରୁରୀକାଳୀନ ପରିସ୍ଥିତି, ୧୯୮୦ ଦଶକର ପଞ୍ଜାବ ବିଚ୍ଛିନ୍ନତାବାଦ, ଅପରେସନ ବ୍ଲୁଷ୍ଟାର୍, ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ଶିଖ୍ ବିରୋଧୀ ଦଙ୍ଗା, ବାବ୍ରି ମସଜିଦ ଭଙ୍ଗ ଭଳି ଗୁରୁତ୍ୱପୂର୍ଣ୍ଣ ଓ ଐତିହାସିକ ଘଟଣାର ରିପୋର୍ଟିଂ କରିଥିଲେ ଟଲି। ଭାରତ ସମେତ ଦକ୍ଷିଣ ଏସିଆର ପ୍ରମୁଖ ଘଟଣାବଳିର ବିଶ୍ୱସନୀୟ ରିପୋର୍ଟିଂ ସାମ୍ବାଦିକ ଭାବେ ଟଲିଙ୍କ ସ୍ଥାନ ସୁଦୃଢ଼ କରିଥିଲା। ଟଲିଙ୍କ ନିର୍ଭୁଲ ଓ ନିରପେକ୍ଷ ରିପୋର୍ଟିଂ ଯୋଗୁଁ ଭାରତରେ ବିବିସି ରେଡିଓର ସୃଷ୍ଟି ହୋଇପାରିଥିଲେ ଅଗଣିତ ଶ୍ରୋତା।

ଦିଲ୍ଲୀର ସାମ୍ବାଦିକ ମହଲରେ ମାର୍କ ଟଲିଙ୍କ ସଂପର୍କିତ ଅନେକ ରୋଚକ କଥା ରହିଛି, ଯାହା କି ସାମ୍ବାଦିକ ଭାବେ ତାଙ୍କ ପ୍ରତିଷ୍ଠାକୁ ପ୍ରମାଣିତ କରେ। ୧୯୭୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଦେଶରେ ଜରୁରୀ ପରିସ୍ଥିତି ଜାରି କଲା ପରେ ବିବିସି ଓ ଟଲିଙ୍କୁ ନେଇ ଏକ ଗୁଜବ ପ୍ରଚାର ହେଲା। ଇନ୍ଦିରାଙ୍କ ନିଷ୍ପତ୍ତି ବିରୋଧରେ ଜଣେ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି ଓ ଅନ୍ୟ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ଗୃହବନ୍ଦୀ କରାଯାଇଥିବା ନେଇ ମାର୍କ ଟଲିଙ୍କ ରିପୋର୍ଟ ବିବିସିରେ ପ୍ରସାର କରିଛି ବୋଲି ଗୁଜବ ସୃଷ୍ଟି ହୋଇଥିଲା। ଟଲିଙ୍କୁ ଜେଲ୍ ପଠାଇବା ପାଇଁ ଇନ୍ଦିରା ଗାନ୍ଧିଙ୍କ ଇନର୍ ସର୍କଲରୁ ତତ୍କାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଇନ୍ଦର କୁମାର ଗୁଜରାଲଙ୍କୁ ଆଦେଶ ଆସିଲା। କିନ୍ତୁ ଗୁଜରାଲ ଏହି ଆଦେଶ ମାନିବାକୁ ମନା କରିଥିଲେ। ଲୋକଙ୍କୁ ଜେଲ୍ ପଠାଇବା କେନ୍ଦ୍ର ଗୃହମନ୍ତ୍ରୀଙ୍କ କାମ କହି ଆଦେଶକୁ ଏଡାଇ ଯାଇଥିଲେ। ପରେ ସରକାରଙ୍କ ମନିଟରିଂ ରିପୋର୍ଟ ଚେକ୍ କରିଥିଲେ ଗୁଜରାଲ। ଇନ୍ଦିରା ଗାନ୍ଧିଙ୍କୁ ବିରୋଧ କରି ବରିଷ୍ଠ କ୍ୟାବିନେଟ ମନ୍ତ୍ରୀଙ୍କ ଇସ୍ତଫା ଓ ଅନ୍ୟ ମନ୍ତ୍ରୀଙ୍କୁ ଗୃହବନ୍ଦୀ ଖବର ମାର୍କ ଟଲି ଫାଇଲ୍ କରିନଥିଲେ। ଏହା କେବଳ ଏକ ଗୁଜବ ବୋଲି ଜଣାପଡ଼ିଥିଲା। ୨୦୦୭ରେ ପ୍ରକାଶିତ ନିଜ ପୁସ୍ତକ 'ଇଣ୍ଡିଆସ୍ ଅନଏଣ୍ଡିଂ ଜର୍ଣ୍ଣି'ରେ ଏ ବିଷୟ ଉଲ୍ଲେଖ କରିଛନ୍ତି ମାର୍କ ଟଲି।

ଟଲି କେବଳ ଭାରତର ଦାରିଦ୍ର୍ୟଦ ଓ ଅସମାନତାକୁ ହିଁ ବିଶ୍ୱ ଦରବାରରେ ପହଂଚାଉଛନ୍ତି ବୋଲି ସମାଲୋଚନା କରାଯାଉଥିଲା। କିନ୍ତୁ ସମାଲୋଚନା ଅପେକ୍ଷା ସେ ଅଧିକ ପ୍ରଶଂସା ସାଉଁଟିଛନ୍ତି। କୁହାଯାଏ, ଦେଶର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା ସଂପର୍କରେ ନେତା ଓ ମନ୍ତ୍ରୀ ଟଲିଙ୍କ ବିବିସି ରିପୋର୍ଟକୁ ହିଁ ଅପେକ୍ଷା କରୁଥିଲେ।

ଭାରତରେ ବିବିସିର ଚିଫ୍ ଅଫ୍ ବ୍ୟୁରୋ ଭାବେ ଦୀର୍ଘ ୨୨ ବର୍ଷ କାମ କରିଥିଲେ ମାର୍କ ଟଲି। ବିବିସି ଛାଡିଲା ପରେ ସେ ଡକ୍ୟୁମେଂଟାରୀ ଫିଲ୍ମ ନିର୍ମାଣରେ ମନୋନିବେଶ କରିଥିଲେ। ଜଣେ ସୁଲେଖକ ଭାବେ ମଧ୍ୟ ଖ୍ୟାତି ଅର୍ଜନ କରିଛନ୍ତି ଟଲି। ସାମ୍ବାଦିକ ଭାବେ ନିଜ ଅଭିଜ୍ଞତାକୁ ପାଥେୟ କରି ଭାରତ ସଂପର୍କରେ ଲେଖିଛନ୍ତି ଏକାଧିକ ପୁସ୍ତକ। ଏସବୁ ମଧ୍ୟରେ ରହିଛି 'ନୋ ଫୁଲ୍ ଷ୍ଟପ୍‌ସ ଇଣ୍ଡିଆ', 'ଇଣ୍ଡିଆ ଇନ୍ ସ୍ଲୋ ମୋସନ', 'ହାର୍ଟ ଅଫ୍ ଇଣ୍ଡିଆ' ଓ ଇଣ୍ଡିଆସ ଅନଏଡିଂ ଜର୍ଣ୍ଣି।

୧୯୯୪ରେ ବିବିସି ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ମତଭେଦ ପରେ ଆଂଶିକ ଭାବେ ସେ ବିବିସି ଛାଡିଥିଲେ। ଆଉ ୨୦୧୯ରେ ସେ ସଂପୂର୍ଣ୍ଣ ଭାବେ ବିବିସି ଛାଡିଥିଲେ। ଭାରତରେ ରହୁଥିଲେ ମଧ୍ୟ ସେ ବ୍ରିଟିଶ ନାଗରିକତା ଛାଡିନଥିଲେ। 'ପିପୁଲ ଅଫ୍ ଇଣ୍ଡିଆନ ଅରିଜିନ' (ପିଆଇଓ) କାର୍ଡ ହାସଲ କରି ସେ ଭାରତରେ ରହୁଥିଲେ। ଭାରତ ବିନା ସେ କିଛି ନୁହନ୍ତି ବୋଲି କହୁଥିଲେ ମାର୍କ ଟଲି। ଉଭୟ ଭାରତ ଓ ବ୍ରିଟେନର ସେ ପ୍ରଶଂସିତ ଓ ସମ୍ମାନିତ ହୋଇଛନ୍ତି। ୧୯୯୨ ମସିହାରେ ତାଙ୍କୁ ଭାରତ ସରକାର ପଦ୍ମଶ୍ରୀ ଓ ୨୦୦୫ରେ ପଦ୍ମଭୂଷଣ ସମ୍ମାନ ଦେଇଥିଲେ। ଜଣେ ବିଦେଶୀ ସାମ୍ବାଦିକଙ୍କ ପାଇଁ ଏଭଳି ସମ୍ମାନ ବିରଳ ନିଶ୍ଚୟ।


**ଉମା ନଗର, ଚତୁର୍ଥ ଗଳି, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋବାଇଲ୍: ୮୮୪୭୮୪୨୪୨୪**

## ମହିଳାଙ୍କ ଇଚ୍ଛା ବିରୋଧରେ ମାତୃତ୍ୱ ଲାଗି ବାଧ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

# ନାବାଳିକାଙ୍କୁ ୩୦ ସପ୍ତାହର ଗର୍ଭପାତ ଅନୁମତି



**ନୂଆଦିଲ୍ଲୀ,୬।୨:** ମହିଳାଙ୍କ ପ୍ରଜନନ ସ୍ୱାଧୀନତାକୁ ଗୁରୁତ୍ୱ ଦେଇ ସୁପ୍ରିମକୋର୍ଟ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଜଣେ ଯୁବତୀଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ମାତୃତ୍ୱ ଗ୍ରହଣ କରିବା ପାଇଁ କୋର୍ଟ ବାଧ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶୀର୍ଷ ଅଦାଲତ। ଏହା ସହିତ ୩୦ ସପ୍ତାହର ଗର୍ଭପାତ ପାଇଁ ଯୁବତୀଙ୍କୁ ଅନୁମତି ମିଳିଛି।

ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ନେତୃତ୍ୱରେ ଗଠିତ ଏକ ବେଞ୍ଚ ବମ୍ବେ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତିକୁ ରଦ୍ଦ କରିଦେଇଛନ୍ତି। ବମ୍ବେ ହାଇକୋର୍ଟ ପୂର୍ବରୁ ଗର୍ଭପାତ ପାଇଁ ମନା କରିଥିଲେ ଏବଂ ଯୁବତୀଙ୍କୁ ସନ୍ତାନ ଜନ୍ମ କରି ପୋଷ୍ୟ ସନ୍ତାନ ଭାବେ ଅନ୍ୟକୁ ଦେଇଦେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ମହିଳାଙ୍କ ଗର୍ଭ ରଖିବାକୁ ଇଚ୍ଛା ନାହିଁ, ତେବେ ତାଙ୍କୁ ସନ୍ତାନ ଜନ୍ମ କରିବା ପାଇଁ କୋର୍ଟ ବାଧ କରିପାରିବେ ନାହିଁ। ସମ୍ପୃକ୍ତ ଯୁବତୀ ଜଣକ ୧୭ ବର୍ଷ ବୟସରେ ଜଣେ ବନ୍ଧୁଙ୍କ ସହ ସମ୍ପର୍କ ରଖି ଗର୍ଭବତୀ ହୋଇଥିଲେ। ଏବେ ତାଙ୍କ ବୟସ ୧୮ ବର୍ଷ ୪ ମାସ। ଯେହେତୁ ଗର୍ଭଧାରଣ ସମୟ ୩୦ ସପ୍ତାହ ଅତିକ୍ରମ କରିସାରିଥିଲା, ମେଡିକାଲ୍ ବୋର୍ଡର ରିପୋର୍ଟ ଅନୁସାରେ ଏଥିରେ ଯୁବତୀଙ୍କ ଜୀବନ ପ୍ରତି କୌଣସି ବଡ଼ ବିପଦ ନଥିବା ଦର୍ଶାଯାଇଥିଲା। ଯୁବତୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ସମାଜରେ ଅବୈଧ ସନ୍ତାନ ଜନ୍ମ ଦେବା କାରଣରୁ ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ସହିବାକୁ ପଡ଼ିବ। ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି କହିଛନ୍ତି, ଏଠାରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଆମେ କାହା ସ୍ୱାର୍ଥ ଦେଖିବା? ଏକ ଅଜନ୍ମା ଶିଶୁର ନା ସେହି ମା'ର ଯିଏ ଶିଶୁଟିକୁ ଜନ୍ମ ଦେବ? ମା'ର ପ୍ରଜନନ ସ୍ୱାଧୀନତାକୁ ସବୁବେଳେ ପ୍ରାଧାନ୍ୟ ଦିଆଯିବା ଉଚିତ।

ଜଷ୍ଟିସ୍ ନାଗରତ୍ନା ଆହୁରି ମଧ କହିଛନ୍ତି ଯେ, ଯଦି କୋର୍ଟ ଏଭଳି କଠିନ ସମୟରେ ସହାୟତା ନକରିବେ, ତେବେ ଅସହାୟ ମହିଳାମାନେ ଅଣଅନୁମୋଦିତ ଡାକ୍ତର ବା ଅଣକୁଶଳୀ ବ୍ୟକ୍ତିଙ୍କ ପାଖକୁ ଗର୍ଭପାତ ପାଇଁ ଯାଇ ନିଜ ଜୀବନ ବିପଦରେ ପକାଇବେ।

ଭାରତୀୟ ଆଇନ ଅନୁସାରେ ଗର୍ଭପାତ ପାଇଁ କିଛି ନିର୍ଦ୍ଦିଷ୍ଟ ସୀମା ରହିଛି। ୨୦ ସପ୍ତାହ ପର୍ଯ୍ୟନ୍ତ ଜଣେ ମହିଳା ନିଜ ନିଷ୍ପତ୍ତିରେ ଗର୍ଭପାତ କରିପାରିବେ। ୨୦ରୁ ୨୪ ସପ୍ତାହ ହୋଇଥିଲେ ଏଥିପାଇଁ ମେଡିକାଲ୍ ବୋର୍ଡର ପରାମର୍ଶ ଆବଶ୍ୟକ। ୨୪ ସପ୍ତାହ ପରେ କେବଳ କୋର୍ଟଙ୍କ ଅନୁମତି କ୍ରମେ ହିଁ ଗର୍ଭପାତ କରାଯାଇପାରିବ।

## ନମାଜ ବେଳେ ଭୟଙ୍କର ବିସ୍ଫୋରଣ

# ପାକ୍‌ରେ ୩୯ ମୃତ, ୧୭୦ ଆହତ



**ଇସ୍ଲାମାବାଦ,୬।୨:** ଶୁକ୍ରବାର ପାକିସ୍ତାନରେ ପୁଣି ଏକ ଭୟଙ୍କର ବୋମା ବିସ୍ଫୋରଣ ହୋଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୩୯ ଜଣଙ୍କର ମୃତ୍ୟୁ ହୋଇଛି। ୧୬୯ରୁ ଅଧିକ ଆହତ ହୋଇଛନ୍ତି। ରାଜଧାନୀ ଇସ୍ଲାମାବାଦର ଶେହଜାଦ ଟାଉନ୍ ଅଞ୍ଚଳର ତରଲାଇ ଇମାମବାରଗାରେ ଏହି ବିସ୍ଫୋରଣ ଘଟିଛି। ଶୁକ୍ରବାର ନମାଜ ବେଳେ ଏହି ବିସ୍ଫୋରଣ କରାଯାଇଛି। ବର୍ତ୍ତମାନ ହସ୍ପିଟାଲରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ପିଆଇଏମ୍ଏସ୍ ଏବଂ ପଲିକ୍ଲିନିକ୍ ସ୍ଥାନାନ୍ତର କରାଯାଉଛି।

ଗତ ୬ ମାସ ମଧ୍ୟରେ ଇସ୍ଲାମାବାଦରେ ଏହା ଦ୍ୱିତୀୟ ବିସ୍ଫୋରଣ ଘଟଣା। ଗତ ନଭେମ୍ବରରେ ଇସଲାମାବାଦ କୋର୍ଟ ପରିସରରେ ଏକ କାର ବିସ୍ଫୋରଣ ଘଟିବାରୁ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୨୫ରୁ ଅଧିକ ଆହତ ହୋଇଥିଲେ। କାର୍‌ଟି ଗୋଟିଏ ଜାଗାରେ ଛିଡ଼ା ହୋଇଥିବା ବେଳେ ବିସ୍ଫୋରଣ ଘଟିଥିଲା। ପାକିସ୍ତାନ ଅଧିକାରୀ ଏହାକୁ ଆତ୍ମଘାତି ଆକ୍ରମଣ ବୋଲି କହିଥିଲେ।

ଇସଲାମାବାଦ ଜିଲ୍ଲା କୋର୍ଟର ପ୍ରବେଶ ଦ୍ୱାର ନିକଟରେ କାମ ସମୟରେ ଅପରାହ୍ଣ ପ୍ରାୟ ୧୨.୩୦ ସମୟରେ ବିସ୍ଫୋରଣ ଘଟିଥିଲା, ଯାହା ଫଳରେ କୋର୍ଟ ପରିସରରେ ଉପସ୍ଥିତ ଓକିଲ ଏବଂ ଅନ୍ୟମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିସ୍ଫୋରଣର ପ୍ରଭାବ ଏତେ ଶକ୍ତିଶାଳୀ ଥିଲା ଯେ ଏହାର ଶବ୍ଦ ୬ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ସେତେବେଳେ, ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ଆକ୍ରମଣ ପାଇଁ ଆଫଗାନିସ୍ତାନକୁ ଦାୟୀ କରିଥିଲେ ଏବଂ ଦେଶ ବର୍ତ୍ତମାନ ଯୁଦ୍ଧ ପରିସ୍ଥିତିରେ ଅଛି ବୋଲି ଘୋଷଣା କରିଥିଲେ।

# ଆପ୍ ନେତାଙ୍କୁ ଗୁଳିକରି ହତ୍ୟା



**ଚଣ୍ଡିଗଡ଼, ୬।୨:** ପଞ୍ଜାବର ଜଲନ୍ଧରରେ ଶୁକ୍ରବାର ଆମ୍ ଆଦ୍‌ମୀ ପାର୍ଟିର ଜଣେ ନେତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକଙ୍କ ନାଁ ଲକି ଓବେରାୟ। ଜଲନ୍ଧରର ଜନଗହଳିପୂର୍ଣ୍ଣ ମଡେଲ ଟାଉନ ଅଞ୍ଚଳରେ ଥିବା ଏକ ଗୁରୁଦ୍ୱାର ବାହାରେ ଘଟିଛି ଏହି ଘଟଣା। ଲକି ଓବେରାୟ କାରରେ ବସିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଗୁଳି ଚଳାଇଥିଲେ।

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଲକିଙ୍କ ଉପରକୁ ଦୁର୍ବୃତ୍ତମାନେ ଅନେକ ରାଉଣ୍ଡ ଗୁଳି ଫାୟାର କରିଥିଲେ। ଲକିଙ୍କ ଦେହରେ ୫ଟି ଗୁଳି ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଧରିବା ପାଇଁ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। କିଏ ଓ କାହିଁକି ଲକିଙ୍କୁ ହତ୍ୟା କଲା, ସେନେଇ କିଛି ଜଣାପଡ଼ିନାହିଁ। ପୁଲିସ କହିଛି ଯେ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଓ ପ୍ରତ୍ୟକ୍ଷଦର୍ଶୀମାନଙ୍କୁ ପଚରାଉଚରା କରିବା ପରେ ଅଧିକ ତଥ୍ୟ ମିଳିବ।

## ୨୦୦ ଫୁଟ ଗଭୀର ଖାଇକୁ ଖସିଲା ବସ୍

# ୧୩ ଯାତ୍ରୀ ମୃତ, ୩୪ ଆହତ



**କାଠମାଣ୍ଡୁ, ୬।୨:** ନେପାଳର ବୈତାଡି ଜିଲ୍ଲାରେ ଭୀଷଣ ବସ୍ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଟି ନିୟନ୍ତ୍ରଣ ହରାଇ ୨୦୦ ଫୁଟ ଗଭୀର ଖାଇକୁ ଖସି ପଡିଛି। ଫଳରେ ବସ୍ ରେ ଯାତ୍ରା କରୁଥିବା ୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି। ନେପାଳର ଏହି ଜିଲ୍ଲାଟି ଉତ୍ତରାଖଣ୍ଡ ପିଥୋରାଗଡ଼ ନିକଟରେ। ବିପଦଜନକ ପାହାଡିଆ ସଡ଼କରେ ଏହି ଦୁର୍ଘଟଣା ଘଟିଛି।

ବସ୍ ରେ ଥିବା ଅଧିକାଂଶ ଯାତ୍ରୀ ଏକ ବିବାହ ଉତ୍ସବରୁ ଫେରୁଥିଲେ। ପୁଲିସ ଅନୁସାରେ ବସ୍ ଟି ପାହାଡିଆ ରାସ୍ତାରେ ଚାଲୁଥିବା ବେଳେ ଅଚାନକ ରାସ୍ତାରୁ ଗଭୀର ଖାଇକୁ ଖସି ପଡିଛି। ସ୍ଥାନୀୟ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ଯାତ୍ରୀମାନଙ୍କୁ ବୈତାଲୀ ଓ ଡଡେଲଧୁରାରେ ଥିବା ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କିଛି ଆହତଙ୍କ ଅବସ୍ଥା ଗୁରୁତର ରହିଛି। ନେପାଳ ପାହାଡିଆ ଅଞ୍ଚଳରେ ସର୍ପିଳ ରାସ୍ତା ଯୋଗୁ ଅନେକ ସମୟରେ ବସ୍ ଦୁର୍ଘଟଣା ଘଟୁଛି। ଖରାପ ପାଗ, ଦ୍ରୁତ ଗତି ଓ ଡ୍ରାଇଭରଙ୍କ ବେପରୁଆ ବାହନ ଚାଳନା ଏହି ସବୁ ଦୁର୍ଘଟଣାର ମୁଖ୍ୟ କାରଣ। ତେବେ ବୈତାଡି ବସ୍ ଦୁର୍ଘଟଣା ଦେଶର ସଡ଼କ ସୁରକ୍ଷା ଉପରେ ପୁଣି ପ୍ରଶ୍ନ ଚିହ୍ନ ଲଗାଇଛି। ସ୍ଥାନୀୟ ପ୍ରଶାସନ ବସ୍ ଦୁର୍ଘଟଣାର ଯାଞ୍ଚ ଆରମ୍ଭ କରିଛି।

## ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼

# ୩ ନକ୍ସଲ ନିହତ, ଜଣେ ଯବାନ ସହିଦ



**ନୂଆଦିଲ୍ଲୀ, ୬।୨:** ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ଥିବା ଅବୁଝମାଡର ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଜଣ ନକ୍ସଲ ନିହତ ହୋଇଛନ୍ତି। ଖବର ଲେଖାଯିବା ସୁଦ୍ଧା ମୃତ ନକ୍ସଲମାନଙ୍କର ପରିଚୟ ସ୍ପଷ୍ଟ ହୋଇପାରି ନଥିଲା।

ନକ୍ସଲଙ୍କ ସହିତ ମୁହାଁମୁହିଁରେ ଜଣେ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି। ତାଙ୍କ ନାଁ ଦୀପକ ଚିନ୍ନା ମଡାବୀ। ଅନ୍ୟ ଜଣେ ସୁରକ୍ଷାକର୍ମୀ ଆହତ ହୋଇଛନ୍ତି। ତାଙ୍କ ଦେହରେ ଗୁଳି ବାଜିଛି। ତେବେ ସେ ବିପଦ ମୁକ୍ତ ଅଛନ୍ତି। ମହାରାଷ୍ଟ୍ରର ଗଡଚିରୋଲି ପୁଲିସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଘଟଣାସ୍ଥଳରୁ ଗୋଟିଏ ଏକେ ୪୭ ଓ ଗୋଟିଏ ଏସ୍ଏଲ୍ଆର ଜବତ କରିଥିଲେ ସି୬୦ ଯବାନମାନେ।

ଏହି ଏନ୍‌କାଉଣ୍ଟର ବେଳେ ଗୁରୁତର ଭାବେ ଆହତ ହୋଇଥିବା ସି୬୦ ଯବାନ ଦୀପକ ଚିନ୍ନା ମଡାବୀଙ୍କୁ ଆଜି ସକାଳୁ ସକାଳୁ ଗୁରୁତର ଅବସ୍ଥାରେ ଭାମରାଗଡ଼ ଡାକ୍ତରଖାନାକୁ ଏୟାରଲିଫ୍ଟ କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

୨୦୨୫ ଅକ୍ଟୋବର ମାସରେ ନକ୍ସଲ ବିରୋଧୀ ଲଢ଼େଇ ମହାରାଷ୍ଟ୍ର ସରକାରଙ୍କୁ ଏକ ବଡ଼ ସଫଳତା ମିଳିଥିଲା, ଯେତେବେଳେ ନକ୍ସଲ କମାଣ୍ଡର ଏମ ଭେନୁଗୋପାଲ ରାଓ ଓରଫ ଭୂପତି ଓ ରଫ ସୋନୁ ଓରଫ ଅଭୟ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ସହିତ ପ୍ରାୟ ୬୦ ନକ୍ସଲ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଥିଲେ। ଏହି ଆତ୍ମସମର୍ପଣ ବେଳେ ଭୂପତି ଏକ ସର୍ତ୍ତ ରଖିଥିଲେ। ସେ କେବଳ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆତ୍ମସମର୍ପଣ କରିବେ ବୋଲି କହିଥିଲେ।

# ଦିନକ ଲାଗି ଗୃହ କାର୍ଯ୍ୟ ମୁଲତବୀ

**ନୂଆଦିଲ୍ଲୀ,୬।୨ :** ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ପରେ ଲୋକସଭା କାର୍ଯ୍ୟକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି। ପରେ ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ଚାଲିବା ପରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସେମାନଙ୍କର ବିରୋଧ ଜାରି ରଖିଥିଲେ। ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ତେନେଟି ବିରୋଧୀଙ୍କୁ ସେମାନଙ୍କ ଆସନରେ ବସିବାକୁ ଓ ପ୍ଲାକାର୍ଡ ତଳକୁ କରିବାକୁ ଅନୁରୋଧ କରିଥିଲେ। ବିରୋଧୀ ସଦସ୍ୟମାନେ ଏହାକୁ ଗ୍ରହଣ କରିବାକୁ ମନା କରିବାରୁ ସେ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହା ପୂର୍ବରୁ ସକାଳେ ଅନେକ ବିରୋଧୀ ସାଂସଦ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ ଏବଂ ବାଚସ୍ପତି ଓମ୍ ବିର୍ଲା ଶୃଙ୍ଖଳା ଫେରାଇ ଆଣିବାକୁ ସେମାନଙ୍କୁ ବାରମ୍ବାର ନିବେଦନ କରିଥିଲେ। ବିଶୃଙ୍ଖଳା ଉପରେ ଚିନ୍ତା ପ୍ରକଟ କରି ବିର୍ଲା କହିଛନ୍ତି ଯେ, ସଂସଦ ବିତର୍କ ଓ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ଉଦ୍ଦିଷ୍ଟ, ସ୍ଲୋଗାନ ଦେବା ନୁହେଁ। ସଦସ୍ୟମାନେ ଗଠନମୂଳକ ଢଙ୍ଗରେ ପ୍ରସଙ୍ଗ ଉଠାଇବା ପାଇଁ ନିର୍ବାଚିତ ହୋଇଛନ୍ତି। ସଂସଦ କାର୍ଯ୍ୟରେ କ୍ରମାଗତ ବ୍ୟାଘାତ ସୃଷ୍ଟି କରିବା ଗୃହ ପ୍ରତି ଅସମ୍ମାନ। ବାଚସ୍ପତି ଉଲ୍ଲେଖ କରିଛନ୍ତି ଯେ, ଚଳିତ ଅଧିବେଶନରେ ବାଧା ହେତୁ ୧୯ ଘଣ୍ଟା ୧୩ ମିନିଟ୍ ନଷ୍ଟ ହୋଇସାରିଛି।



ଲୋକସଭାରେ ବିରୋଧୀଙ୍କ ହଟ୍ଟଗୋଳ

ପୂର୍ବତନ ସେନାମୁଖ୍ୟ ଜେନେରାଲ୍ ଏମ୍ଏମ୍ ନରବଣେଙ୍କ ଅପ୍ରକାଶିତ 'ଆତ୍ମଜୀବନୀ' ଉପରେ ଆଲୋଚନା କରିବାକୁ ବାଚସ୍ପତି ମନା କରିଦେବା ପରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳମାନେ ସଂସଦ ଭିତରେ ଓ ବାହାରେ ବିରୋଧ ପ୍ରଦର୍ଶନ କରୁଛନ୍ତି।

## 'ପରୀକ୍ଷା ପେ ଚର୍ଚ୍ଚା'ର ନବମ ସଂସ୍କରଣ

# ଛାତ୍ରୀଛାତ୍ରଙ୍କୁ ଟିପ୍ସ ଦେଲେ ମୋଦି

### ଶିକ୍ଷାକୁ ବୋଝ ବଦଳରେ ଉପଭୋଗ କର



**ନୂଆଦିଲ୍ଲୀ,୬।୨:** 'ପରୀକ୍ଷା ପେ ଚର୍ଚ୍ଚା'ର ୯ମ ସଂସ୍କରଣ ଆରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବ୍ୟାପୀ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଏହି ଅବସରରେ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ଖାଦ୍ୟ ଯେମିତି ଅଲଗା, ପାଠପଢ଼ା ଶୈଳୀ ବି ଅଲଗା। ନିଜ ଶୈଳୀରେ ପାଠ ପଢ଼। ପ୍ରଥମେ ନିଜ ଅନୁଭବକୁ ସମ୍ମାନ ଦେଇ ଆଗକୁ ବଢ଼ିବାକୁ ଚେଷ୍ଟା କର। ନିଜ ରୁଚି ଅନୁସାରେ କାମ କରିବା ସହ ପାଠପଢ଼ାରେ ମନ ଦିଅ।

ସେହିପରି ଛାତ୍ରଛାତ୍ରୀଙ୍କୁ ଭଲ ଭାବେ ଗଢ଼ିବାକୁ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଟାଇମ ମ୍ୟାନେଜମେଣ୍ଟ ଓ ବ୍ୟାୟାମ ଉପରେ ମୋଦି ଫୋକସ କରିଛନ୍ତି। ସେ କହିଛନ୍ତି, ନିଜ ଶୈଳୀରେ ପାଠ ପଢ଼ିବା ସହ ସର୍ବଦା ଉତ୍ତମ ଅଭ୍ୟାସ ରଖ। ପାଠ ପଢ଼ିବା ସହ ଆଉଟ ନଲେଜ ଆହରଣ କରିବା ଦରକାର। ଶିକ୍ଷା ଓ ସ୍କିଲ କ୍ୟାରିୟରକୁ ଅଣଦେଖା କରନାହିଁ। ମନ ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଯୋଗ ଓ ବ୍ୟାୟାମ ଜରୁରୀ।

ନିଦ ଓ ଯୋଗ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଶିକ୍ଷାକୁ ବୋଝ ବଦଳରେ ଉପଭୋଗ କରିବା ଦରକାର। ମାର୍କ ଓ ପରୀକ୍ଷାରେ ନିଜକୁ ସୀମିତ ନ ରହିବା ଉଚିତ୍। ବ୍ୟକ୍ତିଗତ ଦକ୍ଷତାକୁ ଚିହ୍ନି ପାଠ ପଢ଼ିଲେ ସଫଳତା ନିଶ୍ଚିତ ମିଳିବ। ପ୍ରତି ପିଲାଙ୍କ ସଫଳତା ହିଁ ଅଭିଭାବକଙ୍କ ସମ୍ମାନ ହୋଇଥାଏ।

# ତାମିଲନାଡୁରେ ବାର୍ଡ଼ଫ୍ଲୁ ଆତଙ୍କ

### ଶତାଧିକ କାଉ ମୃତ
### ଏଚ୍୫ ଏନ୍୫ ଭୂତାଣୁ ଠାବ



**ଚେନ୍ନାଇ,୬।୨:** ଚେନ୍ନାଇ ସମେତ ତାମିଲନାଡୁରେ ଶହ ଶହ କାଉଙ୍କ ମୃତ୍ୟୁ ପରେ ରାଜ୍ୟରେ ବାର୍ଡ଼ଫ୍ଲୁ ନେଇ ଆତଙ୍କ ଦେଖାଯାଇଛି। ପରୀକ୍ଷାରୁ ମୃତ କାଉଙ୍କଠାରେ ଏଚ୍୫ଏନ୍୧ ଭୂତାଣୁ ଠାବ ହୋଇଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ବାର୍ଡ଼ଫ୍ଲୁ ପ୍ରକୋପ ନିୟନ୍ତ୍ରଣ କରିବା ପାଇଁ ଶୀଘ୍ର ପଦକ୍ଷେପ ନେଉଥିବାବେଳେ ଜନସାଧାରଣଙ୍କ ପାଇଁ ପରାମର୍ଶ ଜାରି କରାଯାଇଛି। ଅଧିକ ସଂକ୍ରମଣ ରୋକିବା ପାଇଁ ଜୈବ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ସମସ୍ତ କାଉ ଏବଂ କୁକୁଡ଼ାଙ୍କ ମୃତଦେହକୁ ଜାଳି ଦେବାକୁ କିମ୍ବା ଗଭୀର ଗାତ କରି ପୋତିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ତାମିଲନାଡୁ ସରକାରଙ୍କୁ ବନ୍ୟ ପକ୍ଷୀ, ଗୃହପାଳିତ କୁକୁଡ଼ା ଏବଂ ମଣିଷଙ୍କ ମଧ୍ୟରେ ଏହା ଯେପରି ନ ବ୍ୟାପେ ଏହାକୁ ରୋକିବା ପାଇଁ ନିରୀକ୍ଷଣ, ଜୈବ ସୁରକ୍ଷା ଏବଂ ରୋଗ ନିୟନ୍ତ୍ରଣ ପଦକ୍ଷେପକୁ ତୀବ୍ର କରିବାକୁ କହିଛନ୍ତି। ଆଦ୍ୟାର୍, ଭେଲାଚେରୀ, ତିରୁବନମିୟୁର ଏବଂ ପୁରୁଣା ମହାବଳୀପୁରମ ରୋଡ୍ ପରି ଅଞ୍ଚଳରୁ କାଉ ମୃତ୍ୟୁ ରିପୋର୍ଟ ଆସିବା ପରେ ଜାନୁଆରି ଶେଷ ଭାଗରେ ପଶୁ ସ୍ୱାସ୍ଥ୍ୟ ଦଳଗୁଡ଼ିକ ତଦନ୍ତ ଆରମ୍ଭ କରିଥିଲେ। ସଂଗୃହୀତ ନମୁନାଗୁଡ଼ିକୁ ଭୋପାଳର ଆଇସିଏଆର-ଏନ୍ଆଇଏଚ୍ଏସ୍ଏଡିକୁ ପଠାଯାଇଥିଲା, ଯେଉଁଠାରେ ପରୀକ୍ଷାରୁ ମୃତ ପକ୍ଷୀମାନଙ୍କଠାରେ ଏଚ୍୫ଏନ୍୧ ପକ୍ଷୀ ଇନଫ୍ଲୁଏଞ୍ଜା ଚିହ୍ନଟ ହୋଇଥିଲା।

# ରୁଷୀୟ ସେନାଧିକାରୀଙ୍କୁ ଗୁଳିମାଡ଼



**ନୂଆଦିଲ୍ଲୀ,୬।୨:** ରୁଷର ସେନା ଅଧିକାରୀଙ୍କୁ କରାଯାଉଛି ଟାର୍ଗେଟ। ଲଗାତାର ରୁଷର ଶୀର୍ଷ ସେନା ଅଧିକାରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଉଛି। ରୁଷୀୟ ସେନାର ଆଉ ଜଣେ ଜେନେରାଲଙ୍କୁ ମସ୍କୋରେ ଗୁଳିମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଏ ଓ କାହିଁକି ସେନା ଅଧିକାରୀଙ୍କୁ ଟାର୍ଗେଟ କରୁଛି, ତାକୁ ନେଇ ତଦନ୍ତ ଆରମ୍ଭ କରିଛି ମସ୍କୋ। ରିପୋର୍ଟ ଅନୁଯାୟୀ, ରୁଷ ରାଜଧାନୀର ଉତ୍ତର-ପଶ୍ଚିମ ଉପକଣ୍ଠରେ ଏକ ଆବାସିକ କୋଠାରେ ଆକ୍ରମଣ ପରେ ରୁଷର ସାମରିକ ଗୁପ୍ତଚର ସଂସ୍ଥା, ଜିଆର୍‌ୟୁର ଉପମୁଖ୍ୟ ଭ୍ଲାଦିମିର ଆଲେକ୍ସେଭ ଗୁରୁତର ହୋଇଛନ୍ତି। ଜିଆର୍‌ୟୁ ହେଉଛି ରୁଷର ସବୁଠାରୁ ବଡ଼ ବିଦେଶୀ ସାମରିକ ଗୁପ୍ତଚର ସଂସ୍ଥା ଏବଂ ଏହାର ଉପମୁଖ୍ୟଙ୍କ ଉପରେ ଆକ୍ରମଣ କରାଯାଇଛି। ତାଙ୍କ ଅବସ୍ଥା ବିଷୟରେ ସୂଚନା ଏପର୍ଯ୍ୟନ୍ତ ଉପଲବ୍ଧ ନାହିଁ।

ଫେବୃଆରୀ ୨୦୨୨ରେ ମସ୍କୋ ୟୁକ୍ରେନ ଉପରେ ଆକ୍ରମଣ କରିବା ପରଠାରୁ, ରୁଷ ସେନାର ଅନେକ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହତ୍ୟା କରାଯାଇଛି। କେତେକ ହତ୍ୟାକାଣ୍ଡ ପାଇଁ ୟୁକ୍ରେନ ଦାୟୀ ବୋଲି ଦାବି କରିଛି। ଆଲେକ୍ସେଭ ହେଉଛନ୍ତି ରୁଷର ଜେନେରାଲ ଷ୍ଟାଫ୍‌ର ପ୍ରଥମ ଉପମୁଖ୍ୟ। ପୂର୍ବରୁ, ସେ ପଦଚ୍ୟୁତ ନେତା ବଶର ଅଲ-ଆସାଦଙ୍କୁ ସମର୍ଥନ କରିବା ପାଇଁ ସିରିଆରେ ରୁଷର ହସ୍ତକ୍ଷେପ ସମୟରେ ଗୁପ୍ତଚର କାର୍ଯ୍ୟର ତଦାରଖ କରିଥିଲେ। ୨୦୨୩ ମସିହାରେ ବିଦ୍ରୋହୀ ୱାଗନର ମୁଖ୍ୟ ୟେଭଗେନି ପ୍ରିଗୋଜିନଙ୍କ ସହ ଆଲୋଚନା କରିବା ପାଇଁ କ୍ରେମଲିନ ତାଙ୍କୁ ମଧ ପଠାଇଥିଲା।

## ସୁପ୍ରିମକୋର୍ଟରୁ ପିକେଙ୍କୁ ଝଟକା

# ପାଟନା ହାଇକୋର୍ଟକୁ ପଠାଇଲେ ସିଜେଆଇ



**ପାଟନା,୬।୨:** ୨୦୨୫ ବିହାର ବିଧାନସଭା ନିର୍ବାଚନକୁ ଚ୍ୟାଲେଞ୍ଜ କରି ଏବଂ ନୂତନ ନିର୍ବାଚନ ପାଇଁ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟି ଦ୍ୱାରା ଦାୟର କରାଯାଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏନେଇ ପାଟନା ହାଇକୋର୍ଟ ଯାଇପାରନ୍ତି ବୋଲି ସର୍ବୋଚ୍ଚ କୋର୍ଟ କହିଛନ୍ତି।

ଯେତେବେଳେ କୋର୍ଟ ମାମଲା ଶୁଣାଣି କରିବାକୁ ଅନିଚ୍ଛା ପ୍ରକାଶ କଲେ, ଆବେଦନକାରୀଙ୍କୁ ହାଇକୋର୍ଟ ଯିବାର ସ୍ୱାଧୀନତା ସହିତ ଏହାକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଲେ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକୁ ପ୍ରତ୍ୟାହାର କରାଯାଇଥିବା କହି ଖାରଜ କରିଦେଇଛନ୍ତି।

ସିଜେଆଇ ଉଲ୍ଲେଖ କରିଥିଲେ ଯେ, ରିଟ ପିଟିସନ ଏକ 'ସମ୍ମିଳିତ ନିର୍ବାଚନ ପିଟିସନ' ଥିଲା, ଯାହା ସମଗ୍ର ନିର୍ବାଚନକୁ ବାତିଲ କରିବା ପାଇଁ ନିର୍ଦ୍ଦେଶ ଚାହୁଁଥିଲା। ସିଜେଆଇ ଆହୁରି କହିଥିଲେ ଯେ, ପ୍ରତ୍ୟେକ ପ୍ରାର୍ଥୀଙ୍କ ବିରୁଦ୍ଧରେ ଦୁର୍ନୀତିଗ୍ରସ୍ତ ନିର୍ବାଚନୀ ଅଭ୍ୟାସ ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ କରାଯିବା ଉଚିତ। ମୁଖ୍ୟ ବିଚାରପତି କହିଥିଲେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ପିଟିସନ ଦାଖଲ କରିବା ହେଉଛି ସଠିକ ଉପାୟ।

ସିଜେଆଇ ସୂର୍ଯ୍ୟକାନ୍ତ ମନ୍ତବ୍ୟ ଦେଇଥିଲେ, 'ଆପଣଙ୍କ ଦଳ କେତେ ଭୋଟ ପାଇଲା? ଯଦି ଲୋକମାନେ ଆପଣଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ ଆପଣ ଲୋକପ୍ରିୟତା ହାସଲ କରିବା ପାଇଁ କୋର୍ଟକୁ ଯାଆନ୍ତି।' ସିଜେଆଇ କହିଥିଲେ ଯେ ନଗଦ ସ୍ଥାନାନ୍ତର ଯୋଜନାକୁ ଚ୍ୟାଲେଞ୍ଜ କରାଯିବା ଉଚିତ ଥିଲା। ଓକିଲ ଉତ୍ତର ଦେଇଥିଲେ ଯେ ଏହାକୁ ଚ୍ୟାଲେଞ୍ଜ କରାଯାଇପାରିବ। ତା'ପରେ ସିଜେଆଇ ଦର୍ଶାଇଥିଲେ ଯେ, ରିଟ ପିଟିସନରେ ନଗଦ ସ୍ଥାନାନ୍ତର ଯୋଜନା ବିରୁଦ୍ଧରେ କୌଣସି ପ୍ରାର୍ଥନା ନାହିଁ ଏବଂ ସମ୍ପୂର୍ଣ୍ଣ ନିର୍ବାଚନକୁ ବାତିଲ କରିବା ପାଇଁ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟ ବିଚାରପତି କହିଥିଲେ, 'ହାଇକୋର୍ଟ ନିଶ୍ଚିତ ଭାବରେ ଏହା ଉପରେ ବିଚାର କରିପାରିବେ; ଏହା ଏକ ସର୍ବଭାରତୀୟ ପ୍ରସଙ୍ଗ ନୁହେଁ।'

## ଫେବୃଆରୀରେ ଭାରତ ଆସିବେ ଫ୍ରାନ୍ସ ରାଷ୍ଟ୍ରପତି

# ୧୧୪ ରାଫେଲ ବିମାନ ପାଇଁ ହେବ ଡିଲ୍



**ନୂଆଦିଲ୍ଲୀ,୬।୨:** ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ ଫେବୃଆରୀ ତୃତୀୟ ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି। ସେ ଫେବୃଆରୀ ୧୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଏଆଇ ସମ୍ମିଳନୀରେ ଯୋଗଦେବେ ବୋଲି ଆଶା କରାଯାଉଛି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ଏହି ଗସ୍ତ ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ଭାରତ ଓ ଫ୍ରାନ୍ସ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ରାଫେଲ ଜେଟ୍ କ୍ରୟ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଏହି ଚୁକ୍ତିରେ ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଲଢ଼ୁଆ ବିମାନ କିଣିବା ପାଇଁ ଡିଲ୍ ହୋଇପାରେ।

ସୂଚନା ଅନୁଯାୟୀ, ଭାରତର ପ୍ରତିରକ୍ଷା ଅଧିଗ୍ରହଣ ବୋର୍ଡ ଗତ ମାସରେ ଏହି ପ୍ରସ୍ତାବକୁ ପ୍ରାଥମିକ ଅନୁମୋଦନ ଦେଇଥିଲା ଏବଂ ଆସନ୍ତା ସପ୍ତାହରେ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା ହେବା ନେଇ ଆଶା କରାଯାଉଛି। ଭାରତୀୟ ବାୟୁସେନାର ବର୍ତ୍ତମାନର ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଚୁକ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତ ଭାବୁଛି। ଭାରତୀୟ ବାୟୁସେନା ୮୮ଟି ସିଙ୍ଗଲ-ସିଟର ଓ ୨୬ଟି ଟୁଇନ୍-ସିଟର ଏୟାରକ୍ରାଫ୍ଟ କିଣିବ। ଅଧିକାଂଶ ଫ୍ରାନ୍ସ ନିର୍ମାତା ଡି ସାଲ୍ଟ ଓ ଭାରତୀୟ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ଭାରତରେ ନିର୍ମାଣ ହେବ, ଚୁକ୍ତି ପୂରା ହେବା ପରେ, ଭାରତୀୟ ବାୟୁସେନା ପାଖରେ ରାଫେଲ ବିମାନ ସଂଖ୍ୟା ପ୍ରାୟ ୧୫୦କୁ ବୃଦ୍ଧି ପାଇବ।

ରାଫେଲ ଲଢ଼ୁଆ ବିମାନ ଭାରତୀୟ ବାୟୁସେନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦେବାରେ ଏହି ଲଢ଼ୁଆ ବିମାନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ରାଫେଲ ଏକ ୪.୫-ପିଢ଼ିର ଲଢ଼ୁଆ ବିମାନ, ଯାହାକୁ ପାକିସ୍ତାନର ଜେଏଫ୍-୧୭ଠୁ ଅଧିକ ଉନ୍ନତ ବୋଲି ଜଣାଯାଏ। ଏହା ବ୍ୟତୀତ, ଭାରତୀୟ ବାୟୁସେନା ପାଖରେ ବର୍ତ୍ତମାନ ୩୬ଟି ରାଫେଲ ଯୁଦ୍ଧ ବିମାନ ଅଛି, ଫ୍ରାନ୍ସ ସହ ଚୁକ୍ତି ସ୍ୱାକ୍ଷର ପରେ ଏହି ସଂଖ୍ୟା ଅଧିକ ବଢ଼ିବା ନେଇ ଆଶା କରାଯାଉଛି।

SANCHAR ସଂଚାର

● ଏମ୍‌ଜିନରେଗା ନାମ ପରିବର୍ତ୍ତନକୁ ବିରୋଧ

# ଭୁବନେଶ୍ୱର ଏଡିଏମ୍‌କୁ ବିଡିସିସିର ସ୍ମାରକପତ୍ର

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ପୂର୍ବରୁ ଉପା ସରକାର ଗରିବଙ୍କୁ କାମ ଦେବା ସକାଶେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଲାଗୁ କରିଥିଲେ। ଏଥିରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ନିଶ୍ଚିତ ଭାବେ ୧୦୦ ଦିନର କାମ ପାଉଥିଲେ। ସରକାର କାମ ଦେଇ ନ ପାରିଲେ କାମ ମାଗିବାର ୧୫ ଦିନ ଭିତରେ ଶ୍ରମିକମାନଙ୍କୁ ଭତ୍ତା ଦେବାର ନିୟମ ରହିଥିଲା। ଏଥିରେ ଦେଶର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହେଉଥିଲେ। କିନ୍ତୁ ବିଜେପି ସରକାର ଏହି ଯୋଜନାକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବାଦ ଦେଇ ଭି ବି ରାମ ଜି ବିଲ ମାଧମରେ ମହାତ୍ମା ଗାନ୍ଧିଙ୍କ ନାମକୁ ବାଦ ଦେଇ ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧିଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ ରଖିବା ଦାବିରେ ସରକାରଙ୍କ ନିକଟରେ ଦାବି କରିଆସିଛି। ଏହି କ୍ରମରେ ଆଜି ଏଆଇସିସି ଓ ପିସିସି ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଦଳୀୟ ନେତାମାନେ ଭୁବନେଶ୍ୱର ଏଡିଏମଙ୍କୁ ତାଙ୍କ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବ ଯୋଜନାକୁ ପ୍ରଣୟନ କରିବା ଦିଗରେ ପଦକ୍ଷେପ ନେବାକୁ ଏଥିରେ ଦାବି କରାଯାଇଥିବା ବେଳେ ଏଡିଏମ ମଧ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଭାରତୀୟ ମଜଦୁର ସଂଘ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ପ୍ରଯୁକ୍ତିବିଦ୍ୟା, ଦକ୍ଷତା ବିକାଶ ଦ୍ୱାରା ଶ୍ରମିକ କଲ୍ୟାଣ ହେବ

## ଜଗନ୍ନାଥ ସଂସ୍କୃତି କୌଣସି କାମକୁ ଛୋଟ ବଡ଼ ଭାବେ ନାହିଁ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୬।୨(ସଂଚାର ବ୍ୟୁରୋ):** ପୁରୀ ଠାରେ ଆୟୋଜିତ ଭାରତୀୟ ମଜଦୁର ସଂଘର ୨୧ତମ ତ୍ରିବାର୍ଷିକ ସମ୍ମିଳନୀରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ବିକାଶ ଦ୍ୱାରା ଶ୍ରମିକ କଲ୍ୟାଣ ହେବା ସହିତ ଦେଶର ଭବିଷ୍ୟତ ଅଭିବୃଦ୍ଧିକୁ ସଶକ୍ତ କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ। ଭାରତୀୟ ସଂସ୍କୃତିରେ ଶ୍ରମର ସର୍ବୋଚ୍ଚ ମର୍ଯ୍ୟାଦା ରହିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରମ୍ପରାର ଉଦାହରଣ ଦେଇ ସେ କହିଥିଲେ ଯେ, କୌଣସି କାମକୁ ଛୋଟ କିମ୍ବା ବଡ଼ ବୋଲି ବିବେଚନା କରାଯାଏ ନାହିଁ, କାରଣ ଏହି ଦର୍ଶନ ଶ୍ରମ ସମ୍ପର୍କ ଏବଂ ନୀତି ନିର୍ଦ୍ଧାରଣକୁ ମାର୍ଗଦର୍ଶନ କରେ।

ବିଶ୍ୱ ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା, ସ୍ୱୟଂଚାଳିତତା ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଭଳି ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା ଶ୍ରମ ବଜାରକୁ ପରିବର୍ତ୍ତନ କରୁଛି। ଏହି ସବୁ ଟେକନୋଲୋଜି ସହ ଅପଡେଟ ରହିବା ପାଇଁ ଶ୍ରମିକମାନଙ୍କୁ ପୁନଃଦକ୍ଷ ଏବଂ ଉନ୍ନତ କରିବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଭାରତରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଶ୍ରମଶକ୍ତି ଅଛି, ପ୍ରତିବର୍ଷ ପ୍ରାୟ ୧୩ ନିୟୁତ ଯୁବକ ଚାକିରି ବଜାରରେ ପ୍ରବେଶ କରୁଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୋଗୁଁ ଅନେକ ପାରମ୍ପରିକ ଚାକିରି ଲୋପ ପାଉଛି ସତ କିନ୍ତୁ ଏକମାତ୍ର ସମାଧାନ ହେଉଛି ଦକ୍ଷତା ବିକାଶ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ ବୋଲି ସେ ଦୃଢୋକ୍ତି ପ୍ରକାଶ କହିଛନ୍ତି।

# ବିଜୟଙ୍କୁ ମାଡ୍ରାସ ହାଇକୋର୍ଟଙ୍କ ଝଟକା

## ଦେବାକୁ ପଡ଼ିବ ଆୟକର ବିଭାଗଙ୍କ ଜରିମନା



**ଚେନ୍ନାଇ ୬।୨:** ଦକ୍ଷିଣ ଭାରତୀୟ ସିନେମାର ପ୍ରସିଦ୍ଧ ଅଭିନେତା ବିଜୟ ପୁଣି ବିବାଦରେ ଘେରି ଯାଇଛନ୍ତି। ମାଡ୍ରାସ ହାଇକୋର୍ଟ ଅଭିନେତାଙ୍କ ଉପରେ ଆୟକର ବିଭାଗ ଦ୍ୱାରା ନିର୍ଦ୍ଧାରିତ ୧.୫୦ କୋଟି ଟଙ୍କାର ଜରିମାନାକୁ କାୟମ ରଖିଛନ୍ତି। ଅଭିନେତା ଏହି ଜରିମାନାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିସନ ଦାୟର କରିଥିଲେ। ତେବେ କୋର୍ଟରେ ତାଙ୍କ ପିଟିସନ ଖାରଜ ହୋଇଯାଇଛି। ବିଜୟ ୨୦୧୬-୧୭ ଆର୍ଥିକ ବର୍ଷରେ ଆୟକର ରିଟର୍ଣ୍ଣ ଦାଖଲ କରିବା ବେଳେ ୩୫,୪୨,୯୧,୮୯୦ ଟଙ୍କାର ସମ୍ପତ୍ତି ବିବରଣୀ ଦେଇଥିଲେ। ତେବେ ସେ ସମ୍ପତ୍ତିର ବିସ୍ତୃତ ବିବରଣୀ ଦେଇ ନଥିଲେ ଓ କିଛି ସମ୍ପତ୍ତି ଲୁଚେଇବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଆୟକର ବିଭାଗ ୨୦୧୫ର ଡକ୍ୟୁମେଣ୍ଟରୁ ବିଜୟ ଫିଲ୍ମ 'ପୁଲି'ରୁ ପାଇଥିବା ୧୫ କୋଟି ଟଙ୍କା ଆୟକୁ ରିଟର୍ଣ୍ଣରେ ଦର୍ଶାଇ ନଥିଲେ। ଏଣୁ ୨୦୨୨ ମସିହାରେ ତାଙ୍କ ଉପରେ ୧.୫୦ କୋଟି ଟଙ୍କାର ଜରିମାନା କରାଯାଇଥିଲା। ତେବେ ଅଭିନେତା ଏହି ଜରିମାନା ଦାଖଲ ନ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏହା ବିରୋଧରେ ହାଇକୋର୍ଟକୁ ଯାଇଥିଲେ। ବିଜୟ ତର୍କ ଦେଇଥିଲେ ଯେ ତାଙ୍କୁ ଜରିମାନା ଆଦେଶ ୩୦ ଜୁନ ୨୦୧୯ ପୂର୍ବରୁ ଜାରି କରାଯିବାର ଥିଲା। ଏଣୁ ଆଦେଶ ବିଳମ୍ବରେ ଆସିଥିବାରୁ ଏହାକୁ ରଦ୍ଦ କରିବା ପାଇଁ ବିଜୟ ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଶୁଣାଣି କାଳରେ ହାଇକୋର୍ଟ ଜରିମାନା ପୈଠ ଉପରେ ଅନ୍ତରୀଣ ରୋକ ଲଗାଇଥିଲେ। ତେବେ ବିଚାରପତି ଜଷ୍ଟିସ ସେନ୍ଥିଲ କୁମାର ରାମମୂର୍ତ୍ତିଙ୍କ ଅଦାଲତ ଶୁଣାଣିରେ ଜରିମାନା ନିଷ୍ପତ୍ତିକୁ କାୟମ ରଖିଛନ୍ତି। ଏଣୁ ବିଜୟଙ୍କୁ ଏବେ ୧.୫୦ କୋଟି ଟଙ୍କା ଜରିମନା ପୈଠ କରିବାକୁ ପଡିବ।

# ଅଗ୍ନି-୩ ମିସାଇଲ୍‌ର ସଫଳ ପରୀକ୍ଷଣ

**ବାଲେଶ୍ୱର,୬।୨(ସଂଚାର ବ୍ୟୁରୋ):** ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜଭୂତ କରିଛି । ଅଗ୍ନି-୩ ମଧ୍ୟବର୍ତ୍ତୀ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି ଭାରତ। ଏହି ପରୀକ୍ଷଣ ଫେବୃଆରୀ ୬ ତାରିଖରେ ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜରୁ କରାଯାଇଛି। ଅଗ୍ନି-୩ ହେଉଛି ଏକ ପରମାଣୁ-ସକ୍ଷମ ମଧ୍ୟବର୍ତ୍ତୀ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର।



ଏହାର ପରିସର ପ୍ରାୟ ୩୦୦୦ ରୁ ୩,୫୦୦ କିଲୋମିଟର। ଏହା ସାହାଯ୍ୟରେ ଭାରତ ଶତ୍ରୁ ଦେଶର ଗୁରୁତ୍ୱପୂର୍ଣ୍ଣ ରଣନୈତିକ ସ୍ଥାନଗୁଡ଼ିକୁ ଟାର୍ଗେଟ କରିପାରିବ। ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ସଫଳ ପରୀକ୍ଷଣ କ୍ଷେପଣାସ୍ତ୍ର ପ୍ରଣାଳୀର ନିର୍ଭରଯୋଗ୍ୟତା ଏବଂ ପ୍ରସ୍ତୁତିକୁ ସ୍ପଷ୍ଟ କରିଛି। ଅଗ୍ନି କ୍ଷେପଣାସ୍ତ୍ର ପ୍ରଣାଳୀ ଭାରତର ପ୍ରତିରକ୍ଷା ବ୍ୟବସ୍ଥାର ଏକ ପ୍ରମୁଖ ଅଂଶ। ଭାରତ ପୂର୍ବରୁ ଅଗ୍ନି-୫ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଥିଲା। ଗତ ବର୍ଷ, ଭାରତ ଏହାର ଅତ୍ୟାଧୁନିକ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଅଗ୍ନି-୫ର ସଫଳ ପରୀକ୍ଷଣ କରିଥିଲା। ଏହି ପରୀକ୍ଷଣ ଦେଶର କ୍ଷେପଣାସ୍ତ୍ର କ୍ଷମତାରେ ଏକ ପ୍ରମୁଖ ସଫଳତା ଥିଲା।

# ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ଉ

**ଜୟପୁର, ୬।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ବୋଡିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଛି ଭିଜିଲାନ୍ସ। ବିଗତ ଦିନରେ ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଶତାଧିକ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ହଡ଼ପ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ପାଇଁ ଯାଇଛି ଭିଜିଲାନ୍ସର ଏକ ଟିମ୍। କାର୍ଯ୍ୟାଳୟର ସମସ୍ତ କେସ ରେକର୍ଡ ଡକୁମେଣ୍ଟ ଅନୁଦାନରେ ଖର୍ଚ୍ଚ ହୋଇଥିବା ସମସ୍ତ ବ୍ୟାଙ୍କ ଆକାଉଣ୍ଟର ବିବରଣୀକୁ ଜବତ କରିଛି ଏହି ଟିମ୍। ଭିଜିଲାନ୍ସ ଡିଏସପିଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ ବୋଡିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଟିମ୍ ସମସ୍ତ ଅଭିଯୋଗକାରୀଙ୍କ କଥା ଶୁଣିବା ପରେ ସମସ୍ତଙ୍କ ତାଲିକା ଏବଂ ଆଧାର କାର୍ଡ ନେଇଛି। ଏହି ଘଟଣାର ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପିଇଓ ଏବଂ ଏଡିଇଓଙ୍କୁ ନିର୍ଦ୍ଦେଶ ଦେଇଛି ଭିଜିଲାନ୍ସ। ସେପଟେ ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିଜିଲାନ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆ ଯାଇନାହିଁ।

ଦୋବଲରେ ବିଜେଡି ଦୁର୍ଗ ଭୁଶୁଡ଼ିଲା

# ବିଜେପିକୁ ଡେଇଁଲେ ଶତାଧିକ କର୍ମୀ

**ଭଦ୍ରକ, ୬।୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲାର ଧାମନଗର ବ୍ଲକର ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ବିଜେପିର ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଦୋବଲ, ସୋହଡ଼ା, କରଦା, ଆନନ୍ଦପୁର ଓ ଖଡ଼ିପଦାରୁ ଶତାଧିକ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ପଦ୍ମ ଶିବିରରେ ସାମିଲ ହୋଇଛନ୍ତି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନରେ ଆୟୋଜିତ ଏହି ଭବ୍ୟ ମିଶ୍ରଣ ପର୍ବରେ ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ କହିଛନ୍ତି ଯେ, ଲୋକଙ୍କର ବିଜେଡି ପ୍ରତି ଥିବା ମୋହଭଙ୍ଗ ହୋଇସାରିଛି ଏବଂ ଧାମନଗରର ବିକାଶ ପାଇଁ ସମସ୍ତେ ଏକଜୁଟ ହେଉଛନ୍ତି। ଦୋବଲ ପଞ୍ଚାୟତର ପୂର୍ବତନ ବିଜେଡି ସରପଞ୍ଚ ପ୍ରାର୍ଥୀ ତଥା ପ୍ରଭାବଶାଳୀ ନେତା କୃଷ୍ଣଚନ୍ଦ୍ର ପତି ଶଙ୍ଖ ଛାଡ଼ି ପଦ୍ମ ଧରିଥିଲେ। ତାଙ୍କ ସହ ଅବସରପ୍ରାପ୍ତ ଏବିଇଓ ଭୋଳାନାଥ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ସାହୁ ଏବଂ ଅନ୍ୟ ୨୨ ଜଣ ସକ୍ରିୟ କର୍ମୀ ବିଜେଡିର ଜନବିରୋଧୀ ନୀତିକୁ ନିନ୍ଦା କରି ବିଜେପିରେ ଯୋଗ ଦେଇଛନ୍ତି।

# ପୂଜା କମିଟି କାର୍ଯ୍ୟାଳୟରେ ଭଙ୍ଗାରୁଜା ଓ ଲୁଟ୍



**କୋଲକାତା,୬।୨(ସଂଚାର ବ୍ୟୁରୋ):** ସବୁଠାରୁ ପୁରୁଣା ଏବଂ ବୃହତ ଗଡିଆ ନବଦୁର୍ଗା ପୂଜା କମିଟିର କାର୍ଯ୍ୟାଳୟରେ ଭଙ୍ଗାରୁଜା ଏବଂ ଟଙ୍କା ଚୋରି ଅଭିଯୋଗକୁ ନେଇ ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ପୂଜା କମିଟି ଦାବି କରିଛି ଯେ କିଛି ଦୁର୍ବୃତ୍ତ ସକାଳେ ହଠାତ୍ କାର୍ଯ୍ୟାଳୟରେ ପ୍ରବେଶ କରି ବ୍ୟାପକ ଭଙ୍ଗାରୁଜା କରିଥିଲେ ଏବଂ ଅଫିସ ଆସବାବପତ୍ର ନଷ୍ଟ କରିଦେଇଥିଲେ। ଅଭିଯୁକ୍ତମାନେ କାର୍ଯ୍ୟାଳୟର ଆଲମାରୀ ଭାଙ୍ଗି ସେଠାରେ ରଖାଯାଇଥିବା ଟଙ୍କା ନେଇ ପଳାଇ ଯାଇଛନ୍ତି। ଲୋକଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗ ମଧ ଆସିଛି। ଏହି ଘଟଣାରେ ଅମିତ ଗାଙ୍ଗୁଲିଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଛି। ତେବେ, ଅମିତ ଗାଙ୍ଗୁଲି ତାଙ୍କ ବିରୁଦ୍ଧରେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

# ପୁଣି ୧୨ ଘଣ୍ଟା ବନ୍ଦ ରହିବ ଦ୍ୱିତୀୟ ହୁଗୁଳି ସେତୁ

**କୋଲକାତା,୬।୨(ସଂଚାର ବ୍ୟୁରୋ):** ବିଦ୍ୟାସାଗର ସେତୁରେ ଯାତାୟାତ ପୁଣି ବନ୍ଦ ରହିବ। ୮ ଫେବୃଆରୀ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମୋଟ ୧୨ ଘଣ୍ଟା ପାଇଁ ଦ୍ୱିତୀୟ ହୁଗୁଳି ସେତୁରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିବ। ସୂତ୍ର ଅନୁସାରେ ସେତୁର ମରାମତି କାର୍ଯ୍ୟ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୧୨ ଘଣ୍ଟା ପରେ ସେତୁଟି ଯାତାୟାତ ପାଇଁ ଖୋଲାଯିବ। ଅନ୍ୟପକ୍ଷରେ ଦ୍ୱିତୀୟ ହୁଗୁଳି ସେତୁରେ ବିୟରିଂ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଅଂଶର ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିବ। ସୁରକ୍ଷା ଦୃଷ୍ଟିରୁ ସେତୁରେ ଯାତାୟାତ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେତୁ ବନ୍ଦ ଥିବା ସମୟରେ ଯାନବାହନଗୁଡ଼ିକୁ ବିକଳ୍ପ ରାସ୍ତାକୁ ସ୍ଥାନାନ୍ତର କରାଯିବ। ସେତୁ ବନ୍ଦ ହେଲେ ଅନେକ ଦୈନନ୍ଦିନ ଯାତ୍ରୀ ସମସ୍ୟାର ସମ୍ମୁଖୀନ ହେବେ ବୋଲି ମନେ ରଖି ଛୁଟିଦିନରେ ଅର୍ଥାତ୍ ରବିବାରରେ ମରାମତି କାର୍ଯ୍ୟ କରାଯାଉଛି।

# ବିଧବାଙ୍କୁ ପ୍ରତିଶ୍ରୁତି ପରେ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଜୟପୁର, ୬।୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ମହିଳାଥାନା ପୁଲିସ ପକ୍ଷରୁ ଜଣେ ବିଧବା ମହିଳାଙ୍କୁ ବିବାହ ପ୍ରତିଶୃତି ଦେଇ ଦୁଷ୍କର୍ମ କରିବା ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଭୂପତି ସାହିର ସଲମନ ଖାନ (୨୭)। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହରର ଜଣେ ବିଧବା ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ୨ ଛୁଆକୁ ନେଇ ରହୁଥିଲେ। ଏହିପରି ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହିତ ବଜାରରେ ବିକ୍ରିକରି ଜୀବିକା ନିର୍ବାହ କରୁଥିଲେ। ଏହିପରି କିଛିଦିନ ପରେ ଅଭିଯୁକ୍ତ ସଲମନଙ୍କ ସହିତ ତାଙ୍କର ବ୍ୟବସାୟକୁ ନେଇ ସମ୍ପର୍କ ବଢ଼ିଥିଲା। ଉଭୟ ମିଳିତ ଭାବେ ବ୍ୟବସାୟ କରୁଥିଲେ ଏବଂ ଉଭୟଙ୍କ ମିଳାମିଶାରୁ ପ୍ରେମ ସମ୍ପର୍କ ଗଠିଉଠିଥିଲା। ଏହିପରି ଅଭିଯୁକ୍ତ ଯୁବକ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା, କିନ୍ତୁ ଦୁଇଟି ସନ୍ତାନ ରହିଥିବା ଯୋଗୁଁ ବିବାହ କରିବାକୁ ମହିଳା ମନା କରିଦେଥିଲେ। କିନ୍ତୁ କିଛି ଦିନପରେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ଚାପ ପକାଇବା ପରେ ବିଧବା ମହିଳା ବିବାହ କରିବାକୁ ରାଜି ହୋଇଥିଲେ । ଉଭୟ ଏକାଠି ରହୁଥିଲେ ଏବଂ ଗତ ୨ ବର୍ଷ ଉଭୟ ଗୋଟିଏ ଗୃହରେ ରହୁଥିବା ବେଳେ ଅଭିଯୁକ୍ତ ବିବାହ କରିବା ପ୍ରତିଶୃତି ଦେଇ ବିଧବା ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲା । କିନ୍ତୁ ଗତ ୩ ମାସ ପୂର୍ବରୁ ଅଭିଯୁକ୍ତ ଯୁବକ ତାଙ୍କ ଘରକୁ ଯାଇ ଆଉ ଫେରିନଥିଲେ ଏବଂ ବିବାହ ପାଇଁ ମନା କରିଦେଇଥିଲେ। ଏଥିନେଇ ବିଧବା ମହିଳା ନିରାଶ ହୋଇ ଶେଷରେ ମହିଳା ଥାନାର ଦ୍ୱାରସ୍ତ ହୋଇଥିଲେ। ଏଥିନେଇ ମହିଳା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଫିନ୍‌ଟେକ୍‌ରେ...

ସକାରାତ୍ମକ ପ୍ରଭାବ ପକାଇଥାଏ। ଏଭଳି ସ୍ଥିତିରେ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭଳି କାର୍ଯ୍ୟକ୍ରମ ମାଧମରେ ନିଜ କ୍ଷମତାକୁ ଆହୁରି ବୃଦ୍ଧି କରିବା ଲାଗି ଦକ୍ଷତାକୁ ଉପଯୋଗ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଡିଜିଟାଲ୍ ଓ ଆର୍ଥିକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ନିମନ୍ତେ ଅଭିନବ ପଦ୍ଧତିଗୁଡ଼ିକୁ ଅନୁସନ୍ଧାନ କରାଯାଇପାରିବ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ତାଙ୍କ କହିବା କଥା ଯେ ଗତ ଦଶନ୍ଧିରେ ଭାରତ ଆର୍ଥିକ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ବିପ୍ଳବ ଦେଖିବାକୁ ମିଳିଛି। ବ୍ୟାଙ୍କ ଆକାଉଣ୍ଟରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଓ ଡିଜିଟାଲ ଅର୍ଥ ନେଣଦେଣ ଚାଷୀ, ଛୋଟ ଦୋକାନୀ ଓ ମହିଳାମାନଙ୍କ ପାଇଁ ବେଶ୍ ସହଜ ହୋଇଛି। ସେମାନଙ୍କ ପାଇଁ 'ଫିନଟେକ୍' ଏକ ବୈଷୟିକ ଶବ୍ଦ ନୁହେଁ, ବରଂ ଏହା ସେମାନଙ୍କ ପାଇଁ ଜୀବନରେଖା ପାଲଟିଛି। ଏଥିସହ ଭାରତର ଫିନଟେକ୍ କାହାଣୀକୁ କେବଳ ପ୍ରଯୁକ୍ତିବିଦ୍ୟାର ନୁହେଁ, ବରଂ ଲିଙ୍ଗଗତ ନ୍ୟାୟର ଗାଥା ଭାବେ ମଧ ମନେ ରଖାଯିବା ଉଚିତ। ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇଥିବାରୁ ସେମାନଙ୍କ ପାଇଁ ଫିନଟେକର ପ୍ରୋତ୍ସାହନ ପ୍ରତି ଧ୍ୟାନ ଦିଆଯିବା ଜରୁରୀ। ଫିନଟେକ୍ ଇକୋସିଷ୍ଟମ ସେମାନଙ୍କୁ କେବଳ ଶେଷ ଉପଭୋକ୍ତା ଭାବେ ନୁହେଁ, ବରଂ ନେତୃ, ପେସାଦାର ଓ ଉଦ୍ୟୋଗୀ ଭାବେ ଦେଖିବା ଉଚିତ। ମହିଳାମାନଙ୍କୁ ଡିଜିଟାଲ ଏବଂ ଆର୍ଥିକ ଇକୋସିଷ୍ଟମରେ ସକ୍ରିୟ ଭାଗୀଦାର କରାଯାଉଛି କି ନାହିଁ, ତା'ର ବି ମୂଲ୍ୟାଙ୍କନ ହେବା ଉଚିତ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଫିନଟେକ୍ କେବଳ ଅନ୍ତର୍ଭୁକ୍ତିକରଣର ଗ୍ୟାରେଣ୍ଟି ଦିଏନି, ବରଂ ଦୂରଦୂରାନ୍ତ, ଆଦିବାସୀ ଓ ଗ୍ରାମାଞ୍ଚଳ ଲୋକ ମଧ ଏହାକୁ ବୁଝିବା ଦରକାର। ବିକାଶ ଯାତ୍ରାରେ ସହଭାଗୀ ହେବା ପାଇଁ ସେମାନଙ୍କୁ ଦକ୍ଷତା ଯୋଗାଇ ଦେବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଫିନଟେକ୍ ଅନ୍ତର୍ଭୁକ୍ତିକରଣ, ନିଯୁକ୍ତି ସୃଷ୍ଟି ଏବଂ ଉଦ୍ୟୋଗିତାକୁ ପ୍ରୋତ୍ସାହିତ କରିବାର ଏକ ଇଞ୍ଜିନ୍ ହୋଇପାରିବ। ଅର୍ଥନୀତିର ସମସ୍ତ କ୍ଷେତ୍ର ଓ ସମାଜର ସମସ୍ତ ବର୍ଗ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ପ୍ରଯୁକ୍ତିବିଦ୍ୟା ନିକଟରେ ଏକ ବିଶାଳ ସମ୍ଭାବନା ରହିଛି। ତଥାପି ବିଭିନ୍ନ ସମୟରେ ଆର୍ଥିକ ଠକେଇ ଦିଗରେ ଏହାର ଅପବ୍ୟବହାର ହେବାର ଆଶଙ୍କା ରହିଛି। ଏପରି ଠକେଇକୁ ରୋକିବା ପାଇଁ ସଜାଗ ଓ ସତର୍କ ରହିବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଜରୁରୀ। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର, ନାଗରିକଙ୍କ ଆର୍ଥିକ ସାଇବର ଠକେଇ ସଂକ୍ରାନ୍ତ ଅଭିଯୋଗ ଓ ପରିଚାଳନା ପ୍ରଣାଳୀ ଏବଂ ସାଇବର ଠକେଇ ପ୍ରଶମନ କେନ୍ଦ୍ର ସ୍ଥାପନ ସମେତ ଅନଲାଇନ ଆର୍ଥିକ ଠକେଇକୁ ରୋକିବା ଓ ଏ ସମ୍ପର୍କରେ ଅଭିଯୋଗ ଦାଖଲ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଅନଲାଇନ୍ ଆର୍ଥିକ ଠକେଇକୁ ରୋକିବା ପାଇଁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଏହି ଶିଖର ସମ୍ମିଳନୀରେ ହୋଇଥିବା ଆଲୋଚନା ଓ ସହଯୋଗ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ଭାରତ ଏବଂ ବିଶ୍ୱ ପାଇଁ ପରିବର୍ତ୍ତନକାରୀ ପ୍ରଭାବ ପକାଇବ ବୋଲି ରାଷ୍ଟ୍ରପତି ଆଶା ବ୍ୟକ୍ତ କରିଛନ୍ତି।

## ଓଡ଼ିଶା...

ସବୁ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ପ୍ରଥମ ଥର ପାଇଁ ଓଡ଼ିଶାରେ ଆୟୋଜିତ ହେଉଥିବା ବ୍ଲାକସ୍ୱାନ ସମ୍ମିଳନୀ ସରକାର, ବିଭିନ୍ନ ଅନୁଷ୍ଠାନ ଓ ନିବେଶକଙ୍କ ପାଇଁ ଭବିଷ୍ୟତ ଆଧାରିତ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଏକ ପ୍ଲାଟଫର୍ମ ଯୋଗାଇଛି। ଓଡ଼ିଶାକୁ ଫିନ-ଟେକ, ଇନର୍ସ-ଟେକ ଓ ଏଆଇ ହବରେ ପରିଣତ କରିବା ଏହି ଦୁଇଦିନିଆ ଆନ୍ତର୍ଜାତୀକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ। ରାଜ୍ୟର ବିକାଶ ପାଇଁ ସରକାର ବିଶ୍ୱାସଯୋଗ୍ୟ ପ୍ରଶାସନ ସହ ଅନୁଷ୍ଠାନର ଚୟନ ସାଙ୍ଗକୁ ସାଧାରଣ ଲୋକଙ୍କ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦିଅନ୍ତି। ଓଡ଼ିଶା ଏବେ ଏସିଆ ମହାଦେଶର ଗେଟୱେ ହୋଇଛି। ଏହା ବିଶ୍ୱର ଦକ୍ଷିଣ ଭାଗକୁ ଇଣ୍ଡୋ-ପାସିଫିକ ଅର୍ଥନୀତି ସହ ଯୋଡୁଛି। ଗତି ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଅନେକଗୁଡିକ ସାଙ୍ଗଠନିକ ସଂସ୍କାର ଆଣିଛନ୍ତି ଯାହାଦ୍ୱାରା ରାଜ୍ୟର ଲୋକ କେନ୍ଦ୍ରୀକ ପୁଞ୍ଜିନିବେଶ ପରିବେଶ ସଶକ୍ତ ହୋଇପାରିଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଓଡ଼ିଶାରେ ବ୍ୟବସାୟୀକ କାର୍ଯ୍ୟକୁ ସହଜ କରିବା ସହ ସିଙ୍ଗଲ-ଓ୍ୱିଣ୍ଡୋ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଥିସହିତ ରାଜ୍ୟ ସରକାର ନୂଆ ଆଇଟି ନୀତି, ଇଲୋକ୍ଟ୍ରୋନିକ୍ସ ନୀତି, ଏଆଇ ଭଳି ଟେକ୍ନୋଲୋଜିକୁ ଆପଣେଇଥିବା ସେ କହିଛନ୍ତି। ଖୁବଶୀଘ୍ର ରାଜ୍ୟ ସରକାର ଫିନ-ଟେକ ନୀତି ଲାଗୁ କରିବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କଳା ହଂସ ଯେପରି ବିରଳ, ସେହିଭଳି ଡିଜିଟାଲ ବ୍ୟବସାୟରେ ବ୍ଲାକ-ସ୍ୱାନ ସମ୍ମିଳନୀ ମଧ ବିରଳ। ପ୍ରଥମ ଥର ପାଇଁ ଓଡ଼ିଶା ସରକାର ଏଭଳି ଏକ ସମ୍ମିଳନୀର ଆୟୋଜନ କରିଥିବାରୁ ଏହା ରାଜ୍ୟର ଯୁବକଙ୍କ ପାଇଁ ଏକ ଐତିହାସିକ ଦିନ। ଆଉ ମହାମହିମ ରାଷ୍ଟ୍ରପତିଙ୍କ ଯୋଗଦାନ ଏହି ସମ୍ମିଳନୀର ଗୁରୁତ୍ୱକୁ ବୃଦ୍ଧି କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ବିଜେପି ସରକାର ଗଠନକୁ ମାତ୍ର ୨୧ ମାସ ହୋଇଛି। କିନ୍ତୁ ଏହି ସ୍ୱଳ୍ପ ସମୟ ମଧ୍ୟରେ ରାଜ୍ୟ ସରକାର ଅର୍ଥନୈତିକ ଓ ଶିଳ୍ପ ବିକାଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଛନ୍ତି। ଗତବର୍ଷ ରାଜ୍ୟ ସରକାର ଉତ୍କର୍ଷ ଓଡ଼ିଶା-ମେକଇନ ଓଡ଼ିଶା କନକ୍ଲେଭର ଆୟୋଜନ କରିଥିଲେ। ଏହି କନକ୍ଲେଭର ଗୋଟିଏ ବର୍ଷ ମଧ୍ୟରେ ଓଡ଼ିଶାକୁ ୨.୫ ଲକ୍ଷ କୋଟି ଟଙ୍କା ନିବେଶ ଆସିବା ପ୍ରମାଣିତ କରୁଛି ଯେ ଶିଳ୍ପାୟନ ଓ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ରାଜ୍ୟର ବିକାଶରେ ମହିଳାଙ୍କ ଯୋଗଦାନ ସବୁଠୁ ମହତ୍ତ୍ୱପୂର୍ଣ୍ଣ। ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଲାଗୁ ହୋଇଛି ସୁଭଦ୍ରା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଭଳି ଯୋଜନା। ଏବେ ଅଭିନବୀକରଣ ବା ଇନୋଭେସନ ସହ ଯୋଡ଼ି ହୋଇଛି ଓଡ଼ିଶାର ବିକାଶ। ଏଥିପାଇଁ ଗତବର୍ଷ ଜାନୁଆରୀରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏକ ଏମଓୟୁ ହୋଇଥିଲା। ଆଉ ଏହି ଏମଓୟୁ ପରେ ଆଜି ବ୍ଲାକ-ସ୍ୱାନ ଭଳି ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇପାରିଛି। ସେହିଭଳି ଭାରତ ନେତ୍ର କାର୍ଯ୍ୟକ୍ରମରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ଯୁବକଯୁବତୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯିବ।

## ବୈଭବଙ୍କ...

ଅଧିନାୟକ ଥମାସ୍ ରେଭ୍ଙ୍କ ରୂପରେ ଆସିଥିଲା, ଯିଏ ୩୧ ରନ୍ କରି ଆଉଟ୍ ହୋଇଥିଲେ। ଓପନର ବେନ୍ ଡକିନ୍ସ ଅର୍ଦ୍ଧଶତକ ହାସଲ କରିବା ପରେ ଅଧିକ ସମୟ ତିଷ୍ଠି ପାରି ନଥିଲେ। ଆୟୁଷ ମହାତ୍ରେ ଡକିନ୍ସଙ୍କ ୱିକେଟ ନେଇଥିଲେ। ଡକିନ୍ସ ୫୬ ବଲରୁ ୬୬ ରନ୍ କରିଥିଲେ। ଯେଉଁଥିରେ ୭ଟି ଚୌକା ଏବଂ ଦୁଇଟି ଛକା ସାମିଲ ଥିଲା। ରାଲଫି ଆଲବର୍ଟ (୦), ଫରହାନ୍ ଅହମ୍ମଦ (୧), ଏବଂ ସେବାଷ୍ଟିଆନ୍ ମୋର୍ଗାନ୍ (୦) ଆଉଟ୍ ହୋଇଥିଲେ। ମୋର୍ଗାନ୍ ଆଉଟ ହେବା ସମୟରେ ଇଂଲଣ୍ଡ ୧୭୭/୭ ରନ୍ କରିଥିଲା। ଖେଳର ଏଭଳି ସ୍ଥିତିରେ କାଲେବ ଫାଲ୍କନର ଏବଂ ଜେମ୍ସ ମିଣ୍ଟୋ ଅଷ୍ଟମ ୱିକେଟ ପାଇଁ ୯୨ ରନ ଯୋଡିଥିଲେ। ଆରଏସ ଆମ୍ବ୍ରିସ୍ ମିଣ୍ଟୋ (୨୮ ରନ)ଙ୍କୁ ଆଉଟ କରି ଏହି ପାର୍ଟନର୍ସିପ୍ ଭାଙ୍ଗିଥିଲେ। ଏହାପରେ ଆମ୍ବ୍ରିସ୍ ମାନି ଲୁମସଡେନ (୩ ରନ)ଙ୍କୁ ଆଉଟ କରିଥିଲେ। ଇଂଲଣ୍ଡ ପକ୍ଷରୁ କାଲେବ ଫାଲ୍କନର ୧୧୫ ରନ କରି ଆଉଟ ହୋଇଥିଲେ। ଫାଲ୍କନର ତାଙ୍କ ୬୭ ବଲ ଇନିଂସରେ ୯ଟି ଚୌକା ଏବଂ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ଆରଏସ ଅମ୍ବ୍ରିସ ୩ ୱିକେଟ ନେଇଥିଲେ। ଦୀପେଶ ଦେବେନ୍ଦ୍ରନ ଓ କନିସ୍କ ଚୌହ୍ୱାନ ଦୁଇଟି ଲେଖାଏ ସଫଳତା ପାଇଥିଲେ। ଶେଷରେ ଭାରତୀୟ ଅଣ୍ଡର-୧୯ ଟିମ୍ ୨୦୨୬ ବିଶ୍ୱକପକୁ ୧୦୦ ରନ୍‌ରେ ଜିତି ନେଇଥିଲା।

## ବୌଦ୍ଧ...

ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏଥିସହ ବିଜିଏନ୍ ଡିଭିଜନର ଆଉ ୧୩ ଜଣ କ୍ୟାଡର ମଧ ୧୪ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି। ଏହି ୧୩ ଜଣଙ୍କ ମଧ୍ୟରେ ନିରଞ୍ଜନର ପତ୍ନୀ ଇନ୍ଦୁ ମଧ ରହିଛି। ଉଭୟଙ୍କ ମୁଣ୍ଡରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ୫୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସେହିପରି କନ୍ଧମାଳ ଜିଲ୍ଲା ପୁଲିସ ସମ୍ମୁଖରେ କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ (କେକେବିଏନ୍) ଡିଭିଜନର ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ୪ ଜଣ ମାଓ କ୍ୟାଡର ହିଂସାର ପଥ ତ୍ୟାଗ କରିଛନ୍ତି। ଆତ୍ମସମର୍ପଣ ସମୟରେ ସେମାନେ ଅସ୍ତ୍ର, ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ପୁଲିସ ନିକଟରେ ଦାଖଲ କରିଛନ୍ତି। ଏହି ୪ ଜଣ ହେଲେ ଗଙ୍ଗା କୁଞ୍ଜାମି ଓରଫ୍ ଜିତେନ, ମୁଚାକି ମାସେ ଓରଫ୍ ସୁମିତ୍ରା, ଚୋମାଲି କୁଞ୍ଜାମ୍ ଓରଫ୍ ଶାନ୍ତିଲତା ଓ ବନ୍ଦୀ ମାଡ଼ଭି ଓରଫ୍ ମାଳତୀ। ସେମାନେ ଗୋଟିଏ ଲେଖାଏଁ ଏସ୍ଏଲ୍ଆର୍ ଓ ୧୨ ବୋର୍ ଗନ୍, ୨ଟି ୩୦୩ ରାଇଫଲ ସହ ବିପୁଳ ପରିମାଣର ଗୁଳିଗୋଳା ହସ୍ତାନ୍ତର କରିଛନ୍ତି। ସେମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିଲା।

## ନକ୍ସଲମୁକ୍ତ...

ମାଝୀ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦୂରଦର୍ଶୀ ନେତୃତ୍ୱ ଆଜି ବାମପନ୍ଥୀ ଉଗ୍ରବାଦ ବିରୋଧରେ ଆମର ଏହି ଲଢ଼େଇକୁ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚାଇଛି। କେନ୍ଦ୍ର ସରକାରଙ୍କ 'ଜିରୋ ଟଲରାନ୍ସ' ନୀତି ଓ ନିରନ୍ତର ସହଯୋଗ ଯୋଗୁଁ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ରୂପେ ମାଓମୁକ୍ତ କରିବା ପାଇଁ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଥିବା ମାଓବାଦୀମାନଙ୍କ ପାଇଁ 'ପୁନର୍ବାସ ଓ ଥଇଥାନ ନୀତି' ଅଧୀନରେ ବିଭିନ୍ନ ସରକାରୀ ସୁବିଧା ଓ ସମ୍ମାନଜନକ ଜୀବନ ନିଶ୍ଚିତ କରାଯାଉଛି। ହିଂସା କେବେ ବି ସମାଧାନର ପଥ ନୁହେଁ; କେବଳ ଶାନ୍ତି ଏବଂ ପ୍ରଗତି ହିଁ ଆମ ରାଜ୍ୟର ଭବିଷ୍ୟତ। ଏଥିସହ ମୁଖ୍ୟମନ୍ତ୍ରୀ ପୁଣିଥରେ ସମସ୍ତ ସକ୍ରିୟ କ୍ୟାଡରମାନଙ୍କୁ ହିଂସା ଛାଡ଼ି ବିକାଶର ସହଯୋଗୀ ହେବାକୁ ଆହ୍ୱାନ କରୁଛନ୍ତି।

## ଦୂରହେବ...

ଉପଲବ୍ଧ କରାଯିବ। ସହରୀକରଣ ପ୍ରକ୍ରିୟାରେ ଗୃହ ଏକ ମୌଳିକ ଆବଶ୍ୟକତା ଓ ଜୀବନ ଧାରଣର ମୁଖ୍ୟ ଉପାଦାନ। ସୁରକ୍ଷିତ ଘର ପରିବାରର ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଏବଂ ଆର୍ଥିକ ସ୍ଥିରତା ଉପରେ ସିଧାସଳଖ ପ୍ରଭାବ ପକାଏ। ଏହି ଯୋଜନାର ମୂଳ ଆଭିମୁଖ୍ୟ ହେଉଛି ଯେଉଁମାନେ ତୁରନ୍ତ ଘର କିଣିବା ଅବସ୍ଥାରେ ନାହାଁନ୍ତି, ସେମାନଙ୍କ ପାଇଁ ଭଡ଼ା ମାଧ୍ୟମରେ ସୁଲଭ ଗୃହ ସୁବିଧା ଯୋଗାଇଦେବା। ଏହା ଫଳରେ ସହରାଞ୍ଚଳରେ ଅସ୍ଥାୟୀ ଓ ଅସୁରକ୍ଷିତ ବାସସ୍ଥାନ ଉପରେ ନିର୍ଭରଶୀଳତା ହ୍ରାସ ପାଇବ ଓ ଶ୍ରମଜୀବୀ ପରିବାରମାନଙ୍କ ଜୀବନ ଅଧିକ ସ୍ଥିର ହେବ।ସୁଲଭ ଭଡ଼ା ଘର କାର୍ଯ୍ୟକ୍ରମ ଦୁଇଟି ମଡେଲ୍ ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରଥମ ମଡେଲ୍ ଅନୁଯାୟୀ, ସରକାରୀ ଅନୁଦାନରେ ନିର୍ମିତ ଖାଲି ଗୃହଗୁଡ଼ିକୁ ପିପିପି ମୋଡ୍‌ରେ ଭଡ଼ା ଗୃହରେ ପରିଣତ କରାଯିବ। ସେହିପରି ଦ୍ୱିତୀୟ ମଡେଲ୍ ଅନୁଯାୟୀ, ଘରୋଇ କିମ୍ବା ସରକାରୀ ସଂସ୍ଥା ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ଭଡ଼ା ଗୃହ ନିର୍ମାଣ ଓ ପରିଚାଳନା କରିବେ। ଏହି ଦୁଇଟି ମଡେଲ୍ ମାଧ୍ୟମରେ ରାଜ୍ୟର ସହରଗୁଡ଼ିକରେ ଘର ଆବଶ୍ୟକତାକୁ ପୂରଣ କରାଯାଇପାରିବ। ଏହି ଯୋଜନା ଅଧୀନରେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷ ଦ୍ୱାରା ପ୍ରାରମ୍ଭିକ ଭାବେ କରାଯିବ। ପରବର୍ତ୍ତୀ ସମୟରେ ପ୍ରତି ଦୁଇ ବର୍ଷରେ ୮ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ, ଯାହା ୫ ବର୍ଷ ମଧ୍ୟରେ ସର୍ବାଧିକ ୨୦ ପ୍ରତିଶତରୁ ଅଧିକ ହେବ ନାହିଁ। ଏହି ବ୍ୟବସ୍ଥା ବଜାରରେ ଏକ ସ୍ୱଚ୍ଛ ନୀତି ନିର୍ଦ୍ଧାରଣ କରି ସୁଲଭତା ଓ ପାରଦର୍ଶିତା ବଜାୟ ରଖିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ସମ୍ପର୍କରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ସହରର ଅର୍ଥନୀତିକୁ ଚଳାଇଥିବା ପ୍ରବାସୀ ଶ୍ରମିକ, ଅଣସଂଗଠିତ କ୍ଷେତ୍ରର କାର୍ଯ୍ୟରତ ଲୋକ ଓ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ସୁରକ୍ଷିତ ଓ ସୁଲଭ ଆବାସ ଯୋଗାଇବା ସରକାରଙ୍କ ପ୍ରାଥମିକତା।

## ନିର୍ଦ୍ଦୋଷରେ...

୨୫ରେ ଚାର୍ଜସିଟ ଦାଖଲ ହୋଇଥିଲା। ସତୀଶ ବିରୋଧରେ ୩୪ଟି ମାମଲା ଥିବା ସେତେବେଳେ କୁହାଯାଇଥିଲା। କିନ୍ତୁ ଫିଲ୍ମ ଷ୍ଟାଇଲରେ ଚିତ୍ରଣ କରାଯାଇଥିବା ଏହି କେସଗୁଡ଼ିକର ପ୍ରମାଣ, କୋର୍ଟଙ୍କ ନିକଟରେ ଦାଖଲ କରିପାରିନଥିଲା ପୁଲିସ। ଏପରିକି ଏତେ ସବୁ ମାମଲାର ସତ୍ୟତା ନେଇ ମଧ ପ୍ରଶ୍ନ ଉଠିଥିଲା, ଯେଉଁଥିପାଇଁ ପୁଲିସର ତଦନ୍ତ ପ୍ରକ୍ରିୟାକୁ ଆଜି କୋର୍ଟ ଭର୍ତ୍ସନା କରିଛନ୍ତି। ଆଇନ ସମସ୍ତଙ୍କ ପାଇଁ ସମାନ। ଧନୀ ଓ ଗରିବ ଦେଖେନାହିଁ କୋର୍ଟ। ଧନୀ ଲୋକ କ'ଣ ସବୁ ମାମଲା ଜିତିବେ ଆଉ ଗରିବ କ'ଣ ଜିତିପାରିବେନି? ଏଣୁ ଏହି ମାମଲାରେ ଯାହା ସତ୍ୟ, ତାହା ପ୍ରତିପାଦିତ ହୋଇଛି ଓ ନିର୍ଦ୍ଦୋଷକୁ ନ୍ୟାୟ ମିଳିଥିବା ସତୀଶଙ୍କ ଆଇନଜୀବୀ ସୁଧାଂଶୁ ଶେଖର ଉଦ୍‌ଗାତା କହିଛନ୍ତି।

## 'ପରୀକ୍ଷା ପେ ଚର୍ଚ୍ଚା'...

ସେ ଆହୁରି କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସମୟ ପରିଚାଳନା, ମାନସିକ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଖାଦ୍ୟ ଉପରେ ପ୍ରଧାନମନ୍ତ୍ରୀ ଦେଇଥିବା ପରାମର୍ଶ କେବଳ ଛାତ୍ରଛାତ୍ରୀ ନୁହେଁ, ବରଂ ଶିକ୍ଷକ ଓ ଅଭିଭାବକମାନଙ୍କ ପାଇଁ ମଧ ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଅନନ୍ୟ ମାର୍ଗଦର୍ଶନ ଛାତ୍ରଛାତ୍ରୀଙ୍କୁ 'ବିକଶିତ ଭାରତ'ର ସାରଥି ଭାବେ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଶେଷରେ କେନ୍ଦ୍ରମନ୍ତ୍ରୀ ଆଗାମୀ ପରୀକ୍ଷା ପାଇଁ ସମସ୍ତ 'ଏଗଜାମ ୱାରିୟର୍ସ'ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଟକ...

ପରେ ସେ ନିଜେ ଆଇନଜୀବୀମାନଙ୍କୁ ଆଦୌ ଭୟଭୀତ ନ ହେବାରୁ ପରାମର୍ଶ ଦେଇଛନ୍ତି। ଗତ ଥର ପରି ଏଥର ବି ମିଳିଥିବା ଧମକ ସମ୍ପୂର୍ଣ୍ଣ ଭାବେ ଗୁଜବ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିପରି ପୁରୀ ଏସପି ପ୍ରତୀକ ସିଂହ କହିଛନ୍ତି ଯେ ଏପରି ଇମେଲ୍ ହସ୍ତଗତ ହେବା ପରେ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଦଳ ସହ ଡଗ୍ ସ୍କ୍ୱାଡ୍ ବି ମୁତୟନ କରାଯାଇଛି। କିନ୍ତୁ ଗତ ଜାନୁଆରୀ ୮ରେ ସମ୍ବଲପୁର କୋର୍ଟକୁ ଧମକ ମିଳିଥିଲେ ହେଁ ଏଥର ଏହି କୋର୍ଟକୁ ଏପରି କୌଣସି ଧମକ ମିଳିନାହିଁ।

## ନିର୍ବୁଦ୍ଧିଆ...

ପ୍ରାୟ ଅଧା ଅର୍ଥାତ୍ ୮୦ଟି ଦେଶରେ ଏଭଳି ବୌଦ୍ଧିକ ହ୍ରାସ ଲକ୍ଷ୍ୟ କରାଯାଇଛି। ଏହା ମାନବ ଜାତି ପାଇଁ ଅତ୍ୟନ୍ତ ବିପଜ୍ଜନକ ବୋଲି ବୈଜ୍ଞାନିକମାନେ ଆକଳନ କଲେଣି। ପିଲାଙ୍କର ବୌଦ୍ଧିକ ବିକାଶ ନ ହେଲେ ଆଗାମୀ ଦିନରେ ସେମାନେ ଜଣେ ଜଣେ ଯନ୍ତ୍ରମାନବ ପାଲଟିବେ ଓ ଯନ୍ତ୍ର ସେମାନଙ୍କୁ ନିଜ ନିୟନ୍ତ୍ରଣକୁ ନେଇଯିବ। ଯାହା ଫଳରେ ସମସ୍ତ ପ୍ରକାର ସୁବିଧା ସତ୍ତ୍ୱେ ସେମାନେ ମାନବ ଜାତିର କଲ୍ୟାଣ ପାଇଁ ନୂଆ କିଛି କରିପାରିବେ ନାହିଁ। ଏଭଳି ସ୍ଥିତି ଆମର ଜେନ୍-ଜି'ମାନେ ଏକ ଭୟଙ୍କର ବିପଦ ଆଡ଼କୁ ଟାଣି ହୋଇଯାଉଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ଏବେଠାରୁ ଆମେ ସଜାଗ ନହେଲେ ପରପିଢ଼ି କେବଳ ଯେ ନିର୍ବୁଦ୍ଧିଆ ପାଲଟିବେ ତା' ନୁହେଁ, ବରଂ ଜଣେ ଜଣେ ଯନ୍ତ୍ର ମାନବ ପାଲଟି ଅନ୍ଧକାର ଭିତରକୁ ଠେଲି ହୋଇଯିବେ।

## ଅନିୟମିତତା...

କରାଇ ସଂଶୋଧନ କରାଇପାରିବେ। ଆଡମିଟ୍ କାର୍ଡର ମୂଳ କପି ରାଜ୍ୟର ସମସ୍ତ ସେଣ୍ଟର୍‌ରେ ଆସନ୍ତା ସପ୍ତାହରେ ପହଞ୍ଚିଯିବ। ପରୀକ୍ଷା କେନ୍ଦ୍ରରୁ ପ୍ରଧାନଶିକ୍ଷକ ଆଡମିଟ୍ କାର୍ଡ ନେଇ ପରୀକ୍ଷାର୍ଥୀଙ୍କୁ ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ଚଳିତ ବର୍ଷ କପି ରୋକିବା ସକାଶେ ବୋର୍ଡ ପକ୍ଷରୁ ୩୭ଟି ଓ ଡିଇଓମାନେ ୭୨ଟି ଏହିପରି ମୋଟ ୧୦୯ଟି ସ୍କ୍ୱାଡ୍ ଗଠନ କରାଯିବ ବୋଲି କୁହାଯାଇଛି। ଆହୁରି ଅନିୟମିତତା ରୋକିବା ଉଦ୍ଦେଶ୍ୟରେ ରାଜ୍ୟର ୩୨୨ଟିଯାକ ନୋଡାଲ୍ ସେଣ୍ଟର୍ ଓ ୩୦୦୫ଟି ପରୀକ୍ଷା କେନ୍ଦ୍ରରୁ ପରୀକ୍ଷା ଚାଲିଥିବା ସମୟରେ ସିଧା ପ୍ରସାରଣ କରାଯିବ। ଏହାଛଡ଼ା ଜିଲ୍ଲାପାଳମାନେ ପୃଥକ ସ୍କ୍ୱାଡ୍ ଗଠନ କରିବେ। ସ୍କ୍ୱାଡ୍ ଗଠନ ଓ ଓ ପରୀକ୍ଷା କେନ୍ଦ୍ର ସ୍ଥିତି ଜାଣିବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ୩୦ଟି ଯାକ ଜିଲ୍ଲାର ଡିଓଇଙ୍କ ସହ ଭର୍ଚୁଆଲ୍‌ରେ ସମୀକ୍ଷା କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨୧୪ କେନ୍ଦ୍ରରେ ୪୪ ହଜାର ୩୯୨ ପ୍ରାର୍ଥୀ ପରୀକ୍ଷା ଦେବେ। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୧୮୦ କେନ୍ଦ୍ରରେ ୩୧ ହଜାର ୮୦୬ ପରୀକ୍ଷାର୍ଥୀ ଓ ବାଲେଶ୍ୱର ଜିଲ୍ଲାରେ ୧୮୧ କେନ୍ଦ୍ରରେ ୩୧ ହଜାର ୮୦ ଜଣ ପରୀକ୍ଷା ଦେବେ। ତେବେ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୩୨ଟି କେନ୍ଦ୍ରରେ ୪ ହଜାର ୫୭ ଜଣ ପରୀକ୍ଷା ଦେବେ। ମାଲକାନଗିରି ଜିଲ୍ଲାର ୮ଟି ଥାନା ଓ ଦୁଇଟି ଫାଣ୍ଡିରେ ପ୍ରଶ୍ନପତ୍ର ଗଚ୍ଛିତ ରହିବ। ସେହିପରି କନ୍ଧମାଳ ଜିଲ୍ଲାରେ ୭ଟି ଥାନାରେ ନୋଡାଲ୍ ସେଣ୍ଟର୍ କରାଯାଇ ପ୍ରଶ୍ନପତ୍ର ରଖାଯିବାର ବ୍ୟବସ୍ଥା ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

## ମହୁମାଛି ଆକ୍ରମଣରେ ଦୁଇ ଗୁରୁତର



ନୀଳଗିରି,୬।୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବାଘୁଆ ମହୁମାଛି ଆକ୍ରମଣ ରେ ଦୁଇ ଜଣ ଗୁରୁତର ହୋଇ ନୀଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣା ପଡ଼ିଛି । ସୂଚନା ମୁତାବକ ନୀଳଗିରି ବ୍ଲକ ଜଡ଼ିଡା ପଞ୍ଚାୟତ ଜାମୁଡ଼ିହି ସାହି ର ପିତାମ୍ବର ସେଠୀ (୭୦) ଆଜି ପୂର୍ବାହ୍ନରେ ସଜନାଗଡ଼ ବଜାରରୁ କାମ ସାରି ଘରେ ପହଞ୍ଚିବା ବେଳେ ଘର ପାଖ ଅର୍ଜୁନ ଗଛ ରୁ ବାଘୁଆ ମହୁମାଛି ପିତାମ୍ବର ମୁହଁ, ହାତ, ଗୋଡ଼ କୁ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣ ସେ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣା ପଡ଼ିଛି। ଠିକ ସେହିଭଳି ଉକ୍ତ ପଞ୍ଚାୟତ ବାଉଁଶନାଳ ଗ୍ରାମର ରାଜେନ୍ଦ୍ର ମହାକୁଡ଼ ଙ୍କ ଝିଅ ଦାସ୍ତିକା ମହାକୁଡ଼ (୧୬), ପୂର୍ବାହ୍ନ ୧୧ ଘଡ଼ିକା ସମୟରେ କାର୍ଯ୍ୟ ସାରି ନିକଟ କ୍ଲିନିକ ରୁ ଫେରୁଥିବା ବେଳେ ବାଘୁଆ ମହୁମାଛି ଆକ୍ରମଣ ର ଶିକାର ହୋଇଥିଲେ।ଏଥିରେ ତାଙ୍କର ହାତ, ମୁହଁ ଫୁଲି ଯାଇଥିବା ବେଳେ ଗୁରୁତର ହୋଇପଡ଼ିଥିଲେ। ତେବେ ତାଙ୍କୁ ତୁରନ୍ତ ନୀଳଗିରି ଡାକ୍ତର ଖାନାକୁ ଅଣାଯାଇ ଚିକିତ୍ସିତ କରାଯାଉଛି। ତେବେ ଏହି ବାଘୁଆ ମହୁମାଛି ଆକ୍ରମଣରେ ଶିକାର ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି।

## ଘରେ ପଶି ମହିଳାଙ୍କୁ ଦୁଷ୍କର୍ମ



ବାଲିଆପାଳ,୬।୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅଞ୍ଚଳରେ ଲଜ୍ୟା ଜଣକ ଘଟଣା। ୪ ଜଣ ଯୁବକଙ୍କ ଦ୍ୱାରା ଗଣଦୁଷ୍କର୍ମର ଶିକାର ହେଲେ ମହିଳା। ଜୀବନ ବଞ୍ଚାଇବାକୁ ଯାଇ ଚାରିଦିନ ପରେ ଥାନାରେ କଲେ ଅଭିଯୋଗ। ସୂଚନା ଅନୁସାରେ ମହିଳା ଜଣକ ଘରେ ଏକୁଟିଆ ରହୁ ଥିବା ବେଳେ ତାଙ୍କର ସ୍ୱାମୀକୁ ମିଥ୍ୟା କେଶରେ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ବେଳେ ଏହାର ସୁଯୋଗ ନେଇ ୪ ଜଣ ଯୁବକ ମହିଳାଙ୍କ ଘରେ ପଶି ଦୁଷ୍କର୍ମ କରିଥିବା ମହିଳା ଜଣକ ଘଟଣାର ପଞ୍ଚଦିନ ପରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ଶନିବାର ଦିନ ଘଟଣା ଘଟିଥିବା ବେଳେ ପିଡିତାଙ୍କୁ ଦୁଷ୍କର୍ମକାରୀମାନେ ଏ ଘଟଣା ପ୍ରକାଶ କଲେ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ଏଥିରେ ପିଡିତା ଜଣକ ଭୟଭୀତ ହୋଇ ରାତିରେ ନିଜର ସ୍ୱାମୀ ରହୁଥିବା ସ୍ଥାନକୁ ଚାଲିଯାଇ ସ୍ୱାମୀର ସହଯୋଗ କ୍ରମେ ଗତ ବୁଧବାର ଦିନ ବାଲିଆପାଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତେବେ ଅଭିଯୋଗ କରିବାର ତିନି ଦିନ ବିତିଯାଇଥିଲେ ମଧ, ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଚର୍ଚ୍ଚା ଲାଗିରହିଛି।

## ଅସହାୟ ମହିଳାଙ୍କୁ ଉଦ୍ଧାର କଲା ନାରୀଶକ୍ତି ସଂଘ



ନବରଙ୍ଗପୁର,୬।୨(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ନବରଙ୍ଗପୁର ନିକଟରେ ଥିବା ପାତ୍ରମୁଣ୍ଡା ଜଙ୍ଗଲ ମଧ୍ୟରେ ଏକ ଅସହାୟ ପରିତ୍ୟକ୍ତ ମହିଳାଙ୍କୁ ନାରୀଶକ୍ତି ସଂଘର କର୍ମକର୍ତ୍ତାଙ୍କ ଦ୍ୱାରା ଉଦ୍ଧାର କରାଯାଇଛି । ମହିଳା ଜଣଙ୍କ ବହୁତ ଦିନରୁ ଏହି ଜଙ୍ଗଲ ମଧରେ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡି ରହିଥିବା ସ୍ଥାନୀୟ ଗାଈ ଜଗୁଆଳି ମାନେ ପ୍ରକାଶ କରିଥିଲେ । ତତ୍ପରେ ଏହି ମହିଳାଙ୍କ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେବା ପାଇଁ ରିଆଜ ସରିଫ ନାମକ ବ୍ୟକ୍ତି ଜଣଙ୍କ ନାରୀଶକ୍ତି ସଂଘ ଏବଂ ଜିଲ୍ଲା ଓକିଲ ସଂଘ ସଭାପତି ତଥା ସମାଜସେବୀ ସିରାଜୁଦିନ ଅହମଦଙ୍କ ସହ ଯୋଗାଯୋଗ କରିଥିଲେ। ଏହି ଖବର ପ୍ରାପ୍ତ ହେଲାପରେ ନାରୀଶକ୍ତି ସଂଘର ସଭାପତି ସ୍ୱର୍ଣ୍ଣଲତା ପଟ୍ଟନାୟକ, ସଦସ୍ୟା ସମା ଅହମ୍ମଦ, ଫରହା ବେଗମ, ସକିଲା ବେଗମ, ଜିଲ୍ଲା ଓକିଲ ସଂଘ ସଭାପତି ସିରାଜୁଦିନ ଅହମ୍ମଦ ଏବଂ ରିଆଜୁଦିନ ସରିଫ ଉକ୍ତ ସ୍ଥାନରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଆରମ୍ଭ କରିବା ସହ ୱାନ ଷ୍ଟପ ସେଣ୍ଟର ସକ୍ଷୀର ପ୍ରୋଗ୍ରାମ ଅଫିସର ରମା ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିଥିଲେ । ମହିଳାଙ୍କୁ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ୱାନ ଷ୍ଟପ ସେଣ୍ଟରକୁ ଆମ୍ବୁଲାନ୍ସ ଦ୍ୱାରା ନିଆଯାଇଥିଲା ଏବଂ ସେଠାରେ ତାଙ୍କୁ ପରିଷ୍କାର ପରିଚ୍ଛନ୍ନ କରାଇବା ପରେ ତାର ଖାଇବା ପିଇବା ପ୍ରତି ଧ୍ୟାନ ଦେଇଥିଲେ। ପରେ ତାଙ୍କୁ ଆବଶ୍ୟକୀୟ ପ୍ରାଥମିକ ଚିକିତ୍ସା କରି ଉପଯୁକ୍ତ ସ୍ଥାନରେ ରଖିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀମତୀ ରମା ପଟ୍ଟନାୟକ ମତବ୍ୟକ୍ତ କରିଥିଲେ।

**ଦୁର୍ନୀତିର ଗନ୍ତାଘର ଘଷିପୁରା ବ୍ଲକ୍**

# ଗୋଟିଏ ଫଳକରେ ଦୁଇଟି ବିଲ୍ ଉଠାଣ

ଆନନ୍ଦପୁର,୬।୨ (ସଂଚାର ବ୍ୟୁରୋ): ପଦାରେ ପଡ଼ିଲା ଆନନ୍ଦପୁର କୃଷି ଉଦ୍ୟାନର କଳା କାରନାମା। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ରାଜବାଲାଙ୍ଗୋଡ଼ା ପଂଚାୟତ ଡାଲିଆ ଗାଁରେ ଦେଖିବାକୁ ମିଳିଛି ଏକ ସୂଚନା ଫଳକ। ଯେଉଁ ସୂଚନା ଫଳକଟି ଖୋଲାଯାଇଛି, ଜଣାପଡୁଛି କେହି ଲିଭାଇ ଦେଇଛି। ହେଲେ ସେ ଚତୁର ବ୍ୟକ୍ତି ଲିଭାଇ ଦେଇଛି ସତ କିନ୍ତୁ ଦୁର୍ନୀତିର ଗନ୍ଧ ପୁରା ଗୋଟି ଗୋଟି ସ୍ପଷ୍ଟ ଭାବରେ ଦେଖା ଯାଉଛି। ଗୋଟିଏ ସୂଚନା ଫଳକ, କିନ୍ତୁ ବିଲ୍ ଦୁଇଟି। ସରକାରୀ ଟଙ୍କାର ହିସାବ କି ଏମିତି ହେଉଛି? କିଏ କରୁଛନ୍ତି ଏମିତି ଖେଳ, ଆଉ କେହି ଦେଖି ରହୁଛନ୍ତି ଚୁପଚାପ? ଏଠାରେ ଲାଗିଥିବା ଗୋଟିଏ ସୂଚନା ଫଳକରେ ଖୋଦାଯାଉଛି ଦୁଇଟି ଅଲଗା ଅଲଗା ବିଲ୍ ନମ୍ବର ଓ ଖର୍ଚ୍ଚର ତଥ୍ୟ। ପ୍ରଶ୍ନ ହେଉଛି ଗୋଟିଏ କାମ ପାଇଁ କେମିତି ଉଠିଲା ଦୁଇଟି ବିଲ୍?

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କାମ ଯେତେକ ହୋଇଛି ତାଠୁ ଅଧିକ ରାଶିର ବିଲ୍ ଉଠାଯାଇଛି। ଫଳକରେ ଥିବା ତଥ୍ୟ ଦେଖି ଗ୍ରାମବାସୀ ମଧ ଆଶ୍ଚର୍ଯ୍ୟ। ଏହା କି ଅସାବଧାନତା, ନା କି ଯୋଜନାବଦ୍ଧ ଦୁର୍ନୀତି ? ଆମେ ମଧ ଏ ଫଳକରେ ଦୁଇଟି ବିଲ୍ ଦେଖି ଚମକିଗଲୁ। ସରକାରୀ ନିୟମ ଅନୁଯାୟୀ ଗୋଟିଏ କାମ ପାଇଁ ଗୋଟିଏ ହିଁ ବିଲ୍ ହେବା ଉଚିତ। ତେବେ ଏଠାରେ କାହିଁକି ଦୁଇଟି? କାହାର ଛତ୍ରଛାୟାରେ ଚାଲୁଛି ଏହି ଖେଳ? ଆନନ୍ଦପୁର କୃଷି ଉଦ୍ୟାନର ଏହି ଘଟଣା ନେଇ ଜିଲ୍ଲା ପ୍ରଶାସନ କେବେ ନେବ କାର୍ଯ୍ୟାନୁଷ୍ଠାନ? ଦୁର୍ନୀତି ରୋକିବାକୁ କେବେ ହେବ କଡ଼ା ପଦକ୍ଷେପ? ଏବେ ସବୁଙ୍କ ନଜର ତଦନ୍ତ ଉପରେ। ଦୁର୍ନୀତି ବିରୋଧରେ କଡ଼ା ପଦକ୍ଷେପ ଦାବି କରୁଛନ୍ତି ସ୍ଥାନୀୟବାସୀ। ତେବେ ଦେଖିବାକୁ ବାକି ରହିଲା ନୂତନ ଭାବେ ଆସିଥିବା ବିଜେପି ସରକାର ଏହି ଦୁର୍ନୀତିର ପର୍ଦ୍ଦାଫାଶ କିପରି କରୁଛି।



## ସରିଲା 'ଆଦିଦେବ ଏଣ୍ଟରଟେନମେଣ୍ଟ'ର ପ୍ରଥମ ବିୟୁଟି କଣ୍ଟେଷ୍ଟ



ପାରାଦୀପ,୬।୨(ସଂଚାର ବ୍ୟୁରୋ): ଶେଷ ହୋଇଛି ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଆଦିଦେବ ଏଣ୍ଟର-ଟେନମେଣ୍ଟ'ର ପ୍ରଥମ ବିୟୁଟି କଣ୍ଟେଷ୍ଟ ଗ୍ରାଣ୍ଡ ଫିନାଲି। ୪୬ଜଣ ପ୍ରତିଯୋଗୀଙ୍କୁ ନେଇ ପାରାଦୀପ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ହୋଇଥିଲା ବିୟୁଟି କଣ୍ଟେଷ୍ଟ ୨୦୨୫/୨୬। ଆଦିଦେବ ଗ୍ରାଣ୍ଡ ଫିନାଲି କଣ୍ଟେଷ୍ଟ ରେ ସିନେ କଳାକାର ବବି ମିଶ୍ର, ଅଶ୍ରୁମୋଚନ ମହାନ୍ତି ଓ ସୁରଇମୟୀ ମହାପାତ୍ର ଚୟନକର୍ତ୍ତା ଭାବେ ଯୋଗ ଦେଇ ପାରାଦୀପ ସୁନ୍ଦରୀ ମାନଙ୍କୁ ଚୟନ କରିବାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗୀତାର ଆଙ୍କରିଂ ଭାବେ ସିନେ କଳାକାର ଭୂପିନ୍ଦର ସିଂ ଯୋଗଦେଇ ବିୟୁଟି କଣ୍ଟେଷ୍ଟର ଶୋଭା ବଢାଇଥିବା ବେଳେ ତିନୋଟି କାଟାଗୋରୀରେ ଏହି ବିୟୁଟି କଣ୍ଟେଷ୍ଟ ଆୟୋଜିତ ହୋଇଥିଲା। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ବିୟୁଟି କଣ୍ଟେଷ୍ଟ ଗ୍ରାଣ୍ଡ ଫିନାଲିରେ ପ୍ରତିଯୋଗୀମାନେ ସୁନ୍ଦରୀର ପ୍ରଦର୍ଶନ କରି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପାରାଦୀପ ବନ୍ଦର ସଚିବ କ୍ରୀଷ୍ଟା ବି ରାଜୁଙ୍କ ସହିତ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗ ଦେଇ ବିୟୁଟି କଣ୍ଟେଷ୍ଟର ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ପାରାଦୀପ ପରୀ, ପାରାଦୀପ ରାଜକୁମାରୀ ଓ ପାରାଦୀପ ଶ୍ରୀମତୀଙ୍କୁ ଟ୍ରଫି ପ୍ରଦାନ କରିବା ସହ ତାଜ ପିନ୍ଧାଇଥିଲେ। ଓଡ଼ିଶାର ସିନେ କଳାକାରଙ୍କ ସମେତ ଅତିଥି ମାନେ ଆଦିଦେବ ଏଣ୍ଟପ୍ରାଇଜେସ୍ ର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିବା ବେଳେ ଦର୍ଶକମାନେ ଶେଷ ପର୍ଯ୍ୟନ୍ତ ବାନ୍ଧି ହୋଇ ରହିଥିଲେ।

## ମେ ୨୪ରେ ଲଣ୍ଡନରେ ୫ ଷ୍ଟାର ଫିଲ୍ମ ଆୱାର୍ଡ୍ସ-୨୦୨୬




ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ): ସିଙ୍ଗାପୁର ଓ ଦୁବାଇ ପରି ଅନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳରେ ସଫଳତାର ସହିତ ମର୍ଯ୍ୟାଦାପୂର୍ଣ୍ଣ ୫ଷ୍ଟାର ଫିଲ୍ମ ଆୱାର୍ଡସ୍ ଆୟୋଜନ କରିବା ପରେ, ଆର ଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍ ପୁଣିଥରେ ଓଡ଼ିଶା ସିନେମା ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ମଞ୍ଚରେ ପହଞ୍ଚାଇ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇଛି । ଚଳିତ ବର୍ଷ ଏହି ଭବ୍ୟ ଆୟୋଜନ ମେ ମାସ ୨୪ତାରିଖରେ ସ୍ୱପ୍ନର ନଗରୀ ଲଣ୍ଡନରେ ଆୟୋଜିତ ହେବାକୁ ଯାଉଛି । ଆର ଆର ଇଭେଣ୍ଟସ୍ ଏବଂ ସିନେ ପ୍ରଡକସନ୍‌ର ପ୍ରଡ୍ୟୁସର ଓ ମ୍ୟାନେଜିଂ ଡିରେକ୍ଟର ରମେଶ ବାରିକଙ୍କ ଦୂରଦର୍ଶୀ ନେତୃତ୍ୱରେ ୫ ଷ୍ଟାର ଫିଲ୍ମ ଆୱାର୍ଡସ୍ ୨୦୨୬ - ଲଣ୍ଡନ, କେବଳ ସିନେମାଟିକ୍ ଉତ୍କୃଷ୍ଟତାକୁ ସମ୍ମାନ ଦେବା ନୁହେଁ, ବରଂ ଓଡ଼ିଶାର ସଜୀବ ସଂସ୍କୃତି, ପରମ୍ପରା, ସଙ୍ଗୀତ, ନୃତ୍ୟ ଓ କଥା କହିବା ଐତିହ୍ୟକୁ ଭାରତର ସୀମାପାରେ ପ୍ରଚାର କରିବାକୁ ଲକ୍ଷ୍ୟ ରଖୁଛି।

ଏହି ଆୟୋଜନ ଏକ ସାଂସ୍କୃତିକ ସେତୁ ଭାବେ କାମ କରିବ, ଯାହା ଓଡ଼ିଆ ସିନେମା ଓ ଓଡ଼ିଶାର କଳାତ୍ମକ ଐତିହ୍ୟକୁ ଅନ୍ତର୍ଜାତୀୟ ଦର୍ଶକ ଓ ୟୁକେରେ ରହୁଥିବା ଭାରତୀୟ ପ୍ରବାସୀମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବ। ପାରମ୍ପରିକ ଓ ଆଧୁନିକ - ଦୁଇ ପ୍ରକାର ସାଂସ୍କୃତିକ ଉପାଦାନ ଓଡ଼ିଶାର ପ୍ରେରଣାରେ ଆଧୁନିକ ସିନେମାଟିକ୍ ଉତ୍ସବ ସହିତ ପ୍ରଦର୍ଶିତ ହେବ, ଯାହା ବିଶ୍ୱଭରି ବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହେବ। ଆକାଶ ଦାସ ନାୟକ, ସବ୍ୟସାଚୀ, ଅର୍ଚ୍ଚିତା ସାହୁ, ଏଲିନା ସମନ୍ତରାୟ ପୁପିନ୍ଦର ସିଂହ, ଶୀତଲ ପାତ୍ର, ରିୟା ଦେ, ଦିବ୍ୟା ମହାନ୍ତି, ଶିବାନୀ ସଙ୍ଗୀତା, ଶ୍ରୀତମ ଦାସ, ଅର୍ଦ୍ଧେନ୍ଦୁ ସାହୁ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞା ହୋତା, ମହାଶ୍ୱେତା ରାୟ, ଅମ୍ଲାନ ଦାସ, ବର୍ଷା ପ୍ରିୟଦର୍ଶିନୀ, ଅନୁ ଚୌଧୁରୀ, ପୁନମ ମିଶ୍ର, ବବି ମିଶ୍ର, ପପୁ ପମ୍ ପମ୍, ହରିହର ମହାପାତ୍ର, ଜ୍ୟୋତିରଞ୍ଜନ ନାୟକ, ସୂର୍ଯ୍ୟମୟୀ ମହାପାତ୍ରଙ୍କ ସହ ଅନେକ ଅନ୍ୟାନ୍ୟ ଓଡ଼ିଆ ଫିଲ୍ମ ତାରକାମାନେ ଅନ୍ତର୍ଜାତୀୟ ରେଡ୍ କାର୍ପେଟ୍‌ରେ ରହିବେ।

ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ବର୍ଣ୍ଣାଳୀ ହୋତା, ସୁସ୍ମିତା ଦାସ, କୁଳଦୀପ ପଟ୍ଟନାୟକ, ଦୀପ୍ତିରେଖା ପାଢ଼ୀ, ଅନୁରାଧା ପାଣିଗ୍ରାହୀ, ଅଂଶୁମାନ ଆଦି ପ୍ରସିଦ୍ଧ ଗାୟକ-ଗାୟିକାଙ୍କ ସୁରିଲା ପ୍ରଦର୍ଶନ ଓ ବିନ୍ଦୁଙ୍କ ନୃତ୍ୟ ସଂରଚନାରେ ହେବାକୁଥିବା ଉତ୍ସାହଜନକ ପରିବେଶଣ ଓଡ଼ିଶାର ସଙ୍ଗୀତମୟ ଆତ୍ମାକୁ ଆଲୋକିତ କରିବା ସହିତ ପାରମ୍ପରିକତାକୁ ବିଶ୍ୱ ଆକର୍ଷଣ କରିବ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୌରାତ୍ମ୍ୟ: ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ରଛାତ୍ରୀ ଓ ଅଭିଭାବକ



ଢେଙ୍କାନାଳ,୬।୨(ସଂଚାର ବ୍ୟୁରୋ): ଓଡାପଡା ବ୍ଲକ କାଳିକାପ୍ରସାଦ ଜନତା ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ମନମାନି କରିବା ସହ ନିମ୍ନମାନର ଖାଦ୍ୟ ଦେବା ଏବଂ ପାଠ ପଢାଯାଉନଥିବା ନେଇ ଆଜି ଛାତ୍ରଛାତ୍ରୀ ଏବଂ ଅଭିଭାବକ, ସରଂପଚମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି ।

କାଳିକାପ୍ରସାଦ ଜନତା ଉପ୍ରା ବିଦ୍ୟାଳୟ ଅବ୍ୟବସ୍ଥା ମଧରେ ଚାଲୁଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ମନମୁଖୀ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଅଣ୍ଡା, ମାଣ୍ଡିଆ ଲୁଡୁରୁ ବଂଚିତ କରାଯାଉଛି। ଉତ୍ତମମାନର ଖାଦ୍ୟ ଦିଆଯାଉନାହିଁ। ଏ ସଂପର୍କରେ ଅଭିଯୋଗ କଲେ ଛାତ୍ରଛାତ୍ରୀଙ୍କ ନମ୍ବର କାଟିଦେବା, ଫେଲ କରାଇଦେବା ଏବଂ ସହକାରୀ ଶିକ୍ଷକଙ୍କୁ ଗାଳିଗୁଲଜ କରି ସେମାନଙ୍କ ନାମରେ ମିଥ୍ୟ ମାମଲା କରିବା ପାଇଁ ଧମକ ଦେଉଛନ୍ତି। ବିଦ୍ୟାଳୟକୁ ଆସୁଥିବା ଚାଉଳକୁ ନିଜ ଘରେ ରଖୁଛନ୍ତି। ଶ୍ରେଣୀ ଶିକ୍ଷକ ରହିଥିଲେ ମଧ ପ୍ରଧାନ ଶିକ୍ଷୟତ୍ରୀ ନିଜେ ସମସ୍ତ ଶ୍ରେଣୀର ଉପସ୍ଥାନ ମନଇଛା ପକାଉଛନ୍ତି ।

ଏହାକୁ ନେଇ ସହାକରୀ ଶିକ୍ଷକ ସଞ୍ଜୟ କୁମାର ଜେନା ବିରୋଧ କରିଥିଲେ ମଧ ସେ ଶୁଣିନଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ସଂପୃକ୍ତ ଶିକ୍ଷକ ଶ୍ରୀ ଜେନାଙ୍କ ନାମରେ ଗତ ୪ ତାରିଖରେ ଭାପୁର ଫାଣ୍ଡିରେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ କରିଛନ୍ତି।

ଏନେଇ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ହୋଇଥିଲା । ଖାଦ୍ୟ ଏବଂ ଅନ୍ୟାନ ଗ୍ରାଂଟ ସଂପର୍କିତ ଖାତା ଏବଂ ଖର୍ଚ୍ଚ ହିସାବ ମାଗିବା ପରେ ସେ ଦେଇପାରିବେ ନାହିଁ ବୋଲି ସିଧାସଳଖ ମନା କରିଦେଇଥିଲେ। ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ମନମାନି କରି କାର୍ଯ୍ୟ କରୁଥିବା ବେଳେ ତାଙ୍କ ପାଇଁ ସମସ୍ତଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆଜି ଅଦ୍ୱୈତ ବେହେରା, ସଞ୍ଜୟ ବେହେରା, ସତ୍ୟସ୍ମିତା ମହାନ୍ତି ପ୍ରମୁଖଙ୍କ ସମେତ ସରପଂଚ, କମିଟି ସଦସ୍ୟ, ଅଭିଭାବକ ଛାତ୍ରଛାତ୍ରୀ ଜିଲ୍ଲା କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

**୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ ଉଦ୍‌ଯାପିତ**

## ଓଡ଼ିଆ ନାଟକ 'ବେଗମ' ମଞ୍ଚସ୍ଥ



ପାରାଦୀପ,୬।୨(ସଂଚାର ବ୍ୟୁରୋ): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ଓ କାନମାସ, ପାରାଦୀପର ସହଯୋଗରେ ଆୟୋଜିତ ୨୫ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ "ଭାରତ ରଙ୍ଗ ମହୋତ୍ସବର" ୬ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସନ୍ଧ୍ୟାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର କଳାକାରମାନେ ସଞ୍ଜୟ ଶାହଙ୍କ ନିର୍ଦ୍ଦେଶନାରେ ପ୍ରମୋଦ ତ୍ରିପାଠୀଙ୍କ ଲିଖିତ ଓଡ଼ିଆ ନାଟକ ବେଗମ୍ ମଞ୍ଚସ୍ଥ କରିଥିଲେ। ଆମର ସାମାଜିକ ବ୍ୟବସ୍ଥା ବହୁତ୍ ଅଦ୍ଭୁତ । ଏହି ସମାଜ କେତେବେଳେ କାହାକୁ ସମାଲୋଚନା କରେ ତ କେତେବେଳେ କାହାକୁ ପୁରସ୍କୃତ କରେ । ଲୋଭ ଓ ଲାଭ ପାଇଁ ଲୋକମାନେ କେତେବେଳେ ସାମାଜିକ ବ୍ୟବସ୍ଥାର ପ୍ରତୀକକୁ ଫୁଙ୍କି ଦିଅନ୍ତି। ଆଜିର ମଣିଷ ଏହି କଥା ଭାବିବାକୁ ବାଧ ହୁଏ ଯେ ଯଦି ତାଙ୍କ ଆଗରେ ବହୁତ୍ ଟଙ୍କା ରଖା ଯାଏ ତେବେ ସେ ସାପ ପରି ନିଜର ରଙ୍ଗ ବଦଳାଇଦେବ। ସେଥିପାଇଁ ପୁଜାସ୍ଥଳ, ସ୍କୁଲ, ଆଇନ ପ୍ରବର୍ତ୍ତନ ଅଧିକାରୀ, ଗାଁର ବୟସ୍କ ବ୍ୟକ୍ତି କିମ୍ବା ଗାଁର ମୁଖିଆ ଏପରି ଚିନ୍ତାଧାରାରେ ମତ୍ତ ହୋଇଯାଆନ୍ତି। କେବଳ ସେମାନେ ଜାଣନ୍ତି ଯେ ଶୋଷଣ ଏବଂ ଲୋଭ ଦ୍ୱାରା ସେମାନେ କଣ ପାଇବେ । ସେଥିପାଇଁ ବେଗମ୍ ଶବ୍ଦର ବ୍ୟବହାର କରାଯାଇଛି। ଓଡ଼ିଆ ତଥା ଏକ ଭିନ୍ନ ସ୍ୱାଦର ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲେ । ଉଦଯାପନୀ ସନ୍ଧ୍ୟାରେ ଅତିଥି ମାନେ କଳାକାର ମାନଙ୍କୁ ସମ୍ମାନିତ କରିବା ସଙ୍ଗେ ସଙ୍ଗେ କାନମାସର ନାଟକକୁ ଲୋକାଭିମୁଖୀ କରିବାର ପ୍ରୟାସକୁ ପ୍ରଶଂସା କରିଥିଲେ ।

## ପ୍ରତାପଶାସନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ



ବାଲିଅନ୍ତା,୬।୨(ସଂଚାର ବ୍ୟୁରୋ): ବାଳକାଟି ପ୍ରତାପଶାସନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଲୁ ଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଶିବ ନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର ମୁଖ୍ୟ ଅତିଥି ଓ ପଣ୍ଡିତ ବ୍ରଜ କିଶୋର ମହାନ୍ତି ମୁଖ୍ୟ ବକ୍ତା, ସୁବ୍ରତ କୁମାର ମହାନ୍ତି, ବେଣୁଧର ଭୋଇ, କୈଳାଶ ଖଟେଇ, ସମିତି ସଭ୍ୟ ଗଙ୍ଗାଧର ମାହାରୀ, ପଞ୍ଚଶଖା ଶିକ୍ଷା ସେତୁ କମିଟି ସଭାପତି ସବିତା ମହାପାତ୍ର, ବିଜୟ ଲକ୍ଷ୍ମୀ ମିଶ୍ର, ବସନ୍ତ ମଞ୍ଜରୀ ମହାପାତ୍ର ଓ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପଲତା ମହାପାତ୍ର ଓ ଶାନ୍ତନୁ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

## କାଢା କେନାଲ ଦ୍ୱାରା ଉପକୃତ ହେବେ ଚାଷୀ



ଦ୍ରୁତଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ

କାକଟପୁର/ଅସ୍ତରଙ୍ଗ,୬।୨(ସଂଚାର ବ୍ୟୁରୋ): ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ସରକାରଙ୍କ ଦ୍ୱାରା କାଢା କେନାଲ ନିର୍ମାଣ ଓ ମରାମତି ଦ୍ରୁତଗତିରେ ଚାଲିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ନିମାପଡା ଜଳସେଚନ ଖଣ୍ଡ ଅଧୀନ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଚାଷୀ ମାନେ ଉପକୃତ ହେବା ପାଇଁ ବିଭିନ୍ନ ଅଂଚଳରେ ଚାଷୀଙ୍କୁ ନେଇ କମିଟି କରାଯାଇ ବିଭାଗ ଦ୍ୱାରା କାଢା କେନାଲ ନିର୍ମାଣ କରାଯାଉଛି। ଅସ୍ତରଙ୍ଗ ବ୍ଲକ ସରିପୁର, ମାଣ୍ଡୁକି ଦେଇ ବିଭିନ୍ନ ଗାଁ କୁ ସଂଯୋଗ କରିଥିବା କାଢା ନାଳ ଅଥବା କେନାଲ ଦ୍ରୁତଗତିରେ ମରାମତି ଓ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅସ୍ତରଙ୍ଗ ବ୍ଲକ ଅଂଚଳର ୩ ଗୋଟି ପାଣି ପଂଚାୟତ ରେ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କୁ ନେଇ ବୈଠକ କରାଯିବା ପରେ ମରାମତି କାର୍ଯ୍ୟ ଜାରି ରହିଛି।

## ଡ଼ିଭାଇଡ଼ରକୁ ପିଟି ଯୁବକ ଗୁରୁତର

ହିଞ୍ଜିଳିକାଟୁ, ୬।୨ (ସଂଚାର ବ୍ୟୁରୋ): ହିଞ୍ଜିଳି ନିକଟବର୍ତ୍ତୀ ପୋଚିଲିମା ଛକ ନୟାରା ପେଟ୍ରୋଲ ପମ୍ପ ସମ୍ମୁଖରେ ଡ଼ିଭାଇଡରକୁ ପିଟି ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଖଲ୍ଲିକୋଟ ଅଞ୍ଚଳର ତାରେଶ(ବୁଲୁ) ପ୍ରଧାନ। ନିଜ ବାଇକ ଯୋଗେ ବ୍ରହ୍ମପୁରରୁ ଫେରୁଥିବା ବେଳେ ଉକ୍ତ ଘଟଣା ଘଟିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣାସ୍ଥଳରେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।



## ବେକରେ ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଆନନ୍ଦପୁର, ୬।୨ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୩ନଂ ୱାଡ଼ରେ ଜଣେ ବୃଦ୍ଧ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଶୁକ୍ରବାର ଅପରାହ୍ନରେ ୩ନଂ ୱାଡ଼ର ଭୋଗିରାମ ପ୍ରଧାନ (୭୦) ସେ ନିଜ ଘରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଜଣା ପଡ଼ି ନଥିବା ବେଳେ ସ୍ଥାନୀୟ ଲୋକ କହିବା ମୁତାବକ ସେ ଅତ୍ୟାଧିକ ଋଣ କରି ଦୀର୍ଘ ଦିନ ଧରି ଚାପଗ୍ରସ୍ତରେ ରହି ଆସୁଥିଲେ। ସେଇ କାରଣରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଘଟଣା ସ୍ଥଳରେ ଆନନ୍ଦପୁର ଏସ ଡି ପିଓ କମଳା ପଣ୍ଡା ଏବଂ ଆନନ୍ଦପୁର ଥାନା ପୋଲିସ୍ ପହଞ୍ଚି ୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିବା ଯାହା ପ୍ରାଥମିକ ସୂଚନା ମିଳିଛି।

## ଚୋରା କାଠ ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ଅସ୍ତରଙ୍ଗ



କାକଟପୁର/ଅସ୍ତରଙ୍ଗ,୬।୨(ସଂଚାର ବ୍ୟୁରୋ): ଚୋରା କାଠ ବେପାରୀ ଙ୍କ ଭୂସ୍ୱର୍ଗ ପାଲଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ। ବ୍ଲକର ଭଉଁରୀଆ ସେତୁ ସହ ନଈଗୁଆଁ କ୍ଲାସ ରୋଡ଼ ଦେଇ ଅସ୍ତରଙ୍ଗ ଓ କୁଷ୍ଣେଇ ଅଞ୍ଚଳକୁ ପ୍ରତ୍ୟେକ ଦିନ ବେଆଇନି ଭାବରେ ଟ୍ରିପ ଟ୍ରିପ କାଠ ଚାଲାଣ ହେଉଛି। କିନ୍ତୁ ଅସ୍ତରଙ୍ଗ ଥାନା ସାମ୍ନାରେ ପ୍ରତ୍ୟେକ ଦିନ କାଠ ଗାଡି ଯାତାୟାତ କରୁଥିଲେ ମଧ ସବୁ ଦେଖି ଆଖି ବନ୍ଦ କରିଛି ପୁଲିସ। ଥାନାଅଧିକାରୀଙ୍କ ଆଇନ ଶୃଙ୍ଖଳା କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ। ମାତ୍ର ଏ ଦିଗରେ ବନ ବିଭାଗ ହେଉ ଅବା ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଦୈନିକ ଭୋର ୫ଟାରୁ ନଚେତ ଅପରାହ୍ନ ୩ଟାରୁ ରାତି ପର୍ଯ୍ୟନ୍ତ ଖୋଲା ଡାଲା ଓ ନମ୍ବର ବିହୀନ ଟ୍ରାକ୍ଟରରେ କାଠ ଲଦା ହୋଇ ଭଉଁରୀଆ ସେତୁ ଦେଇ ଅସ୍ତରଙ୍ଗ ଥାନା ଆଗରେ ବିଭିନ୍ନ ସ୍ଥାନକୁ କାଠ ଚାଲାଣ ହେଉଛି। ବିଶେଷତଃ ସନ୍ଧ୍ୟା ୬ରୁ ୭ଟା ମଧରେ ଏହି ଗାଡି ଗୁଡିକ କାଠ ଭର୍ତ୍ତିକରି ଫେରୁଥିବା ମଧ ଦେଖିବାକୁ ମିଳିଛି। ଏହି କାଠ ଗାଡି ଅସ୍ତରଙ୍ଗ ବ୍ଲକ ଅଧୀନ କୁହୁଡି, କେନ୍ଦ୍ରାପଟି, ବେଢାବନ୍ଧ, କାକଟପୁର, କୁଷ୍ଣେଇ, ନିଆଳି ଅଞ୍ଚଳରେ ଗଢି ଉଠିଥିବା ବେଆଇନି କରତକଳକୁ ଯୋଗାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡ଼ିଛି। ଯାହା ଚର୍ଚ୍ଚା ବିଷୟ ଖୁଲମ ଖୁଲା ଚାଲୁଥିବା ବେଳେ ଦାୟିତ୍ୱ ଥିବା ଅଧିକାରୀ ଭିତିରି ବୁଝାମଣା ହୋଇ ସବୁ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି କାଠ ଗରକୁ ଖୋଲା ଡାଲାରେ ଅସୁରକ୍ଷିତ ଭାବେ ଚାଲାଣ କରାଯାଉଛି।

## ସତ୍ୟବାଦୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା: ଓଲିଉଡ଼ ସଂଗୀତରେ ଝୁମିଲେ ଦର୍ଶକ



ସତ୍ୟବାଦୀ, ୬।୨ (ସଂଚାର ବ୍ୟୁରୋ): ସତ୍ୟବାଦୀ ମହୋତ୍ସବ- ୨୦୨୬ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଓମପ୍ରକାଶ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଆତ୍ମା ଅଧକ୍ଷ ସୁରେନ୍ଦ୍ର ପ୍ରଧାନ, ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମପ୍ରକାଶ ପରିଡା, ବିଡିଓ ଦେବାଶିଷ ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ।

ମହୋତ୍ସବ ପକ୍ଷରୁ ପୂର୍ବରୁ ଆୟୋଜିତ ହୋଇଥିବା ବ୍ଲକ ସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ପରେ ଆରମ୍ଭ ହୋଇଥିଲା ସଂସ୍କୃତିକ କାର୍ଯ୍ୟକ୍ରମ। ଏଥିରେ ସଂସ୍କୃତି ବିଭାଗ ପକ୍ଷରୁ ସିଂଘମ କ୍ରିଏଟିଭି ଗ୍ରୁପ କଳାକାର ମାନଙ୍କ ଦ୍ୱାରା ବାରମାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ରାମହରି ଦାସ ଓଡିଶୀ ଗୁରୁକୁଳ କଳାକାର ମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ଡ଼ାଇନାମିକ ଡ୍ୟାନ୍ସ ଏକାଡେମୀ, ସାରସ୍ୱତ କଳା କେନ୍ଦ୍ର, ଭୁବନେଶ୍ୱର, କଳାକାରମାନେ ମଞ୍ଚରେ ସେମାନଙ୍କ ଉତ୍କୃଷ୍ଟ କଳା ପ୍ରଦର୍ଶନ କରିଥିଲେ । ଶେଷରେ ଓଲିଉଡ଼ ନାଇଟିରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ଗ୍ରୁପ ଏବଂ କୁଳଦୀପ ପଟ୍ଟନାୟକ ଓ ତାଙ୍କ ଗ୍ରୁପ ଦ୍ୱାରା ମନ ଛୁଆଁ ସଙ୍ଗୀତର ତାଳେ ତାଳେ ଉପସ୍ଥିତ ହଜାର ହଜାର ଦର୍ଶକ ବିମୋହିତ ହୋଇଥିଲେ। ପୂର୍ବାହ୍ନରେ ସତ୍ୟବାଦୀ ମହୋତ୍ସବ କମିଟି ଆନୁକୂଲ୍ୟରେ ଏକ ବିଶାଳ ରକ୍ତଦାନ ଶିବିର ସ୍ଥାନୀୟ ପଞ୍ଚସଖା ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଥିଲା। ରେଡ଼କ୍ରସ, ଭୁବନେଶ୍ୱର ତରଫରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ଏବଂ ୯୬ ୟୁନିଟ ରକ୍ତ ସଂଗ୍ରହ କରାଇଥିବା ଅନୁଷ୍ଠାନ ସମ୍ପାଦକ ଶ୍ରୀ ଶତପଥି ସୂଚନା ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଦେଖିଲେ ମୁଖ୍ୟମନ୍ତ୍ରୀ

# ପ୍ରେସର ନୁହେଁ, ପେସେନ୍ସ ରଖି ପାଠପଢ଼ନ୍ତୁ

- ପରୀକ୍ଷାର ଫଳାଫଳରେ ଜୀବନର ସଫଳତା ନଥାଏ
- ଜ୍ଞାନ ଆହରଣ କରିବା ହିଁ ସଠିକ୍ ମାର୍ଗ




ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆରମ୍ଭ କରିଛନ୍ତି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ପରୀକ୍ଷା ପେ ଚର୍ଚ୍ଚାର ନବମ ସଂସ୍କରଣ ୨୦୨୬ ଶିକ୍ଷା ବର୍ଷର ପରୀକ୍ଷାର୍ଥୀମାନଙ୍କ ସହ ଭୁବନେଶ୍ୱର ୟୁନିଟ୍ ୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦେଖିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ପରୀକ୍ଷା ସମୟର ପ୍ରସ୍ତୁତି ଏବଂ ପାଠପଢ଼ା ସମୟର ପ୍ରସ୍ତୁତି ବିଷୟରେ ପରାମର୍ଶ ଦେଇଥିଲେ। ପ୍ରେସରରେ ନୁହେଁ, ପେସେନ୍ସ ରଖି ପାଠ ପଢ଼ିଲେ ପରୀକ୍ଷାର ପ୍ରସ୍ତୁତି ଉଚ୍ଚକୋଟୀର ହେବ। ପରୀକ୍ଷା ସମୟରେ ଏହି ଦୁଇଟି ଜିନିଷ ପ୍ରତ୍ୟେକ ପିଲାଙ୍କ ପାଇଁ ଲାଭଦାୟକ ହେବ। ନିଜର ଆତ୍ମବିଶ୍ୱାସ ହିଁ ସଫଳତାର ପ୍ରମୁଖ ଚାବିକାଠି। ଆଉ ଆତ୍ମବିଶ୍ୱାସ ଆସିଥାଏ ସତ କହିବା ଦ୍ୱାରା। ଏହା କହି ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସର ତତ୍ତ୍ୱ ବୁଝାଇଥିଲେ। ସେ କହିଥିଲେ ଯେ, ପାଠ ପଢ଼ିବା ପାଇଁ ଆରାମ ଦାୟକ ପରିବେଶର ଆବଶ୍ୟକତା ନାହିଁ, ଯଦି ପାଠ ପଢ଼ିବା ପାଇଁ ପ୍ରକୃତ ଇଚ୍ଛାଶକ୍ତି ଓ ମନୋବୃତ୍ତି ଥିବ, ତେବେ ସବୁ ପରିବେଶ ଆରାମ ଦାୟକ।

ମୁଖ୍ୟମନ୍ତ୍ରୀ ପିଲାଙ୍କ ସହ କଥା ହେଉ ହେଉ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କର ସଂଘର୍ଷ, ସଫଳତା ଏବଂ ଲାଇଫ୍ ସ୍କିଲ୍ ବିଷୟରେ ପିଲାଙ୍କୁ ବୁଝାଇ କହିଥିଲେ ଯେ, ଜୀବନ ଜିଇଁବା ପାଇଁ ସବୁବେଳେ ଭବିଷ୍ୟତ କଥା ଚିନ୍ତାକରି ଆଗକୁ ବଢ଼ିବା ଉଚିତ୍। ତାହେଲେ ଯାଇ ଆପଣଙ୍କୁ ଆପଣଙ୍କ ୱିନିଙ୍ଗ୍ ଗୋଲ୍ ସ୍ପଷ୍ଟ ଦେଖାଯିବ। ଏହି ଅବସରରେ ଅଭିଭାବକଙ୍କୁ ଉପଦେଶ ଦେଇ ସେ କହିଥିଲେ ଯେ, ପିଲାମାନଙ୍କୁ କ୍ଷମତା, ଯୋଗ୍ୟତା ଓ ରୁଚି ଅନୁଯାୟୀ ପ୍ରେରଣା ଦିଅନ୍ତୁ। ପିଲାଙ୍କର ଚାରିତ୍ରିକ ବିକାଶ, ଶୃଙ୍ଖଳା ଜ୍ଞାନ ଏ ସବୁ ନିଜ ଘରେ, ନିଜ ପାରିବାରିକ ପରିବେଶରେ ହିଁ ବୃଦ୍ଧି ହୁଏ। ଏଣୁ, ପିଲାଦିନରୁ ହିଁ ସେମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ କରନ୍ତୁ, ଦେଖିବେ, ପ୍ରତ୍ୟେକ ଶିଶୁ ଜଣେ ଉଦୀୟମାନ ଛାତ୍ର ଭାବେ ଉଭା ହେବ।

ପରୀକ୍ଷାର ଫଳାଫଳରେ ଜୀବନର ସଫଳତାକୁ ନ ମାପି, ଜ୍ଞାନ ଆହରଣ କରିବାର ମାର୍ଗକୁ ବାଛିବା ଆବଶ୍ୟକ। ଜ୍ଞାନ ହିଁ ତୁମକୁ ଶିଖାଇବ, ଆଗକୁ ବଢ଼ିବାର ଜୀବନ କୌଶଳ ପ୍ରଦାନ କରିବ। ଅଧିକ ନମ୍ବର ରଖିଥିବା ବ୍ୟକ୍ତି ହେଉଛି ସଫଳତମ ବ୍ୟକ୍ତି, ଏ ଭଳି ଭୁଲ ଧାରଣାକୁ ଆପଣେଇବ ନାହିଁ। ତେଣୁ, ପରୀକ୍ଷା ପାଇଁ ବିଚଳିତ ନହୋଇ ଏହାକୁ ଆମେ ହସ ହସ ମୁହଁରେ ସାମ୍ନା କରିବା ଓ ଆଗକୁ ବଢ଼ିବା। ବାର୍ଷିକ ପରୀକ୍ଷା ପାଖେଇ ଆସିଲାଣି। ମୋର ଦୃଢ଼ ବିଶ୍ୱାସ ତୁମମାନଙ୍କୁ ନିଜ ନିଜ ପରିଶ୍ରମର ମୂଲ୍ୟ ନିଶ୍ଚିତ ଭାବରେ ମିଳିବ। ମୋର ଆଶୀର୍ବାଦ ସଦାସର୍ବଦା ତୁମ ସାଥିରେ ଅଛି ଓ ରହିବ। ମୁଁ ସବୁ ଛାତ୍ରଛାତ୍ରୀଙ୍କ ପରୀକ୍ଷାରେ ସଫଳତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଉପସ୍ଥିତ ଥିଲେ।



## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ସୁରେଶ କୁମାର ବଶିଷ୍ଠ

ଭୁବନେଶ୍ୱର, ୬।୨(ସଂଚାର ବ୍ୟୁରୋ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟଭାର ଗ୍ରହଣ କଲା ପରେ ଶ୍ରୀ ବଶିଷ୍ଠ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଅଭିଯାନର ସୁଦୃଢ଼ୀକରଣ ଏବଂ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ଦୁର୍ବଳ ଓ ଅସହାୟ ଲୋକମାନଙ୍କ ପାଖକୁ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଗୁଡ଼ିକର ସୁଫଳ ପହଞ୍ଚାଇବା ଉପରେ ମଧ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ, ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଓ ସୋନିଆ ବେହେରାଙ୍କ ସହିତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ରେଳ ବଜେଟରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ

## ବ୍ୟୟବରାଦ ନଥିବାରୁ ବିଜେଡିର ଆନ୍ଦୋଳନ

**୮ରେ ବାରବାଟୀ ଷ୍ଟାଡିୟମ୍ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଧାରଣା**

କଟକ,୬।୨(ସଂଚାର ବ୍ୟୁରୋ): ୨୦୨୬ ରେଳ ବଜେଟରେ କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ କେନ୍ଦ୍ର ବଜେଟ୍ ରେ ସଂଯୋଗ କରିବାକୁ ଦାବି କରିଛି କଟକ ବିଜୁ ଜନତା ଦଳ। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମେୟର ସୁବାସ ସିଂହ ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ୨୦୨୩ ମହିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ୬,୨୫,୫୯୪ କୋଟି ଟଙ୍କା ବ୍ୟୟବରାଦ କରି ଜାନୁଆରୀ ୧ ତାରିଖ ୧୦୧୪ ମସିହାରେ ତ୍ରିଶୁଳିଆଠାରେ ଭିତ୍ତିପ୍ରସ୍ତର ପକାଇ କାର୍ଯ୍ୟ ଆରମ୍ଭ ହେଇଥିଲା। ୪ବର୍ଷ ମଧରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ପାଇଥିଲା। କଟକ ଏସସିବି, ନେତାଜୀ ବସ୍ ଟର୍ମିନାଲ, ଉଚ୍ଚ ନ୍ୟାୟାଳୟ ଦେଇ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ହେଇଥାନ୍ତା। ପ୍ରାରମ୍ଭରେ ୩ କୋଚ ସହିତ ୧୩ଟି ଟ୍ରେନ ଦୈନିକ ୧ଲକ୍ଷ ଯାତ୍ରୀଙ୍କୁ ସେବା ଯୋଗାଇବାକୁ ଆକଳନ କରାଯାଇଥିଲା। ୩୯୩ କୋଟି ଟଙ୍କା ବ୍ୟୟ କରାଯାଇ ଦେଢ଼ ବର୍ଷ ହେବ କାମ ଚାଲିଥିଲା। ତାହା ମଝିରୁ ବନ୍ଦ କରିଦିଆଗଲା। ୨୦୨୬ କେନ୍ଦ୍ରୀୟ ରେଳ ବଜେଟ୍ ରେ ମେଟ୍ରୋ ଯୋଜନା ନ ରହିବା ଏକ ବଡ଼ ପ୍ରତାରଣା ବୋଲି ବିଜୁ ଜନତା ଦଳର ବରିଷ୍ଠ ନେତା କଟକ ମେୟର ସୁବାସ ସିଂହ ଓ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂହ ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ବଜେଟ୍ ରେ ମେଟ୍ରୋ ରେଳ ପରିକଳ୍ପନା ର ବ୍ୟୟ ବରାଦ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ତୁରନ୍ତ ଟେଣ୍ଡର କାମ ସାରି କାମ ଆରମ୍ଭ କରିବାକୁ ଦାବି କରି ଆସନ୍ତା ଫେବୃୟାରୀ ୮ତାରିଖ ଦିନ ସକାଳ ୯ଘଟିକା ସମୟରେ ବାରବାଟୀ ଷ୍ଟାଡିୟମ୍ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳ ପକ୍ଷରୁ ଧାରଣ ଓ ଆନ୍ଦୋଳନ କରାଯିବାକୁ ଆହ୍ୱାନ ଦିଆଯାଇଛି।

ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ

## ନାରୀମାନଙ୍କ ଆର୍ଥିକ ସ୍ୱାବଲମ୍ବନ ଉପରେ ଗୁରୁତ୍ୱ



କଟକ,୬।୨(ସଂଚାର ବ୍ୟୁରୋ): ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳା ଉଦଘାଟିତ ହୋଇଛି। ଏହି ମେଳା ଉଦଘାଟନରେ ବିଧାୟିକା ବାରବାଟୀ କଟକ ଇଂ. ସୋଫିଆ ଫିର୍ଦୋଶ ନାରୀମାନଙ୍କର ଆର୍ଥିକ ସ୍ୱାବଲମ୍ବନ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ଉପରେ ଜୋର ଦେବା ସହିତ ସୁଭଦ୍ରା ଯୋଜନା ମାଧମରେ ମହିଳାମାନେ କିପରି ସ୍ୱୟଂ ରୋଜଗାରୀ ହୋଇ ସମାଜରେ ନିଜ ସ୍ଥାନ ସୃଷ୍ଟି କରୁଛନ୍ତି, ସେଥିପାଇଁ ଏହି ମେଳା ଏକ ଉତ୍ତମ ମଞ୍ଚ ବୋଲି କହିଥିଲେ। ବିଧାୟକ କଟକ ସଦର, ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଆତ୍ମନିର୍ଭର ଭାରତ ଗଢ଼ିବାରେ ଏହିଭଳି ମେଳା ସହାୟକ ହେବ ଏବଂ ନାରୀ ସଶକ୍ତିକରଣରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ନାରୀ ସଶକ୍ତ ହେଲେ ସାମୂହିକ ଉନ୍ନତି ହେବ ବୋଲି ମତବ୍ୟକ୍ତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଏହି ମେଳାରେରେ ୪୦୦ ଟି ଷ୍ଟଲ୍ ରହିଛି। ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ତିଆରି ହସ୍ତଶିଳ୍ପ ସାମଗ୍ରୀ, ଖାଦ୍ୟ ଉତ୍ପାଦ, ବସ୍ତ୍ର, ଗୃହୋପକରଣ ଓ ଅନ୍ୟାନ୍ୟ ସ୍ୱଦେଶୀ ସାମଗ୍ରୀର ଷ୍ଟଲ୍‌ଗୁଡ଼ିକ ସ୍ଥାପିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ଓ ଇପସିତା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାନ୍ଧ ଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ନିଶାଙ୍କୁ ସର୍ତ୍ତମୂଳକ ଜାମିନ



ଭୁବନେଶ୍ୱର, ୬।୨(ସଂଚାର ବ୍ୟୁରୋ): ଆଇଟମ୍ ଗାର୍ଲ ନିଶା ମହାରଣାଙ୍କୁ ମିଳିଛି ଆଶ୍ୱସ୍ତି। ଅଶ୍ଳୀଳ ନାଚ ପରେ ମାମଲା ଓ ଗିରଫ ଭୟରେ ନିଶା ମହାରଣା ବୋଧେ ଟିକେ ଡରି ଯାଇଛନ୍ତି। ଆଉ ସେ ଗିରଫ ହେବା ଭୟରେ ଆଗୁଆ ଜାମିନ୍ ଆବେଦନ କରିଥିଲେ। ଯାହା ହାଇକୋର୍ଟ ମଞ୍ଜୁର କରିବା ପରେ ତାଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି। ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଘଟଣାରେ ନିଶାଙ୍କ ଲାଗି ଅଡୁଆ ବଢ଼ିଥିଲା। ବାଲାଙ୍ଗୀରରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ହୋଇଥିଲା ମାମଲା। ପୁଲିସ ନିଜ ଆଡୁ ମାମଲା ରୁଜୁ କରି ଦୁଇ ଆୟୋଜକଙ୍କୁ ଗିରଫ କରିଥିଲା। ଗିରଫ ଭୟରେ ଆଗୁଆ ଜାମିନ ଆବେଦନ କରିଥିଲେ ନିଶା। ତେବେ ଜାମିନ ପ୍ରଦାନ ଲାଗି ନିମ୍ନ ଅଦାଲତ ସର୍ତ୍ତ ରଖିପାରିବେ ବୋଲି ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

## ଟ୍ରେନ ଦୋଳି ଛିଣ୍ଡି ୭ ଆହତ

ଗଞ୍ଜାମ, ୬।୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦେଓଗାଁରେ ହନୁମାନ ମନ୍ଦିର ପ୍ରତିଷ୍ଠା ଅବସରରେ ଚାଲିଥିବା ମେଳା ଓ ମୀନାବଜାରରେ କେତେକ ଲୋକ ଟ୍ରେନ୍ ଦୋଳିରେ ବସି ଦୋଳି ଖେଳୁଥିବା ବେଳେ ଶେଷ ବଗିଟି ଛିଡ଼ିପଡିଥିଲା। ଫଳରେ ଏହି ବଗିରେ ବସିଥିବା ଲୋକେ ଛିଟିକି ପଡି ୭ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ କୋଦଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବହ୍ମପୁର ବଡ଼ ଡାକ୍ତରଖାନାକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

- ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କୁ ଆକ୍ରମଣ ଓ ଲୁଟ୍

## ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ଆଠଗଡ଼ ୬।୨(ସଂଚାର ବ୍ୟୁରୋ): ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଉପରେ ଆକ୍ରମଣ ଓ ଲୁଟ୍ ଘଟଣାରେ ଦୁଇ ଅଭିଯୁକ୍ତକୁ ଗିରଫ କରିଛି ଟିଗିରିଆ ପୁଲିସ। ଟିଗିରିଆ ଥାନା ଅନ୍ତର୍ଗତ ବଡନାଉପୁଟରେ ରେମୋ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ବାଙ୍କି ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଜୀବନ ସେଠୀ ଓ ପାଳପୁଟ ଗ୍ରାମର ଦୀପୁ ରଞ୍ଜନ ପରିଡ଼ା। ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ଟିଗିରିଆ ଥାନା ଅନ୍ତର୍ଗତ ଶୁଣ୍ଡିପାଳ ଗ୍ରାମରେ ଗତ ଦୁଇଦିନ ତଳେ ଅର୍ଥାତ୍ ୩ ତାରିଖ ଦିନ ସକାଳେ ଡ୍ୟାନ୍ସ ଗ୍ରୁପ୍‌ର ସଦସ୍ୟମାନେ ପ୍ରୋଗ୍ରାମ ସାରି ଘରକୁ ଫେରୁଥିଲେ। ୩ଟି ବାଇକ୍‌ରେ ୬ରୁ ଊର୍ଦ୍ଧ୍ୱ ଯୁବକ ଆସି ବଡନାଉପୁଟ ନିକଟରେ ମଝି ରାସ୍ତାରେ ଗାଡି ଅଟକାଇ ଗ୍ରୁପ୍‌ର ଝିଅମାନଙ୍କୁ ଅସଦାଚରଣ କରିବା ସହିତ ସମସ୍ତ ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାସହ ୩୦ ହଜାର ଟଙ୍କା, ସୁନା ଚେନ୍ ଓ ଅନ୍ୟ ସାମଗ୍ରୀ ଲୁଟ୍ କରି ନେଇଥିବା ଟିଗିରିଆ ଥାନାରେ ଅଭିଯୋଗ ହୋଇଥିଲା। ମରଣାନ୍ତକ ଆକ୍ରମଣ ସମୟର ଭିଜୁଆଲ ଭାଇରାଲ୍ ମଧ ହୋଇଥିଲା। ତେବେ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ କଳାକାର ମହାସଂଘର ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ତାଙ୍କ ନିଜ ଗ୍ରାମରେ ଚଢ଼ାଉ କରି ଗିରଫ କରିବା ସହ ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଇପସିତା ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି।

ରାଜ୍ୟରେ ପ୍ରତିଷ୍ଠା ହେବ ଏଆଇ ପାର୍କ

## ସର୍ଭମ ସହ ଏମଓୟୁ କଲେ ସରକାର



ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ): ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟରେ ରାଜ୍ୟରେ ଏଆଇ ପାର୍କ ପ୍ରତିଷ୍ଠା କରିବାକୁ ଶୁକ୍ରବାର ଦେଶର ପ୍ରତିଷ୍ଠିତ ଏଆଇ କମ୍ପାନୀ ସର୍ଭମ ସହ ଚୁକ୍ତି କରିଛନ୍ତି ରାଜ୍ୟ ସରକାର। ଏହାଦ୍ୱାରା ଦେଶର ପ୍ରଥମ ରାଜ୍ୟ ଭାବେ ଓଡିଶାରେ ହେବ ଏଆଇ ପାର୍କ। ବ୍ଲାକ-ସ୍ୱାନ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଲୋକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସର୍ଭମ ସହ ହୋଇଥିବା ଚୁକ୍ତିରେ ଭିତ୍ତିଭୂମି ବିକାଶ, ଜନସଂଖ୍ୟା ମାନଦଣ୍ଡ ଓ ଓଡିଶା ଭାଷାର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି। ବର୍ତ୍ତମାନ ଡିଜିଟାଲ ଯୁଗରେ ଏହି ଚୁକ୍ତି ଏକ ମାଇଲଖୁଣ୍ଟ ହେବାକୁ ଯାଉଛି। କାରଣ ଏହି ପାର୍କ ପ୍ରତିଷ୍ଠା ହେବା ପରେ ଦେଶର ସବୁ ଏଆଇ ବିଶେଷଜ୍ଞ, ଷ୍ଟାର୍ଟଅପ ଓ ସରକାରୀ ଆବଶ୍ୟକତାକୁ ଗୋଟିଏ ସ୍ଥାନରେ ଯୋଡି ହୋଇପାରିବେ। ଏଆଇ ପାର୍କ ହେବା ପରେ ଓଡିଶା ନିଜସ୍ୱ ଇଣ୍ଟର୍ନେଟ ଉତ୍ପାଦନ କରିବା ସହ ଅନ୍ୟ ରାଜ୍ୟକୁ ରପ୍ତାନୀ କରିପାରିବ।

## ଜେଲ ଟେଣ୍ଡର ବନ୍ଦ ରହିଲା

**ଜେଲ ଅଧିକାରୀ ନିରାଶରେ ବକ୍ସ ଧରି ଫେରିଲେ**




ସଂଚାର ପ୍ରଭାବ

କଟକ,୬।୨ (ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲରେ ଅନ୍ତେବାସୀମାନଙ୍କ ପାଇଁ ବିଭିନ୍ନ ଠିକାଦାରମାନେ ପକେଇଥିବା ଟେଣ୍ଡର ଘଟଣାରେ ବିଭିନ୍ନ ଅନିୟମିତତା ହୋଇଛି ବୋଲି ଅଭିଯୋଗ ହୋଇଥିଲା। କିଛି ଠିକାଦାର ଅଦାଲତର ଆଶ୍ରୟ ନେବା ସହ ଏହି ଘଟଣାଟି ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଲା ପରେ ଆଜି ଟେଣ୍ଡର ଖୋଲିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲେ ସୁଦ୍ଧା ଏହାକୁ ବନ୍ଦ କରାଗଲା ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, ଚୌଦ୍ୱାର ଜେଲରେ ଟେଣ୍ଡର ପକେଇବା ତାରିଖ ପୂର୍ବରୁ ନିଶ୍ଚିତ ଠିକାଦାରମାନେ ତାଲିକା ପାଇଥିଲେ। କିଏ କ'ଣ କରିବ ଆଗରୁ ଜଣେଇ ଦେଇଥିଲେ। ଏହାକୁ ନେଇ କିଛି ଠିକାଦାର ଗଣମାଧମକୁ ତଥ୍ୟ ଦେଲା ପରେ ଜେଲ ପ୍ରଶାସନ ମଧରେ ଚଡକ ପଡିଥିଲା। ଆଜି ଏଡିଏମଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିବା ମିଟିଂରେ ସମସ୍ତଙ୍କ ମତାମତ ନେଇ ଟେଣ୍ଡର ଖୋଲିବା କିଛିଦିନ ବନ୍ଦକରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଟେଣ୍ଡର ବକ୍ସକୁ ଏ ଡି ଏ ମ ଫେ ର। ଇ ଦେଲେ ଏବଂ ଗ୍ରୀଭାନ୍ସ ପରେ ସୋମବାର ଦିନ ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଅତି ଆଶ୍ଚର୍ଯ୍ୟର କଥା ସରକାରଙ୍କ ଇ-ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛତା ଆଣିବା ପାଇଁ ଥିବାବେଳେ ଜେଲ ପ୍ରଶାସନରେ ସେହି ପୁରୁଣା ବକ୍ସରେ ଆବେଦନ କରିବା ପ୍ରକ୍ରିୟା ଯୋଗୁଁ ଦୁର୍ନୀତି ହେଉଛି ବୋଲି ଅଭିଯୋଗ ହେଉଛି। ସରକାର କେବେ ଏହି ପ୍ରକ୍ରିୟାରେ ସଂସ୍କାର ଆଣିବେ ଓ ସାଧାରଣ ଲୋକଙ୍କ ଟାକ୍ସ ଅର୍ଥକୁ ଲୁଟକରିବା ଉଦ୍ୟମକୁ ବନ୍ଦ କରିବେ, ସମୟ କହିବ।

ପଞ୍ଚମ ଦିନରେ ଓଏଚ୍‌ପିସି ଓ ଏସ୍‌ଏଲ୍‌ଡିସି ଟାରିଫ ଦରଖାସ୍ତ ଶୁଣାଣି

## ଓଏଚ୍‌ପିସି ପ୍ରକଳ୍ପ ବିଳମ୍ବ ପାଇଁ ଓଇଆର୍‌ସି କ୍ଷୁବ୍ଧ

**ଏସ୍‌ଏଲ୍‌ଡିସି ପାଇଁ ଏକ ସରକାରୀ କମ୍ପାନୀ ଗଠନ ହେବ**

ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ): ଆସନ୍ତା ବର୍ଷର ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ଆଜି ପଞ୍ଚମ ଦିନରେ ଓ ଇ ଆ ର ସି କାର୍ଯ୍ୟାଳୟରେ ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ (ଓଏଚପିସି) ଓ ଷ୍ଟେଟ ଲୋଡ ଡେସପାଚ ସେଣ୍ଟର (ଏସଏଲଡ଼ିସି) ଦରଖାସ୍ତ ଉପରେ ଜନଶୁଣାଣି ହେଲା। ଓଏଚପିସି ତରଫରୁ ଅର୍ଥ ନିର୍ଦ୍ଦେଶକ ପ୍ରଣବ ମହାନ୍ତି କହିଲେ ଚଳିତ ବର୍ଷ ପାଇଁ ରେଙ୍ଗାଲି, କୋଲାବ, ବାଲିମେଳା, ହୀରାକୁଦ, ଚିପିଲିମା ଓ ଇନ୍ଦ୍ରାବତୀ ବିଦ୍ୟୁତ କେନ୍ଦ୍ର ପାଇଁ ଅନୁମୋଦନ ହୋଇଥିବା ଡିଜାଇନ ଏନର୍ଜି ୫୬୭୬ ନିୟୁତ ୟୁନିଟ ଠାରୁ ଅଧିକ ଉତ୍ପାଦନ ହେବ। ଚଳିତ ବର୍ଷରେ ୬୨୦୨ ନିୟୁତ ୟୁନିଟ ଉତ୍ପାଦନ କରିବା ପାଇଁ ଓଏଚପିସି ଲକ୍ଷ୍ୟ ରଖିଛି। ଆସନ୍ତା ବର୍ଷପାଇଁ ଓଏଚପିସି ସମୁଦାୟ ୬୪୪ କୋଟିଟଙ୍କା ଖର୍ଚ୍ଚ ଆକଳନ କରିଛି। ତାହାକୁ ଭରଣା କରିବା ପାଇଁ ଚଳିତ ବର୍ଷପାଇଁ ବଳବତ୍ତର ଥିବା ୟୁନିଟ ପିଛା ୧୦୦ ପଇସା ମୂଲ୍ୟକୁ ୧୫ ପଇସା ବୃଦ୍ଧିକରି ୧୧୫ ପଇସାରେ ନିର୍ଣ୍ଣୟ କରିବା ପାଇଁ ପ୍ରସ୍ତାବ ରଖିଲା। ସେହିପରି ଏସଏଲଡ଼ିସି ଆସନ୍ତା ବର୍ଷରେ ସମୁଦାୟ ୧୪ କୋଟି ୭୭ ଲକ୍ଷଟଙ୍କା ଖର୍ଚ୍ଚ କରିବା ପାଇଁ ପ୍ରସ୍ତାବ ଦେଇଛି। ଆୟୋଗଙ୍କ ଅଧକ୍ଷ ପ୍ରଦୀପ କୁମାର ଜେନା ପ୍ରକଳ୍ପ ସମୟ ବିଳମ୍ବ ପାଇଁ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି କହିଲେ ପ୍ରକଳ୍ପର ଅନୁମୋଦିତ ସମୟ ଠାରୁ ବହୁବର୍ଷ ବିଳମ୍ବ ହେଉଛି। ଫଳରେ ପ୍ରକଳ୍ପ ମୂଲ୍ୟ ବହୁଗୁଣରେ ବୃଦ୍ଧିପାଇ ବିଦ୍ୟୁତ ମୂଲ୍ୟ ବୃଦ୍ଧି ଘଟୁଛି।

- ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ବଡ଼ ନିଷ୍ପତ୍ତି

## ଟଙ୍କା ଫେରସ୍ତ ଅବଧି ମାର୍ଚ୍ଚ ୩୧ ଯାଏଁ ବଢ଼ିଲା

ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ): ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ପାଇଁ ବଡ଼ ନିଷ୍ପତ୍ତି ନେଲେ ରାଜ୍ୟ ସରକାର। ପୁଣି ଟଙ୍କା ଫେରସ୍ତ ପାଇଁ ରାଜ୍ୟ ସରକାର ଜାନୁଆରୀ ୩୧ ଅବଧିକୁ ମାର୍ଚ୍ଚ ୩୧ ଯାଏ ବଢ଼ାଇଛନ୍ତି।

ଚିଟଫଣ୍ଡ କ୍ଷତିଗ୍ରସ୍ତ ପ୍ରମାଣପତ୍ର ଦେଇ ଆରଆଇଙ୍କ ନିକଟରେ ଆବେଦନ କରିପାରିବେ। ଆବେଦନର ୧୫ ଦିନ ଭିତରେ ଜମାକାରୀ ଟଙ୍କା ଫେରିପାଇବେ। ୮ରୁ ୧୦ ହଜାର କ୍ଷୁଦ୍ର ଜମାକାରୀଙ୍କୁ ରାଜ୍ୟ ସରକାର ଟଙ୍କା ଦେଉଛନ୍ତି। ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା କ୍ଷୁଦ୍ର ଜମାକାରୀ ସେମାନଙ୍କ ଟଙ୍କା ଫେରସ୍ତ ପାଇବେ। ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା କ୍ଷୁଦ୍ର ଜମାକାରୀ ଟଙ୍କା ପାଇବେ। ଜମାକାରୀମାନେ ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ, ମୂଳ ଜମା ରସିଦ୍, ବ୍ୟାଙ୍କ ଖାତା ନମ୍ବର, ବ୍ୟାଙ୍କ ନାମ, ଆଇଏଫଏସସି ନମ୍ବର ସହ ଆରଆଇଙ୍କ ପାଖରେ ଯୋଗାଯୋଗ କରିବେ। ଏହାର ୧୫ ଦିନ ମଧରେ ସେମାନଙ୍କର ଜମା ଟଙ୍କା ଫେରି ପାଇବେ। ନିଜ ଜିଲ୍ଲାର ସରକାରୀ ୱେବସାଇଟରେ ଫେରସ୍ତ ପାଇନଥିବା ଜମାକାରୀଙ୍କର ସମ୍ପୂର୍ଣ୍ଣ ତାଲିକା ରହିଛି। ଏହା ଭିନ୍ନ ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କ ନାମ, ଆଫିଡେଭିଟ୍ ନମ୍ବର ଏବଂ ଗୋଲଡେନ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କ ନାମ, ଆପ୍ଲିକେସନ ନମ୍ବର ୱେବସାଇଟରେ ଦେଇ ସେମାନଙ୍କ ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣିପାରିବେ।

**୪ଦିନ ହେଲା ନିଖୋଜ ଓଡ଼ିଆ ଯୁବ ନାବିକ ସାର୍ଥକ**

# କେନ୍ଦ୍ରକୁ ଚିଠି ଲେଖିଲେ ସରକାର

### ମା'ଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ



ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ): ମରିସସ୍ ନିକଟରେ ଗଭୀର ସମୁଦ୍ରରୁ କେମିତି ଗାୟବ ହୋଇଗଲେ ଭଦ୍ରକର ଯୁବ ନାବିକ ସାର୍ଥକ, ତାହା ୪ ଦିନ ହେବ ଜଣାପଡୁନି। ସାର୍ଥକଙ୍କ ପରିବାର ପକ୍ଷରୁ ପୁଅକୁ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିବା ପରେ କେନ୍ଦ୍ରର ୪ଟି ବିଭାଗକୁ ଦିଲ୍ଲୀ ସ୍ଥିତ ପ୍ରିନ୍ସିପାଲ୍ ରେସିଡେଣ୍ଟ କମିଶନର ଚିଠି ଲେଖିଛନ୍ତି।

ନିଖୋଜ ସାର୍ଥକଙ୍କ ମା'ଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ତତ୍ପର ହୋଇଉଠିଛନ୍ତି ପ୍ରଶାସକ। କେନ୍ଦ୍ର ବୈଦେଶିକ ସଚିବ, ସ୍ୱରାଷ୍ଟ୍ର ସଚିବ, ଜଳପଥ ସଚିବ ଓ ସିପିଂ ଡିଜିଙ୍କୁ ଚିଠି ଲେଖିଛି ପ୍ରଶାସନ। ଦିଲ୍ଲୀ ସ୍ଥିତ ଓଡ଼ିଶାର ପ୍ରିନ୍ସିପାଲ୍ ରେସିଡେଣ୍ଟ କମିଶନର ବିଶାଲ୍ ଗଗନ ଏ ସଂପର୍କରେ ୪ଟି ବିଭାଗକୁ ଚିଠି ଲେଖିଛନ୍ତି। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବି ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସାର୍ଥକ ସିଙ୍ଗାପୁର ଫେରୁଥିବା ଆଙ୍ଗ୍ଲୋ-ଇଷ୍ଟର୍ଣ୍ଣ ସିପ୍ ମ୍ୟାନେଜମେଣ୍ଟ ସଂସ୍ଥାର ଇଏ ଜର୍ସୀ ଭେସେଲର ଥିଲେ କ୍ରିୟୁ ମେମ୍ବର। ଜାହାଜ କମ୍ପାନୀ ପକ୍ଷରୁ ଆସିଥିବା ଚିଠିରେ ଲେଖାଥିଲା, ଯେଉଁ କ୍ୟାବିନରେ ସାର୍ଥକ ପ୍ରବେଶ କରିଥିଲେ, ସେଇଠୁ ଫେବୃଆରୀ ୩ ସକାଳୁ ଆଉ ପତ୍ତା ମିଳୁନି। ଜାହାଜର ବେଗ କମାଇ ସର୍ଚ୍ଚ ଅପରେସନ ବି କରାଯାଇଥିଲା। ଜାହାଜ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ସାର୍ଥକ ଶେଷ ୮ ଘଣ୍ଟା ଡ୍ୟୁଟି କରିଛନ୍ତି। ସେହି ସମୟରେ ସେ ଯାହା ବି କଥା ହୋଇଥିବେ ତାହା ରେକର୍ଡ ଥିବ। ଜାହାଜରେ ଲାଗିଥିବା କ୍ୟାମେରାରେ ସବୁ ଦୃଶ୍ୟ ଷ୍ଟୋରେଜ୍ ହୋଇକି ରହିବ। ଆସନ୍ତା ୪୮ ଘଣ୍ଟା ମଧରେ ଜାହାଜ ସିଙ୍ଗାପୁରରେ ପହଞ୍ଚିବା ପରେ ସଠିକ ତଥ୍ୟ ମିଳିଯିବ।

### ସହାୟତା ପାଇଁ ନବୀନଙ୍କ ଅନୁରୋଧ



ମଝି ସମୁଦ୍ରରୁ ନିଖୋଜ ମର୍ଚ୍ଚାଣ୍ଟ ନେଭି କ୍ୟାଡେଟ୍ ସାର୍ଥକ ମହାପାତ୍ରଙ୍କ ୪ ଦିନ ହେଲା କୌଣସି ପତ୍ତା ମିଳୁନଥିବାରୁ ପରିବାର ଲୋକ ବହୁତ ଚିନ୍ତିତ। ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ଉଦବେଗ ପ୍ରକାଶ କରିଛନ୍ତି। ସାର୍ଥକଙ୍କୁ ଖୋଜିବାରେ ସହାୟତା କରିବାକୁ କେନ୍ଦ୍ର ସରକାର, ସିପିଂ ମହାନିର୍ଦ୍ଦେଶକ ଓ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ସେ ଅନୁରୋଧ। ଅନ୍ୟପଟେ ମା'ଙ୍କ ସହିତ ସାର୍ଥକ ୨ ତାରିଖ ରାତି ୯ଟାରେ ଶେଷ ଥର ପାଇଁ କଥା ହୋଇଥିଲେ। ତା ପରଠୁ ସାର୍ଥକଙ୍କ ସଂପର୍କରେ କୌଣସି ଖୋଜ ଖବର ମିଳୁନି। ସିପ୍ ସିଙ୍ଗାପୁରରୁ ଚାଇନକୁ ଫେରିବା ସମୟରେ ମଝି ସମୁଦ୍ରରେ ଗତ ୩ ତାରିଖରେ ରହସ୍ୟମୟ ଭାବେ ଗାୟବ ହୋଇଛନ୍ତି ଭଦ୍ରକର ସାର୍ଥକ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ମାର୍ଚ୍ଚରେ ସ୍ୱାକ୍ଷର ହେବ ଭାରତ-ଆମେରିକା ଟ୍ରେଡ୍ ଡିଲ୍

ନୂଆଦିଲ୍ଲୀ,୬।୨: ଭାରତ ଏବଂ ଆମେରିକା ମଧ୍ୟରେ ଘୋଷଣା ହୋଇଥିବା ବାଣିଜ୍ୟ ଚୁକ୍ତିର ବିବରଣୀ ଖୁବ୍‌ଶୀଘ୍ର ଆସିବାକୁ ଯାଉଛି। ଏହା ପରେ ଯାଇ ଚୁକ୍ତିକୁ ନେଇ ସ୍ପଷ୍ଟ ଚିତ୍ର ପ୍ରଦାନ କରାଯିବ ବୋଲି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ପ୍ରକାଶ କରିଛନ୍ତି। ଉଭୟ ଦେଶ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଦ୍ୱିପାକ୍ଷିକ ଚୁକ୍ତି ପ୍ରସ୍ତୁତ ହୋଇସାରିଛି। ଆଗାମୀ ୪ରୁ ୫ ଦିନ ମଧ୍ୟରେ ଏହାକୁ ନେଇ ଉଭୟ ପକ୍ଷ ଦ୍ୱାରା ମିଳିତ ବିବୃତି ପ୍ରକାଶ ପାଇବ। ଏହା ପରେ ଭାରତ ଉପରେ ଶୁଳ୍କକୁ ୧୮%କୁ ହ୍ରାସ କରିବା ପାଇଁ ଆମେରିକା ପକ୍ଷରୁ ଔପଚାରିକ ନିର୍ଦ୍ଦେଶନାମାର ବାଟ ପରିଷ୍କାର ହୋଇଯିବ। ତେବେ ମାର୍ଚ୍ଚ ମଧ୍ୟଭାଗ ସୁଦ୍ଧା ଏହା ଉପରେ ଏକ ଔପଚାରିକ ଚୁକ୍ତି ସ୍ୱାକ୍ଷର ହେବ ବୋଲି ଗୋୟଲ କହିଛନ୍ତି।

ୱାଶିଂଟନ ସହିତ ଭାରତର ବର୍ଦ୍ଧିତ ଅର୍ଥନୈତିକ ସମ୍ପର୍କକୁ ନେଇ ଗୋୟଲ



କହିଛନ୍ତି, ଆମେରିକୀୟ ବିମାନ ଏବଂ ଇଞ୍ଜିନ ପାଇଁ କେବଳ ଆମର ବରାଦ ଆକାର ୧୦୦ ବିଲିୟନ ଡଲାରରୁ ଅଧିକ ରହିଛି। ପ୍ରକାଶଯୋଗ୍ୟ, ୨୦୨୫ ଫେବ୍ରୁଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ପରଠାରୁ ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ ଆଲୋଚନା ଚାଲୁ ରହିଥିଲା। ଫେବ୍ରୁଆରୀ ୨ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ଟେଲିଫୋନିକ୍ ବାର୍ତ୍ତାଳାପ ପରେ ଚୁକ୍ତିକୁ ସର୍ବସାଧାରଣରେ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ, ଯେସାକୁ ତେସା ବାଣିଜ୍ୟ ନୀତି ବାବଦ ୨୫% ଏବଂ ରୁଷ ତେଲ କ୍ରୟ ପାଇଁ ଜରିମାନା ବାବଦ ଆଉ ୨୫% ଟାରିଫ୍ ଭାରତ ଉପରେ ଲାଗୁ କରିଥିଲା ଆମେରିକା। ଫଳରେ ମୋଟ ଟାରିଫ୍ ୫୦%ରେ ପହଞ୍ଚିଥିଲା।




## ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ, ୬।୨: ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ ପରେ ଆଜି ମୁଦ୍ରାନୀତି ସମୀକ୍ଷା ଘୋଷଣା କରାଯାଇଛି। ତେବେ ଚଳିତ ଥର ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରହିଥିବା କହିଛନ୍ତି। ଦେଶରେ ଅର୍ଥନୈତିକ ଦୃଶ୍ୟପଟ ସନ୍ତୋଷଜନକ ଥିବାବେଳେ ମୁଦ୍ରାସ୍ଫୀତି ଏବେ ସ୍ଥିର ରହିଛି। ଏହା ସହିତ ବିଭିନ୍ନ ନିୟାମକଗୁଡ଼ିକୁ ବିଚାରକୁ ନେଇ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ଚାଲିଥିବା ବୈଠକରେ ମୁଦ୍ରାନୀତି କମିଟି (ଏମ୍‌ପିସି) ପରାମର୍ଶ ଦେଇଥିଲା। ଏହି ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଚଳିତ ଆର୍ଥିକ ବର୍ଷର ଏହା ଥିଲା ଚୂଡ଼ାନ୍ତ ମୁଦ୍ରାନୀତି କମିଟି ବୈଠକ। ଡିସେମ୍ବର ୨୦୨୫ରେ ରେପୋ ହାର ହ୍ରାସ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୨୫ ଫେବ୍ରୁଆରିରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ରେପୋ ହାରରେ ବିଭିନ୍ନ ପର୍ଯ୍ୟାୟରେ ୧.୨୫ ପ୍ରତିଶତ ହ୍ରାସ କରି ସାରିଛି। ଶେଷ ଥର ପାଇଁ ଡିସେମ୍ବର ୨୦୨୫ରେ ରେପୋ ହାର ହ୍ରାସ କରାଯାଇଥିଲା। ସଂପ୍ରତି ମୁଦ୍ରାସ୍ଫୀତି ହାର ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ନିମ୍ନ ସ୍ତରରେ ରହିଥିବାରୁ ରେପୋ ହାରକୁ ଆଉ ହ୍ରାସ କରିବାର ଏବେ ଆବଶ୍ୟକତା ନଥିବା ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ମାଲହୋତ୍ରା କହିଛନ୍ତି। ମୁଦ୍ରାସ୍ଫୀତି ଚାପର ମୁକାବିଲା ଏବଂ ଅର୍ଥନୈତିକ ସ୍ଥିତିକୁ ଲକ୍ଷ୍ୟରେ ରଖି ରିଜର୍ଭ ବ୍ୟାଙ୍କ ରେପୋ ଓ ଅନ୍ୟାନ୍ୟ ସୁଧ ହାର ସଂକ୍ରାନ୍ତ ନିଷ୍ପତ୍ତି ନେଇଥାଏ।

## ଲଞ୍ଚ ହେଲା ଦେଶର କ୍ୟାବ ଟ୍ୟାକ୍ସି ସେବା ଭାରତ ଟ୍ୟାକ୍ସି

ନୂଆଦିଲ୍ଲୀ, ୬।୨: ଲଞ୍ଚ ହେଲା ଦେଶର ପ୍ରଥମ ସମବାୟ କ୍ୟାବ ଟ୍ୟାକ୍ସି ସେବା ଭାରତ ଟ୍ୟାକ୍ସି। ଦୁଇ ମାସର ସଫଳ ପାଇଲଟ୍ ପରୀକ୍ଷଣ ପରେ ଗୁରୁବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ 'ଭାରତ ଟ୍ୟାକ୍ସି'ର ଶୁଭାରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଦିଲ୍ଲୀ ଏବଂ ଗୁଜରାଟର କିଛି ସହରରେ କାର୍ଯ୍ୟ ଆରମ୍ଭ କରିଛି। ଆଗାମୀ ଦୁଇରୁ ତିନି ବର୍ଷ ମଧ୍ୟରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ସେବା ଆରମ୍ଭ କରାଯିବ। ଗୃହମନ୍ତ୍ରୀ ଦିଲ୍ଲୀରେ ଭାରତ ଟ୍ୟାକ୍ସି ଆପ୍ ଲଞ୍ଚ କରିଛନ୍ତି। ଲଞ୍ଚ ବେଳେ ଶାହ କହିଛନ୍ତି "ତିନି ବର୍ଷ ମଧ୍ୟରେ, ଭାରତ ଟ୍ୟାକ୍ସି ସାରା ଦେଶରେ, କାଶ୍ମୀରରୁ କନ୍ୟାକୁମାରୀ ଏବଂ ଦ୍ୱାରକାରୁ କାମାକ୍ଷା ପର୍ଯ୍ୟନ୍ତ ଆରମ୍ଭ ହେବ। ଏହି ସେବାର ସବୁଠାରୁ ବଡ଼ ବିଶେଷତ୍ୱ ହେଲା ଡ୍ରାଇଭରମାନଙ୍କଠାରୁ କୌଣସି କମିଶନ ନିଆଯିବ ନାହିଁ, ଏବଂ ସେମାନେ ନିଜେ ଏହି ପ୍ଲାଟଫର୍ମର ଅଂଶୀଦାର କିମ୍ବା ମାଲିକ ହେବେ। ଏହା ବାଦ୍ ପିକ୍ ଆୱାରରେ ୟୁଜରମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ ନାହିଁ। ଭାରତ ଟ୍ୟାକ୍ସି ଡ୍ରାଇଭରମାନଙ୍କୁ ପ୍ରାଇଭେଟ୍ ଏଗ୍ରିଗେଟର ମଡେଲରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛି।"

ଭାରତ ଟ୍ୟାକ୍ସି ସମ୍ପୂର୍ଣ୍ଣ ରୂପେ ଆରମ୍ଭ କରିବା ପୂର୍ବରୁ ଏହାର ପ୍ରାରମ୍ଭିକ ପରୀକ୍ଷଣ କରାଯାଇଥିଲା। ଡିସେମ୍ବର ୨ ତାରିଖରେ ଦିଲ୍ଲୀ ଏବଂ ଗୁଜରାଟର ରାଜକୋଟରେ ଏହାର ପାଇଲଟ ଡ୍ରାଇଭିଂ ଚାଲିଥିଲା। ଏହା ସଫଳ ହେବା ପରେ ସରକାର ଏହାକୁ କିଛି ଜାଗାରେ ଲାଗୁ କରିଛନ୍ତି।

ଟ୍ୟାକ୍ସି ସେବାର ଶୁଭାରମ୍ଭ ସମୟରେ ଅମିତ ଶାହ ଆପ୍ ପରୀକ୍ଷଣ




ସମୟରେ ଭଲ ପ୍ରଦର୍ଶନ କରିଥିବା ୬ ଜଣ ଡ୍ରାଇଭର, ଯାହାଙ୍କୁ ସାରଥି କୁହାଯାଉଛି, ସେମାନଙ୍କୁ ସମ୍ମାନିତ କରିଥିଲେ। ଏହି ଡ୍ରାଇଭରମାନଙ୍କୁ କମ୍ପାନୀ ସେୟାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମ୍ମାନିତ ଡ୍ରାଇଭରମାନଙ୍କୁ ₹୫ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା କଭରେଜ୍ ଏବଂ ₹୫ ଲକ୍ଷ ଟଙ୍କାର ପରିବାର ସ୍ୱାସ୍ଥ୍ୟ ବୀମା କଭରେଜ୍ ମଧ୍ୟ ପ୍ରଦାନ କରାଯାଇଥିଲା। ଏହା ବାଦ୍, ପ୍ଲାଟଫର୍ମରେ ଯୋଗଦାନ କରୁଥିବା ସମସ୍ତ ଡ୍ରାଇଭରଙ୍କ ପାଇଁ ରିଟାୟରମେଣ୍ଟ ସେଭିଂ ଏବଂ ଡ୍ରାଇଭର ସପୋର୍ଟ ସିଷ୍ଟମ ଭଳି ସୁବିଧା ମଧ୍ୟ ଦିଆଯାଇଥିଲା।

ଓଲା, ଉବର ଭଳି ଘରୋଇ କମ୍ପାନୀଗୁଡ଼ିକ ସାଧାରଣତଃ ଡ୍ରାଇଭରମାନଙ୍କଠାରୁ ସେମାନଙ୍କ ରୋଜଗାର ଉପରେ ୨୦% ରୁ ୩୦% କମିଶନ ଆଦାୟ କରନ୍ତି। ହେଲେ ଭାରତ ଟ୍ୟାକ୍ସି ସେମିତି କିଛି ନାହିଁ। ଏହା ଜିରୋ କମିସନ୍ ମଡେଲରେ କାର୍ଯ୍ୟ କରିବ। ଅର୍ଥାତ୍ ଜଣେ ଡ୍ରାଇଭର ଯାହା ରୋଜଗାର କରିବେ ତାହା ସିଧାସଳଖ ସେମାନଙ୍କ ପାଖକୁ ଯିବ। ଏଥିସହିତ ଗ୍ରାହକମାନଙ୍କ ପାଇଁ କୌଣସି ସର୍ଜ ପ୍ରାଇସିଂ (ପିକ୍ ଆୱାରରେ ଅଧିକ ଭଡ଼ା) ସିଷ୍ଟମ ରହିବ ନାହିଁ। ଫଳରେ ଯାତ୍ରୀ ସୁଲଭ ମୂଲ୍ୟରେ ଟ୍ୟାକ୍ସି ଭଡ଼ା ପାଇପାରିବେ। ଆଗାମୀ ଦୁଇ ବର୍ଷ ମଧ୍ୟରେ ସମସ୍ତ ରାଜ୍ୟ ଏବଂ ପ୍ରମୁଖ ସହରରେ ଭାରତ ଟ୍ୟାକ୍ସି ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ସରକାରଙ୍କ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର (DPI) ସହିତ ସମନ୍ୱିତ କରାଯିବ। ଦିଲ୍ଲୀର ୭ଟି ପ୍ରମୁଖ ସ୍ଥାନରେ ଡ୍ରାଇଭରମାନଙ୍କ ପାଇଁ ସହାୟତା କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି।

ଏହା ଏକ ସବସ୍କ୍ରିପସନ୍-ଆଧାରିତ ମଡେଲ୍, ଯାହା ସହକାର ଟ୍ୟାକ୍ସି କୋଅପରେଟିଭ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହେବ। ଜୁନ୍ ମାସରେ ୩୦୦ କୋଟି ଟଙ୍କା ବ୍ୟୟରେ ଏହାର ପ୍ରତିଷ୍ଠା ହୋଇଥିଲା। ଏହି ଆପ୍-ଆଧାରିତ ସେବା ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପର ଏକ ଅଂଶ। ଏହାର ଏକ ପରିଚାଳନା ପରିଷଦ ରହିବ, ଯେଉଁଥିରେ ଅମୂଲ ଏମ୍‌ଡି ଜୟେନ ମେହେତା ଅଧ୍ୟକ୍ଷ ଏବଂ ଏନସିଡିସି ଉପ ପରିଚାଳନା ନିର୍ଦ୍ଦେଶକ ରୋହିତ ଗୁପ୍ତା ଉପାଧ୍ୟକ୍ଷ ହେବେ। ଏହା ବ୍ୟତୀତ, ଦେଶର ବିଭିନ୍ନ ସମବାୟ ସମିତି ସହିତ ଜଡିତ ଆଉ ୮ ଜଣ ସଦସ୍ୟ ଅଛନ୍ତି। ବୋର୍ଡର ପ୍ରଥମ ବୈଠକ ଅକ୍ଟୋବର ୧୬ ତାରିଖରେ ଅନୁଷ୍ଠିତ ହୋଇସାରିଛି।

## ଡଲାରର ଜାଗା ନେବ ସୁନା: ଅର୍ଥନୀତିଜ୍ଞ

ନୂଆଦିଲ୍ଲୀ, ୬।୨: ପ୍ରସିଦ୍ଧ ଆମେରିକୀୟ ଅର୍ଥନୀତିଜ୍ଞ ପିଟର ସ୍କିଫ୍ ଏକ ବଡ଼ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ସ୍କିଫ୍ କହିଛନ୍ତି ଯେ ଆମେ ଏପରି ଏକ ଆର୍ଥିକ ସଙ୍କଟ ଆଡ଼କୁ ଅଗ୍ରସର ହେଉଛୁ, ଯାହା ଆଗରେ ୨୦୦୮ ମସିହାର ମାନ୍ଦାବସ୍ଥା ବି ପିଲା ଖେଳ ପରି ମନେ ହେବ। ଆମେରିକୀୟ ଡଲାର ଭୁଶୁଡ଼ି ପଡ଼ିବ, ଏହାର ସ୍ଥାନର ସୁନା ରାଜ୍ କରିବ ବୋଲି ସ୍କିଫ୍ କହିଛନ୍ତି। ପିଟର ସ୍କିଫଙ୍କ ଅନୁଯାୟୀ, ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରୁଛନ୍ତି। ସେମାନେ ସେମାନଙ୍କର ସୁନା ଭଣ୍ଡାର ବୃଦ୍ଧି କରୁଛନ୍ତି। ତେଣୁ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସ୍କିଫ୍ କହିଛନ୍ତି। ବର୍ତ୍ତମାନର ମାର୍କେଟ୍ ଗତିକୁ ଦେଖିଲେ ସ୍କିଫ୍‌ଙ୍କ ଭବିଷ୍ୟବାଣୀ ସତ ହେବା ପରି ମନେ ହେଉଛି। ବିଶ୍ୱ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁଛି। ୨୦୨୫ ମସିହାରେ ସୁନା ୭୫% ଏବଂ ରୁପା ୧୬୭% ବୃଦ୍ଧି ପାଇବାର ଆଶା କରାଯାଉଛି।




ସ୍କିଫ୍ କହିଛନ୍ତି ଯେ ଆଗାମୀ ସଙ୍କଟ ୨୦୦୮ର ସଙ୍କଟଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ। ପୂର୍ବ ସଙ୍କଟ ସାରା ବିଶ୍ୱରେ ବ୍ୟାପିଥିଲା, କିନ୍ତୁ ଏହି ସଙ୍କଟ ଆମେରିକା ମଧ୍ୟରେ କେନ୍ଦ୍ରିତ ରହିବ। ୨୦୦୮ ମସିହାର ସଙ୍କଟ ଆମେରିକାର ହାଉସିଂ ମାର୍କେଟର ପତନ ଯୋଗୁ ଆରମ୍ଭ ହୋଇଥିଲା, ସେତେବେଳେ ବହୁ ସଂଖ୍ୟାରେ ଲୋକ ସେମାନଙ୍କର ଗୃହ ଋଣ ପରିଶୋଧ କରିବା ବନ୍ଦ କରିଦେଇଥିଲେ। ଏହା ସମଗ୍ର ବିଶ୍ୱର ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଦୋହଲାଇ ଦେଇଥିଲା ଏବଂ ୧୯୩୦ ଦଶକର ମହାମାରୀ ପରେ ଏହା ସବୁଠାରୁ ବଡ଼ ବିଶ୍ୱ ଅର୍ଥନୈତିକ ସଙ୍କଟ ପାଲଟିଥିଲା। ଆମେରିକାର ଅର୍ଥନୀତି ବହୁତ ମଜବୁତ ବୋଲି ଟ୍ରମ୍ପ ସରକାରଙ୍କ ଦାବି କରୁଥିବା ବେଳେ ପିଟର ସ୍କିଫ୍ କିନ୍ତୁ ଏହାକୁ ଖାରଜ କରିଛନ୍ତି। ଦୁର୍ଭାଗ୍ୟବଶତଃ ଏହି ସଂଖ୍ୟା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ସରକାରୀ ଆକଳନ ବହୁତ ଅଧିକ ବୁଲାଇ ବଙ୍କାଇ କୁହାଯାଇଛି। ଏଥିରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଏହା ଉପରେ ମହଙ୍ଗା ବଜାର ବହୁତ ପ୍ରଭାବ ପଡ଼ୁଛି। ଆଗାମୀ ବର୍ଷଗୁଡ଼ିକରେ ମୁଦ୍ରାସ୍ଫୀତି ବାଇଡେନଙ୍କ ସରକାର ସମୟରେ ମହଙ୍ଗା ସ୍ଥିତି ଠାରୁ ବଳିଯିବ ବୋଲି ସ୍କିଫ କହିଛନ୍ତି। ସୁନାର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଆଗକୁ ବଡ଼ ସଂକଟରେ ସୂଚନା ମିଳୁଛି। ହୁଏତ ଆମେରିକାରେ ଏହି ସଂକଟ ଚଳିତ ବର୍ଷ ଶେଷ ଆଡ଼କୁ କିମ୍ବା ଆସନ୍ତା ସପ୍ତାହରେ ଦେଖିବାକୁ ମିଳିବ। ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁନା କିଣୁଛନ୍ତି ଓ ଡଲାରରୁ ନିଜକୁ ମୁକ୍ତ କରୁଛନ୍ତି। ସେମାନେ ଆମେରିକାର ଟ୍ରେଜେରୀ (ସରକାରୀ ବଣ୍ଡ) ବିକ୍ରି କରୁଛନ୍ତି। ଟ୍ରମ୍ପ ଆମେରିକାକୁ ବାରମ୍ବାର ଶକ୍ତିଶାଳୀ ଅର୍ଥନୀତି କହିବା ସହିତ ଅନ୍ୟ ଦେଶମାନଙ୍କୁ ସବୁବେଳେ ଡରାଇ ଆସୁଛନ୍ତି।

ୟୁରୋପ, କାନାଡ଼ା ଭଳି ଦେଶ କୁଆଡ଼େ ଆମେରିକା ସହଯୋଗରେ ଚାଲୁଛନ୍ତି ବୋଲି ଟ୍ରମ୍ପ ଦାବି କରୁଛନ୍ତି। ହେଲେ ସ୍କିଫ୍ ପରୋକ୍ଷରେ ଏହାର ଜବାବ ରଖିଛନ୍ତି। ସେ କହିଛନ୍ତି ଆମେ ଦୁନିଆ ଉପରେ ନିର୍ଭର କରୁଛୁ। ସେମାନେ ଆମକୁ ଏପରି ଜିନିଷ ଦିଅନ୍ତି ଯାହା ଆମେ ଉତ୍ପାଦନ କରୁ ନାହୁଁ। ଟ୍ରମ୍ପ ଏହାକୁ ଓଲଟା ବୁଝନ୍ତି। ବିଶ୍ୱର ଅର୍ଥନୀତି ଆମ ଯୋଗୁ ଚାଲେ ନାହିଁ, ବରଂ ଆମ ଅର୍ଥ ବ୍ୟବସ୍ଥା ଦୁନିଆ ପାଇଁ ଚାଲୁଛି। ଡଲାରର ରିଜର୍ଭ କରେନ୍ସି ସ୍ଥିତି ଉପରେ ନିର୍ଭର କରୁଥିବା ଆମର କ୍ରେଡିଟ୍-ଭିତ୍ତିକ ଅର୍ଥନୀତି ଭାଙ୍ଗି ପଡ଼ିଛି। ଡଲାର ଖୁବ୍ଶୀଘ୍ର ଧରାଶାୟୀ ହେବ ଏବଂ ଏହାର ସ୍ଥାନ ସୁନା ନେଇଯିବ।

ତଥାପି, ହ୍ୱାଇଟ୍ ହାଉସ୍ ମୁଖପାତ୍ର କୁଶ ଦେଶାଇ, ଆମେରିକୀୟ ଅର୍ଥନୀତିର ଦାବିକୁ ଖଣ୍ଡନ କରିଛନ୍ତି। ଏବଂ କହିଛନ୍ତି ଯେ ଆମେରିକାର ଟ୍ରେଜେରୀ ସିକ୍ୟୁରିଟିଜ୍ ବିଦେଶୀ ହୋଲ୍ଡିଂ ସମ୍ପ୍ରତି ରେକର୍ଡ ଉଚ୍ଚତାରେ ପହଞ୍ଚିଛି। ବିଜନେଶ ଲିଡର୍ସମାନେ ନିବେଶ କରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ପାଇଁ ଆମେରିକାରେ କୋଟି କୋଟି ଟଙ୍କା ନିବେଶ କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଦାୟିତ୍ୱ ନେବା ପରଠାରୁ କିଛି ଲୋକ ବୃଥାରେ ଏହି ଭବିଷ୍ୟବାଣୀ କରିଆସୁଛନ୍ତି। ଆମେରିକୀୟମାନେ ମୁଦ୍ରାସ୍ଫୀତି ହ୍ରାସ ଏବଂ ଜିଡିପି ଅଭିବୃଦ୍ଧି ତ୍ୱରାନ୍ୱିତ ହେବାର ନିଜେ ଦେଖିଛନ୍ତି ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କୁଶ ଦେଶାଇ କହିଛନ୍ତି। ପିଟର ସ୍କିଫ୍ ଜଣେ ପ୍ରସିଦ୍ଧ ଆମେରିକୀୟ ଅର୍ଥନୀତିଜ୍ଞ ଏବଂ ୟୁରୋ ପାସିଫିକ୍ ଆସେଟ୍ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା। ସେ ୨୦୦୮ ଆର୍ଥିକ ସଙ୍କଟର ସଠିକ୍ ପୂର୍ବାନୁମାନ କରିଥିଲେ। ଏଥିପାଇଁ ତାଙ୍କର ଖୁବ୍ ପରିଚୟ ରହିଛି। ସ୍କିଫ୍ ସବୁବେଳେ ମୂଲ୍ୟବାନ ଧାତୁଗୁଡ଼ିକୁ ଏକ ସୁରକ୍ଷିତ- ନିବେଶ ବିକଳ୍ପ ଭାବରେ ଦେଖୁଛନ୍ତି। ତେଣୁ ସୁନା ଓ ରୁପାରେ ନିବେଶ ପାଇଁ ସେ ସବୁବେଳେ ପରାମର୍ଶ ଦେଇଥାନ୍ତି।

## ବୀମାରେ ୧୦୦% ଏଫ୍‌ଡିଆଇକୁ ଅନୁମତି ମିଳିବ

ନୂଆଦିଲ୍ଲୀ, ୬।୨: ଫେବ୍ରୁଆରି ୫ ସୁଦ୍ଧା ଭାରତ ସରକାର ନୂତନ ବୀମା ଆଇନ ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ନୂଆ ଆଇନ କାର୍ଯ୍ୟକାରୀ ହେଲେ ବୀମା ଶିଳ୍ପରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦ ପ୍ରତିଶତକୁ ବୃଦ୍ଧି ପାଇବ। ବୀମା ଆଇନ-୧୯୩୮, ଜୀବନ ବୀମା ଆଇନ-୧୯୫୬ ଓ ବୀମା ନିୟାମକ ଓ ଉନ୍ନୟନ ପ୍ରାଧିକରଣ ଆଇନ-୧୯୯୯ର ସଂଶୋଧନ କରାଯାଇ ଏହି ନୂଆ ଆଇନ ଅଣାଯାଇଛି। ଏହି ନୂଆ ଆଇନ ଅନୁଯାୟୀ ବୀମା ଶିଳ୍ପରେ ବିଦେଶୀ ନିବେଶକମାନେ ଭାରତୀୟ ବୀମା ବଜାରରେ ୧୦୦ ପ୍ରତିଶତ ପୁଞ୍ଜିନିବେଶ କରିପାରିବେ। କିନ୍ତୁ ଏଥିରେ କେତେକ ସର୍ତ୍ତ ରହିଛି। ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଲା କଂପାନିର ମୁଖ୍ୟ ନେତୃତ୍ୱ ଭାରତୀୟ ଅଧିକାରୀଙ୍କର ହେବ। ଅର୍ଥାତ କଂପାନିର ଅଧ୍ୟକ୍ଷ-ପରିଚାଳନା ନିର୍ଦ୍ଦେଶକ କିମ୍ବା ସିଇଓ ଜଣେ ଭାରତୀୟ ହୋଇଥିବା ଆବଶ୍ୟକ। ସୂଚନାଯୋଗ୍ୟ ଅର୍ଥନୈତିକ ସଂସ୍କାର ପରେ ବୀମା ଶିଳ୍ପରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସୀମା କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ୨୦୧୫ରେ ଏହି ସୀମାକୁ ୨୬ରୁ ବୃଦ୍ଧି କରାଯାଇ ୪୯ ପ୍ରତିଶତ କରାଯାଇଥିଲା। ସେହିପରି ୨୦୨୧ରେ ପୁଣି ବୀମାରେ ଏଫ୍‌ଡିଆଇ ସୀମା ବୃଦ୍ଧି ପାଇ ୭୪ ପ୍ରତିଶତରେ ପହଞ୍ଚିଥିଲା।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଘର ବାରଣ୍ଡାରେ ବସିଥିବା ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

**ନାଉଗାଁ,୬।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ରୋହିଆ ପଞ୍ଚାୟତ କୋରଣିଆ ଗ୍ରାମର ୮୪ବର୍ଷର ବୃଦ୍ଧାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ। ଯାହାକୁ ନେଇ ବୃଦ୍ଧାଙ୍କ ପୁଅ ଦେବ ନାରାୟଣ ମହାନ୍ତି ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦେବ ନାରାୟଣଙ୍କ ଅଭିଯୋଗ ମୁତାବକ ତାଙ୍କ ମା' ହରପ୍ରିୟା ମହାନ୍ତି ଆଜି ଦିନ ପ୍ରାୟ ୯ଟା ସମୟରେ ଘରର ଦୁଆର ମୁହଁ ବାରଣ୍ଡାରେ ବସି ଖାଉଥିଲେ। ସେହି ସମୟରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ୨-୩ ଥର ଗାଁକୁ ଯିବା ଆସିବା କରିଥିଲେ। ଜଣେ ଯୁବକ ଗାଡି ଉପରେ ବସି ଗାଡି ଷ୍ଟାର୍ଟ କରିବା ସମୟରେ ଅନ୍ୟ ଜଣେ ଯୁବକ ମା'ଙ୍କ ପଛପଟୁ ସୁନା ଚେନ୍‌ଟିକୁ ହଠାତ ଛିଣ୍ଡାଇ ନେଇଥିଲେ। ତାଙ୍କ ମା' ଜୋରରେ ପାଟି କରିବାରୁ ସେଠାରୁ ଦୁର୍ବୃତ୍ତ ଦୁଇ ଜଣ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଚୋରି ଯାଇଥିବା ସୁନା ଚେନ୍‌ର ଓଜନ ୧୪ଗ୍ରାମରୁ ଅଧିକ ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚାଲିଥିବା ନାଉଗାଁ ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

## ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର




**ଫୁଲବାଣୀ,୬।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ସଦରମହକୁମା ଫୁଲବାଣୀ ପଂଚାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଏକ ଦିବସୀୟ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଅଛି । ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାୟକ , ପଂଚାୟତ ସମିତି ଅଧକ୍ଷ୍ୟା, ସସ୍ମିତା କହ୍ନର, ଉପାଧକ୍ଷ୍ୟ, ଶ୍ରୀ ନିବାସ କହଁର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁନିତା ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପି. ପଦ୍ମା, ହେଲ୍ପ ଏଜ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ , ଦେବଶ୍ରୀ ବ୍ରହ୍ମା , ଜିଲ୍ଲା ବରିଷ୍ଠ ନାଗରିକ କର୍ମ କର୍ତା ପଦ୍ମ ଚରଣ ସ୍ୱାଇଁ , ସର୍ବେଶ୍ୱର ମିଶ୍ର ଏବଂ ନବୀନ କିଶୋର ପଣ୍ଡା ଯୋଗଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପି. ପଦ୍ମା ପ୍ରାରମ୍ଭିକ ଭାଷଣ ଦେଇଥିଲେ । ହେଲ୍ପ ଏଜ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ ଏହି ସଚେତନତା ଶିବିର ରେ ବରିଷ୍ଠ ନାଗରିକଙ୍କ ଆଇନଗତ ଅଧିକାର, ବୟସ୍କ ବ୍ୟକ୍ତିଙ୍କ ସାଧାରଣ ସମସ୍ୟା, ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ କଲ୍ୟାଣ ଅଧିନିୟମ, ୨୦୦୭ ଉପରେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅକ୍ଷକୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଖୋଜ ଛାତ୍ରୀଙ୍କୁ ପୁଲିସ ଜିମାଦେଲେ ଲୋକେ

**ବାରିପଦା,୬।୨ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ରାଢୋ କେଜିବିପି ସରକାରୀ ବିଦ୍ୟାଳୟ ଛାତ୍ରୀ ନିବାସ ରୁ ଗତକାଲି ସନ୍ଧ୍ୟା ପାଖରୁ ଦୁଇ ଜଣ ଛାତ୍ରୀ ଫେରାର ହୋଇଯାଇଥିଲେ। ଏ ନେଇ ଉଦଳା ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଗତକାଲି ସନ୍ଧ୍ୟା କ୍ଲାସ ପରେ ଦୁଇ ଜଣ ଛାତ୍ରୀ ପାଚେରୀ ଡେଇଁ ପଳାଇ ଯାଇଥିଲେ । ଆଜି ମାଧାନ୍ନ ସମୟରେ ସ୍ଥାନୀୟ ଲୋକେ ଦୁଇ ଜଣ ଛାତ୍ରୀ ଙ୍କୁ ଉଦଳା ଶ୍ମଶାନ କାଳୀ ରାସ୍ତାରେ ଦେଖିବାକୁ ପାଇ ଥାନାରେ ଜିମା ଦେଇଥିଲେ । ପୋଲିସ ଆଗରେ ଛାତ୍ରୀମାନେ ଉଦଳା ମେଳା ବୁଲିବାକୁ ଯାଇଥିବାର ପ୍ରକାଶ କରିଛନ୍ତି। ତେବେ ବିଦ୍ୟାଳୟ ସୀମା ରୁ କିପରି ସେମାନେ ବାହାରକୁ ଗଲେ ତାହା ସମସ୍ତଙ୍କୁ ଆଶ୍ଚାର୍ଯ୍ୟ କରିଅଛି । ଛାତ୍ରୀ ନିବାସରେ ୱାଡେନ କିମ୍ବା ବିଦ୍ୟାଳୟ କର୍ତୃପକ୍ଷଙ୍କ ଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଅଛି।

## ଚଣ୍ଡି ଉପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା



**ନୀଳଗିରି,୬।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ସଜନାଗଡ଼ ସ୍ଥିତ ଚଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ଯୋଗ ଦେଇ ଶ୍ରୀ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱୋଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ ଭଲ ମଣିଷ ହେବା ସହିତ ଦେଶ ଜାତିର ଟେକ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ, ବିଶିଷ୍ଟ ଅତିଥି ଭାବେ ଜାମୁଡିହ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ହେମନ୍ତ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଏବିଇଓ ରବିନାରାୟଣ ପରିଡ଼ା, ଭୁଦାରଚଣ୍ଡୀ ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ବାରିକ, ସଜନାଗଡ ସିଆରସିସି ବିଶ୍ୱଜିତ ବେହେରା,ସଜନାଗଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧରଜ ସେଠୀ ସଭସପତିତ୍ୱ କରିଥିବା ବେଳେ ଶ୍ରୀହରି ବେହେରା ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱଗତ ସଂଗୀତ ପରିବେଷଣ କରାଯାଇଥିଲା। ଶେଷରେ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ବିଭିନ୍ନ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ଦୁର୍ନୀତିରେ ଉବୁଟୁବୁ ମୁକ୍ତା ଯୋଜନା



- ଭଲ ରାସ୍ତା ଉପରେ ପେଭର ବ୍ଲକ ବସାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ
- ଏସ୍‌ଏଚ୍‌ଜି ନାଁରେ ଚାଲିଛି ଠିକାଦାର ପୋଷା
- ବକେୟା ପଡ଼ିଛି ୬ କୋଟି ଟଙ୍କା

**ବଲାଙ୍ଗିର,୬।୨ (ସଂଚାର ବ୍ୟୁରୋ):** ୨୧ଟି ୱାର୍ଡ ବିଶିଷ୍ଟ ବଲାଙ୍ଗିର ପୌରାଞ୍ଚଳର ବିଭିନ୍ନ ୱାର୍ଡର ରାସ୍ତା ଉପରେ ମୁକ୍ତା ଯୋଜନା ନାଁରେ ପେଭର ବ୍ଲକ କାମ କରାଯାଇଛି। ରାସ୍ତା ଭଲ ଥିଲେ ମଧ ମୁକ୍ତା ଯୋଜନାରେ କିଛି ଏସଏଚଜିଙ୍କ ନାଁରେ ନିର୍ଦ୍ଦିଷ୍ଟ କିଛି ଠିକାଦାର ପୋଷା ନୀତି ଆପଣେଇଛି ବଲାଙ୍ଗିର ପୌରପରିଷଦ। ମନଇଚ୍ଛା ଯେଉଁଠି ପାରିଲେ ସେଇଠି ପେଭର ବ୍ଲକ ବସାଯାଇଛି। ଏପରିକି ଭଲ ଥିବା ପିଚୁ ରାସ୍ତା, କଂକ୍ରିଟ ରାସ୍ତା, ଯେଉଁଠି ଘର ନଥିବ ରାସ୍ତା, ବନ୍ଧ ହିଡ ଯେଉଁଠି ପାରିଲେ ସେଇଠି ମୁକ୍ତା ଯୋଜନାରେ ଜଣେ ଏସଏଚଜିର ନାଁ ଦେଇ ଲକ୍ଷ ଲକ୍ଷ ଟଙ୍କାର କାମ କରାଯାଇଛି। ସେପ୍ଟେମ୍ବର ୨୦୨୫ରେ ତେରାପନ୍ତ ଭବନର ରାସ୍ତାରେ ପିଚୁ ଉପରେ ବାଲି ପକାଇ ପେଭର ବ୍ଲକ ବସାଇବା ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲା ଏବଂ ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ବିଭାଗୀୟ ଅଧିକାରୀ କିମ୍ବା ପୌରପରିଷଦର ଅଧକ୍ଷା ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଉକ୍ତ ରାସ୍ତା କାମ ସମ୍ପୂର୍ଣ୍ଣ ହେଲା ପରେ ଏବେ ବିଲ ପ୍ରସ୍ତୁତ କରିବାକୁ ଲାଗି ପଡ଼ିଛନ୍ତି ବିଭାଗୀୟ ଅଧିକାରୀମାନେ।

ମୁକ୍ତା ଯୋଜନା ଅନୁସାରେ, ଯେଉଁ ରାସ୍ତାରେ ପେଭର ବ୍ଲକ ବସାଯିବ ସେହି ରାସ୍ତାକୁ ୮ଇଞ୍ଚ ଖୋଳାଯାଇ ୪ଇଞ୍ଚର ପଥର ଗୁଣ୍ଡ ଓ ମେଟାଲ ମିଶାଯାଇ ଅସ୍ତରଣ ଦେବା ପରେ ୨ଇଞ୍ଚର ବାଲି ବିଛାଯିବା ପରେ ପେଭର ବ୍ଲକ ବସାଯିବା କଥା। ମାତ୍ର ବଲାଙ୍ଗିର ମୁନିସିପାଲିଟି ପକ୍ଷରୁ ସହରର ବିଭିନ୍ନ ପଡ଼ାରେ କରାଯାଇଥିବା ପେଭର ବ୍ଲକ କାମରେ ପିଚୁ ଓ କଂକ୍ରିଟ ରାସ୍ତାକୁ ଖୋଳା ନଯାଇ ତାଉପରେ ଇଂଚେ କିମ୍ବା ଅଧ ଇଞ୍ଚର ବାଲି ବିଛାଯାଇ ପେଭର ବ୍ଲକ ବସାଇ ଦିଆଯାଇଥିବା ଅଭିଯୋଗ ହେଉଛି। ସହରାଂଚଳରେ ଶହଶହ ସଂଖ୍ୟାରେ ପେଭର ବ୍ଲକ ଜରିଆରେ ସମସ୍ତ ରାସ୍ତା ଗୁଡିକ ତିଆରି କରାଯାଇଥିବା ବେଳେ ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦିଆଯାଇଥିଲା ବୋଲି ସରକାରୀସ୍ତରରେ କୁହାଗଲା। କିନ୍ତୁ ତାର ଓଲଟା କିଛି ଅଧିକାରୀ ଏବଂ ସ୍ଥାନୀୟ ରାଜନେତାଙ୍କ ସଲାସୁତୁରାରେ ଏସଏଚଜି ମାନଙ୍କୁ କିଛି ଟଙ୍କା ଦେଇ କେବଳ ଠିକାଦାର ପୋଷା ଏବଂ ପିସି କାରବାର ପାଇଁ ଯୋଜନା କରାଯାଇଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଆରମ୍ଭ ହେଲା ୪୧ତମ ଅଲ୍ ଇଣ୍ଡିଆ ମେଜର୍ ପୋର୍ଟସ୍ କବାଡ଼ି ଟୁର୍ଣ୍ଣାମେଣ୍ଟ୍



**ପାରାଦୀପ,୬।୨ (ସଂଚାର ବ୍ୟୁରୋ):** ପାରାଦୀପ ପୋର୍ଟ୍ସ କର୍ପୋର୍ଟ୍ସ କଣ୍ଟ୍ରୋଲ୍ ବୋର୍ଡ ସହିତ ମିଳିତ ଭାବରେ ପାରାଦୀପର ବିଜୁ କନଭେନସନ୍ ସେଣ୍ଟରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ୬ରୁ ୮ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ଅଲ୍ ଇଣ୍ଡିଆ ମେଜର୍ ପୋର୍ଟସ୍ କବାଡି ଟୁର୍ଣ୍ଣାମେଣ୍ଟ୍ ୨୦୨୫-୨୬ ଆୟୋଜନ କରୁଛନ୍ତି। ଏହି ଜାତୀୟ ସ୍ତରୀୟ ଟୁର୍ନାମେଣ୍ଟ ସାରା ଦେଶର ମେଜର୍ ପୋର୍ଟ୍ସ କର୍ପୋର୍ଟ୍ସରୁ ୭ଟି କବାଡି ଦଳକୁ ଏକାଠି କରିଛି, ଯାହା ପ୍ରତିଯୋଗିତାମୂଳକ କ୍ରୀଡା ଏବଂ ଆନ୍ତଃ-ବନ୍ଦର ବନ୍ଧୁତା ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ପ୍ରଦାନ କରୁଛି। ଏହି ଟୁର୍ଣ୍ଣାମେଣ୍ଟ୍ ଶ୍ରୀ ଏଚ୍. ଏସ୍. ରାଉତ୍, ସିଇ ଏବଂ ସଭାପତି, ଗୋପବନ୍ଧୁ କ୍ରୀଡା ସଂସଦ (ଜିକେଏସ୍) ଏବଂ ବରିଷ୍ଠ ଉପ-ମୁଖ୍ୟମନ୍ତ୍ରୀ ଏବଂ କାର୍ଯ୍ୟକାରୀ ସଭାପତି, ଜିକେଏସ୍, ଡକ୍ଟର ଡି. ପି. ସେଠିଙ୍କ ନେତୃତ୍ୱରେ ଜିକେଏସ୍, ସଚିବ ଶ୍ରୀ ଧୁନା ଚନ୍ଦ୍ର ତରାଇଙ୍କ ସମର୍ଥନରେ ଆୟୋଜିତ ହେଉଛି।

ଆଜି ଅପରାହ୍ନରେ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧକ୍ଷ ଶ୍ରୀ ପି. ଏଲ୍. ହରଣାଧ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଉପାଧକ୍ଷ ଶ୍ରୀ ଟି. ଭେଣୁ ଗୋପାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ଆହୁରି ଗୁରୁତ୍ୱ ପ୍ରଦାନ କରିଥିଲା। ଉଦଘାଟନୀ ଉତ୍ସବ ପରେ, ସମ୍ମାନିତ ଅତିଥିମାନେ ଖେଳାଳି ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ଶୁଭକାମନା ଜଣାଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କ୍ରୀଡା, କର୍ମଚାରୀ କଲ୍ୟାଣ ଏବଂ ଏକ ସୁସ୍ଥ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଉଛନ୍ତି। ଟୁର୍ଣ୍ଣାମେଣ୍ଟଟି ୮ ଫେବୃଆରୀ ୨୦୨୬ ରବିବାର ସନ୍ଧ୍ୟା ୫.୦୦ ଟାରେ ପାରାଦୀପର ବିଜୁ କନଭେନସନ ସେଣ୍ଟରରେ ଫାଇନାଲ ମ୍ୟାଚ୍ ଏବଂ ଶେଷ ଉତ୍ସବ ସହିତ ଶେଷ ହେବ।

## ହୋଲି ସମୟରେ ଯାତ୍ରୀଭିଡ଼ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ଚଲାଇବ ସ୍ୱତନ୍ତ୍ର ଟ୍ରେନ୍




**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ଆସନ୍ତା ହୋଲି ଉତ୍ସବ ସମୟରେ ଯାତ୍ରୀମାନଙ୍କ ପାଇଁ ସୁଗମ, ନିରାପଦ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରୁ ୬୨ଟି ସ୍ୱତନ୍ତ୍ର ଟ୍ରେନ୍ ଚଲାଇବାକୁ ଯୋଜନା କରିଛି, ଯାହା ଦେଶର ପ୍ରମୁଖ ସହର ଗୁଡିକୁ ସଂଯୋଗ କରିବ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ନିୟମିତ ଟ୍ରେନରେ ଅତିରିକ୍ତ କୋଚ୍ ବୃଦ୍ଧି କରାଇବା ବ୍ୟତୀତ ଲୋକପ୍ରିୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଥିବା ବ୍ୟସ୍ତବହୁଳ ମାର୍ଗରେ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଅଛି। ଯୋଜନା କରାଯାଇଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ସମ୍ବଲପୁର-ଏରୋଡ୍, ବିଶାଖାପାଟଣା-ତିରୁପତି, ବିଶାଖାପାଟଣା-ଏସଏମଭିବି ବେଙ୍ଗାଲୁରୁ, ବିଶାଖାପାଟଣା-ଚାର୍ଲାପାଲି, ବିଶାଖାପାଟଣା-ଶାଲିମାର, ପୁରୀ-ପାଟନା, ପୁରୀ-ଉଧନା, ଭୁବନେଶ୍ୱର-ଯଶବନ୍ତପୁର ଏବଂ ଭୁବନେଶ୍ୱର-ଧାନବାଦ ସମେତ ପ୍ରମୁଖ ସ୍ଥାନଗୁଡ଼ିକୁ ସଂଯୋଗ କରିବ, ଯାହା ଯାତ୍ରୀଙ୍କ ଚାହିଦାରେ ଆଶା କରାଯାଇଥିବା ବୃଦ୍ଧିକୁ ପୂରଣ କରିବ।

ପୂର୍ବତଟ ରେଳପଥ, ସକ୍ରିୟ ଯୋଜନା ଏବଂ ସୁଦୃଢ଼ ପରିଚାଳନା ପ୍ରସ୍ତୁତି ମାଧ୍ୟମରେ, ବିଶେଷ କରି ପ୍ରମୁଖ ପର୍ବପର୍ବାଣୀ ସମୟରେ, ନିରାପଦ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। ଯାତ୍ରୀମାନେ ଆଇଆର୍‌ସିଟିସି ୱେବସାଇଟ୍ ଅନୁସରଣ କରି କିମ୍ବା ମୋବାଇଲ୍ ଆପ୍ ଯେମିତିକି ରେଲ୍ ୱାନ୍ ଆପ୍ ମାଧ୍ୟମରେ ଟିକେଟ ବୁକ୍ କରି କିମ୍ବା ପିଆର୍‌ଏସ୍ କାଉଣ୍ଟରରୁ ଟିକେଟ ବୁକ୍ କରିବା ସହ ଅନଲାଇନରେ ସେମାନଙ୍କର ଟିକେଟ ବୁକ୍ କରିପାରିବେ।

## ପ୍ରଥମ ଚଣାହାଟ ପ୍ରିମୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାଲିପାଟଣା,୬।୨ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଜନ ବିଦ୍ୟାମନ୍ଦିର ଚଣାହାଟ ହାଇସ୍କୁଲ ପଡିଆ ରେ ପ୍ରଥମ ଚଣାହାଟ ପ୍ରିମୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ବାଲିପାଟଣା ବ୍ଲକ ବିଡ଼ିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଯୋଗଦେଇଥିଲେ।

ଶିଶୁ ଅନନ୍ତ ପ୍ରେସ କ୍ଲବ ତରଫରୁ ଭାଗ ନେଇ ଥିବା ପାଞ୍ଚଟି ଦଳ ଓ ଅତିଥି ମାନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପ ବୃକ୍ଷ ଦେଇ ସମ୍ମାନିତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ୫ଟି ଦଳ ମଧ୍ୟରେ ଭୁବାସିନୀ ବ୍ଲାଷ୍ଟରସ୍, ଏସ ଏମ୍ ଜାଗୁଆରସ, ବାବା ସିଦ୍ଧେଶ୍ୱର ସ୍କାଏ ହିଟରସ୍, ନୀଳକଣ୍ଠ ବୁଲସ୍ତା, ରିଣୀ ୱାରୀୟର୍ସ। ନବକିଶୋର ବେହେରା ଏବଂ ସୌଭାଗ୍ୟ ବସ୍ତିଆ ଖେଳ ପରିଚାଳନା କରିଥିଲେ।

## ନୂତନ ବେତନଟୀ ଏନଏସିର ନିର୍ବାଚନ ପ୍ରକ୍ରିୟା ଆରମ୍ଭ

**ବୈଶିଙ୍ଗା,୬।୨ (ସଂଚାର ବ୍ୟୁରୋ):** ନବଗଠିତ ଏନଏସି ଓ ପୌରପାଳିକା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ନିକଟରେ ଏହି ନୂଆ ସ୍ଥାନୀୟ ସଂସ୍ଥାଗୁଡ଼ିକର ନିର୍ବାଚନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ନୂଆ ପୌରପାଳିକା ଓ ଏନଏସସି ଗଠନ ନେଇ ଡିସେମ୍ବର ୨୦୨୫ରେ ବିଜ୍ଞପ୍ତି ଜାରି ହୋଇଥିଲା। ସେଗୁଡିକରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସୀମା ପୁନଃନିର୍ଦ୍ଧାରଣ ଏବଂ ସଂରକ୍ଷଣ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ପ୍ରକ୍ରିୟା ମାର୍ଚ୍ଚ ୩୧ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଇନ୍ ଅନୁଯାୟୀ ବିଜ୍ଞପ୍ତି ପରେ ୬ ମାସ ଭିତରେ ନିର୍ବାଚନ ସମ୍ପନ୍ନ କରିବାକୁ ପଡ଼ିବ। ତେଣୁ ଏହି ନୂଆ ଏନଏସି ଓ ପୌରପାଳିକାରେ ନିର୍ବାଚନ ଜୁନ୍ ୨୦୨୬ ଶେଷ ସୁଦ୍ଧା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ନବଗଠିତ ଏନଏସି ମଧ୍ୟରେ ମୟୂରଭଞ୍ଜ ଜିଲାର ସର୍ବାଧିକ ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, କପ୍ତିପଦା, ଯଶିପୁର ଓ ରାସଗୋବିନ୍ଦପୁର ଆଦି ୬ ଏନଏସି ରହିଛି। ଏଗୁଡିକ ଗଠନରେ ପଞ୍ଚାୟତ, ୱାର୍ଡର ଗ୍ରାମ ସୀମା ଓ ଲୋକ ସଂଖ୍ୟା ପ୍ରସ୍ତୁତି ସରିଛି ବୋଲି ମୟୂରଭଞ୍ଜ ଜିଲା ନଗର ଉନ୍ନୟନ ଏଜେନ୍ସି (ଡୁଡା) ର ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି । ନୂତନ ଏନଏସି ର ଜନସଂଖ୍ୟା ଓ ଭୌଗୋଳିକ ସୀମାକୁ ଦୃଷ୍ଟିରେ ରଖି ସମାନ ଅନୁପାତରେ ୱାର୍ଡ ଗଠନ ହେବ । ନିୟମ ଅନୁସାରେ ସର୍ବନିମ୍ନ ୧୧ ରୁ ସର୍ବୋଚ୍ଚ ୧୪ ଟି ୱାର୍ଡ ଗୋଟିଏ ଏନଏସି ରେ ରହିବ ବୋଲି ସେ କହିଛନ୍ତି। ତଦନୁସାରେ ଜିଲ୍ଲାର ନବଗଠିତ ଏନଏସି, ବେତନଟୀ ଜନସଂଖ୍ୟା ୨୦ ହଜାର ୭୧ ଥିବାରୁ ସର୍ବୋଚ୍ଚ ୧୪ ଟି ଲେଖାଏ ୱାର୍ଡ ଭାଗରେ ପଡିବ । ୱାର୍ଡ ଗଠନ ପରେ ସଂରକ୍ଷଣ ବ୍ୟବସ୍ଥା ସମ୍ପନ୍ନ ନିୟମାନୁସାରେ କରାଯିବ ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ସୁବର୍ଣ୍ଣପୁର,୬।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଭିନ୍ନକ୍ଷମ ବିଦ୍ୟାଳୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲକ୍ ସ୍ତରୀୟ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ବିଦ୍ୟାଳୟ ସମେତ ପି ଏମ ଶ୍ରୀ କୋଶୋଳେଶ୍ୱର ହାଇସ୍କୁଲ ଓ ରେଆରର ୧୨୦ଜଣ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ । ସୋନପୁର ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ, ସିଡିଓ ଅଶ୍ୱିନୀ କୁମାର ମେହେର, ସ୍କୁଲ ପ୍ରଧାନ ଶିକ୍ଷକ ଉତ୍ତମ ଚରଣ ଦେହୁରୀ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶରୀର ମନ ଓ ଆତ୍ମାର ବିକାଶ ହୁଏ। କେବଳ ଶିକ୍ଷା ନୁହେଁ କ୍ରୀଡ଼ା ଦ୍ୱାରା ମଧ ଛାତ୍ରଛାତ୍ରୀ ଭଲ କ୍ୟାରିୟର ଗଢ଼ି ପାରିବେ ବୋଲି କହିଥିଲେ ।

ଏହି ସ୍କୁଲର ଛାତ୍ରୀ ଓଡ଼ିଶା ରାଜସ୍ୱ ସେବା ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ସ୍ମୃତି ଶିଖା ଭୋଇଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଧିତ କରାଯାଇଥିଲ। ପିଇଓ ସୁଶିଲ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ଶେଷରେ ବିଡିଓ ପ୍ରତୀକ କର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ୧୯୯୩ରୁ ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ



**ଆନନ୍ଦପୁର,୬।୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ୧୯୯୩ରୁ ୧୯୯୮ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ହଦଗଡ଼ ଡ୍ୟାମ ପରିସରରେ ଉତ୍ସାହ ଓ ଆନନ୍ଦମୟରେ ଦ୍ୱିପ ପ୍ରକାଶ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶୁଶାନ୍ତ ମହାପାତ୍ର, ରଞ୍ଜିତ ପାଢ଼ୀ, ସରୋଜ ଦାସ, ସୁପ୍ରଭା ସ୍ୱାଇଁ, ରଶ୍ମୀତା ପଣ୍ଡା, ପ୍ରୀତିନନ୍ଦା ଭୁଇଆଁ, ମଧୁସ୍ମିତା ଲେଙ୍କା ପରିଚାଳନା କରିଥିବା ବେଳେ ଦୀର୍ଘ ବର୍ଷ ପରେ ସମସ୍ତ ବନ୍ଧୁମାନେ ଏକାଠି ହେବାର ଅବସର ପାଇ ଭାବୁକ ହୋଇପଡ଼ିଥିଲେ।

ପାଠପଢ଼ା ସମୟର ସ୍ମୃତି, କଲେଜ ଜୀବନର ମଜା ଓ ସ୍ମୃତିଚାରଣ ମଧ୍ୟରେ ପରିବେଶ ହସ-ଖୁସିରେ ଭରିଯାଇଥିଲା। ଅନେକେ ଦୂରଦୂରାନ୍ତରୁ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରୁଣା ସମ୍ପର୍କକୁ ପୁନଃ ଜୀବନ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମୁହିକ ଆଲୋଚନା, ସ୍ମୃତିଚାରଣ, ଖେଳକୁଦ, ସଂସ୍କୃତିକ ଅନୁଷ୍ଠାନ ଓ ସମୂହ ଭୋଜନର ବ୍ୟବସ୍ଥା ହୋଇଥିଲା। ସମସ୍ତେ ଏହି ଅବସରକୁ ସ୍ମରଣୀୟ କରିବାକୁ ଗ୍ରୁପ ଫଟୋ ମଧ ଉଠାଇଥିଲେ। ଏତେ ବର୍ଷ ପରେ ସମସ୍ତ ବନ୍ଧୁମାନଙ୍କ ସହିତ ମିଳିବା ଆମ ପାଇଁ ଅତ୍ୟନ୍ତ ଖୁସିର ମୁହୂର୍ତ୍ତ। ଆଜି ପୁଣି ସେହି କଲେଜ ଦିନକୁ ମନେ ପକାଇଦେଲା ବୋଲି ପୂରାତନ ଛାତ୍ରଛାତ୍ରୀମାନେ ପ୍ରକାଶ କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପୁରୁଣା ସମ୍ପର୍କକୁ ଆଉ ମଜବୁତ କରିବା ସହ ଆଗାମୀ ଦିନରେ ମଧ ଏପରି ଆୟୋଜନ କରିବାକୁ ସମସ୍ତଙ୍କୁ ପ୍ରେରଣା ଦେଇଛି।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ

**ନାଉଗାଁ,୬।୨ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ମେଡିକାଲ ପଡ଼ିଆରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜୟନ୍ତୀ ମହୋତ୍ସବ ତଥା ୩୩ ତମ ଡେରିକି ଆଞ୍ଚଳିକ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି



ଅବସରରେ ପ୍ରାତଃ ସମୟରେ ବେଦ ମାଙ୍ଗଳିକ କାର୍ଯ୍ୟ, ଉଷା କିର୍ତନ, ଉଷା ବିନତୀ ପ୍ରାର୍ଥନା ଓ ସତ୍‌ଗ୍ରନ୍ଥ ପାଠ, ସୁସଜ୍ଜିତ ରଥରେ ଶ୍ରୀ ବିଗ୍ରହଙ୍କର ନଗର ପରିକ୍ରମା ସହ ସଦାଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡେରିକି ଗ୍ରାମବାସୀ ଓ ଅଞ୍ଚଳର ସମସ୍ତ ଗୁରୁ ଭାଇ ଓ ମା ମାନେ ପରିଚାଳନା କରିଥିଲେ।

## କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ନୂଆ ସମ୍ଭାବନା

# ସ୍ୱତନ୍ତ୍ର ପଦକ୍ଷେପ 'କଇଁଛ ପର୍ଯ୍ୟଟନ'

**କାକଟପୁର/ଅସ୍ତରଙ୍ଗ,୬।୨ (ସଂଚାର ବ୍ୟୁରୋ):** ପର୍ଯ୍ୟଟନ କ୍ଷେତ୍ରକୁ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗର ପ୍ରମୁଖ ମାଧ୍ୟମ ଭାବେ ୨୦୨୬ବଜେଟରେ ଗ୍ରହଣ କରାଯାଇଛି। ଏହି ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳାସୀତାରମଣ ପର୍ଯ୍ୟଟନ ଶିଳ୍ପ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ଓଡିଶା ପାଇଁ ମଧ ସ୍ୱତନ୍ତ୍ର ଭାବେ "କଇଁଛ" ପର୍ଯ୍ୟଟନ ଭଳି ନିଆରା ପଦକ୍ଷେପ ନିଆଯାଇଛି।

ସମୁଦ୍ର କୂଳରେ କଇଁଛଙ୍କ ବଂଶବୃଦ୍ଧି ଓ ସେମାନଙ୍କ ସଂରକ୍ଷଣକୁ ଦେଖିବା ପାଇଁ "କଇଁଛ ପଥ "ବିକଶିତ କରାଯିବ। ଏହାଦ୍ୱାରା ଓଡିଶାରେ ଇକୋ -ଟୁରିଜିମ ବୃଦ୍ଧି ପାଇବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଓଡିଶା ଉପକୂଳ ବିଶେଷ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ



ନିକଟବର୍ତ୍ତୀ ଦେବୀ ନଦୀ ମୁହାଁଣ ଅଂଚଳରେ ବିରଳ ଅଲିଭ ରିଡଲେ କଇଁଛ ମାନଙ୍କର ପ୍ରଜନନ ପାଇଁ ପ୍ରସିଦ୍ଧ। ସରକାର ଏହି ପ୍ରାକୃତିକସ୍ଥଳୀର ବିକାଶ ପାଇଁ ପ୍ରଥମ ଥର ପାଇଁ କେନ୍ଦ୍ର ବଜେଟରେ ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି। ସାରା ବିଶ୍ୱରେ ଉପଲବ୍ଧ ସଂଖ୍ୟାରୁ ପ୍ରାୟ ୩୦ପ୍ରତିଶତରୁ ଉର୍ଦ୍ଧ୍ୱ ଓଡିଶା ଉପକୂଳ ବିଶେଷକରି ଦେବୀ ନଦୀ ଅଂଚଳରେ ସମାଗମ ହୋଇଥାନ୍ତି। ବିରଳ ଅଲିଭ ରିଡଲେ କଇଁଛଙ୍କ ଜୀବନ ଶୈଳୀ ଆଜି ବି ରହସ୍ୟ ଘେରରେ ରହିଛି। ଏହି ବିରଳ କଇଁଛ ହଜାର ହଜାର ମାଇଲି ଅତିକ୍ରମ କରି ଶ୍ରୀଲଙ୍କା ଜାପାନ ଉପକୂଳରୁ ଓଡିଶା କୁ ଅଣ୍ଡା ଦେବାକୁ ଆସିଥାନ୍ତି। ଅବଶ୍ୟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉପକୂଳକୁ ସମୁଦ୍ର ମାଡି ଆସିବାରୁ କିଛି ବର୍ଷ ହେଲା ଗଣ ଅଣ୍ଡାଦାନରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରକାର ଏହି ବିରଳ କଇଁଛଙ୍କ ପାଇଁ ଅର୍ଥ ବ୍ୟୟ ବରାଦ କରିବା ନେଇ ପରିବେଶବିତିମାନେ ଆନନ୍ଦ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ଅଲିଭରିଡଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଦେବୀ ନଦୀ ମୁହାଁଣ ଉପକୂଳ ଦୀର୍ଘ କିଲୋମିଟର ବାଲୁକା ଶଯ୍ୟାରେ ଦୀର୍ଘ ବର୍ଷ ହେବ ଏହି ବିରଳ ବିଦେଶୀ କଇଁଛ ଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଦେଖିବାକୁ ମିଳିଥିଲା। ସେବେ ଠାରୁ ଅଲିଭ ରିଡଲେ ଙ୍କ ଆଗମନ, ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ବନ୍ୟପ୍ରାଣୀ ବିଶେଷଜ୍ଞ ଙ୍କ ପାଇଁ କୌତୁହଳ ବିଷୟ ହୋଇ ରହିଛି। ବର୍ଷକୁ ପ୍ରାୟ ୬ମାସ ରୁ ଉର୍ଦ୍ଧ ଦେବୀ ନଦୀ ଅଂଚଳରେ ୨୦କିଲୋମିଟର ଯାଏ ଟ୍ରଲର ରେ ମାଛଧରା ନିଷେଧ କରାଯାଏ। ପ୍ରତିବର୍ଷ ନଭେମ୍ବର ୧ତାରିଖ ରୁ ମେ ମାସ ୩୧ ତାରିଖ ଯାଏ ଦେବୀ ମୁହାଁଣ ଅଂଚଳ ମାଛଧରା କଟକଣା ଉପରେ ବନବିଭାଗ କଟକଣା ଜାରିକରିଥାଏ। ଏବେ କେନ୍ଦ୍ର ସରକାର ଓଡିଶାରେ କଇଁଛ କରିଡର ପାଇଁ ବ୍ୟୟବରାଦ କରିବା ପରେ କଇଁଛ ପର୍ଯ୍ୟଟନକୁ ନେଇ ଆଶା ସଂଚାର ହୋଇଛି।

## ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରାକ ପ୍ରସ୍ତୁତି ବୈଠକ




**ବାଲିଆପାଳ,୬।୨ (ସଂଚାର ବ୍ୟୁରୋ):** ବାସୁଦେବପୁର ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ବନ୍ଧୀୟ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୈରବ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ସମ୍ପାଦକ ଶୁଭେନ୍ଦୁ ଦାସ, ଉପ ସଭାପତି ଲିଟୁନ ପାତ୍ର, ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଅଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ନେଇ ଗୁରୁତ୍ୱାରୋପ କରିବା ସହ ସୁଚିନ୍ତିତ ମତାମତ ପୋଷଣ କରିଥିଲେ।ଏହି ବୈଠକରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳ କୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ସହଯୋଗ ନେଇ ଘୋଷଣା କରିଥିଲେ।

SANCHAR
ସଂଚାର
ଶନିବାର ୭ ଫେବ୍ରୁଆରୀ ୨୦୨୬
ସ୍ୱାସ୍ଥ୍ୟ





# ସୁନ୍ଦର କେଶ ଏବଂ ତ୍ୱଚା ଚାହୁଁଛନ୍ତି କି ?

ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ନିଜ ଚେହେରା ଓ କେଶକୁ ନେଇ ଅଧିକ ସଚେତନ ରହିଥାନ୍ତି। ବିଶେଷ କରି ଝିଅମାନେ ତାଙ୍କ ସୁନ୍ଦରତା ପ୍ରତି ବେଶୀ ଧ୍ୟାନ ଦେଇଥାନ୍ତି। କମ୍ ସମୟରେ ସୁନ୍ଦର ଦିଶିବାକୁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରଥାନ୍ତି। ଏବେ ଅଧିକାଂଶ ଲୋକେ ଟ୍ୟାନ ଭଳି ସମସ୍ୟା ପାଇଁ ଚିନ୍ତାରେ ପଡିଛନ୍ତି। ସେଥିପାଇଁ ମହିଳାମାନେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଅନେକ ଫେସ୍ ପ୍ୟାକ୍ ବ୍ୟବହାର କରନ୍ତି। କିନ୍ତୁ ଆପଣଙ୍କୁ ଜଣାଇବୁ ଯେ ଆପଣ ଘରୋଇ ଉପଚାରରେ ମଧ୍ୟ ସୁନ୍ଦର ଦିଶିବାକୁ ଲାଗିବେ। ତେବେ ଆସନ୍ତୁ ଜାଣିବା ଘରୋଇ ଉପଚାରଟି କ'ଣ ?

## ତ୍ୱଚା ଏବଂ କେଶରେ ଚମକ ଆଣିବା ପାଇଁ ଆପଣାନ୍ତୁ ଏହି ଉପାୟ

- ତ୍ୱଚାକୁ ନିୟମିତ ଭଲଭାବେ ସଫାକରିବା ଦ୍ୱାରା ପିଗମିଟେସନ୍ ବାହାରିବାରେ ସାହାଯ୍ୟ କରିଥାଏ।
- ଠିକ୍ ସାମ୍ପୁ ଏବଂ କଣ୍ଡିସନର୍ ବ୍ୟବହାର କରିବା ଦ୍ୱାରା କେଶକୁ ଠିକ୍ ଭାବେ ପୋଷଣ ମିଳିଥାଏ ଏହା ସହିତ କେଶ ଘନ ହୋଇ ଏଥିରେ ଚମକ ଆସିଥାଏ।
- ଦାଗ ଏବଂ ବ୍ରଣ ସମସ୍ୟାରୁ ରକ୍ଷା ପାଇବା ପାଇଁ ଚିକିତ୍ସକଙ୍କ ପରାର୍ମଶ ନେବା ଉଚିତ୍। ପତଳା କେଶ ଏବଂ ସମୟ ପୂର୍ବରୁ ଧଳା ପଡୁଥିବା କେଶର ସମସ୍ୟାରୁ ରକ୍ଷା ପାଇବା ପାଇଁ ମଧ୍ୟ ଡରମାଟୋଲୋଜିଷ୍ଟି ଠାରୁ ପରାର୍ମଶ ନେଇପାରିବେ।
- ସ୍ପା ନେବା କେଶ ଏବଂ ତ୍ୱଚା ଉଭୟଙ୍କ ପାଇଁ ଲାଭଦାୟକ ଅଟେ। ଏହା କେବଳ ଆପଣଙ୍କୁ ଆରାମ ଏବଂ ଶାନ୍ତି ଦେଇ ନଥାଏ ଏହା ସହିତ ଆପଣଙ୍କ କେଶ ଏବଂ ତ୍ୱଚାରେ ତୁରନ୍ତ ଚମକ ଅଣିଥାଏ।
- ଅଧିକମାତ୍ରାରେ ବାହାରର ପ୍ରଦୂଷଣ ପାଇଁ କେଶ ଏବଂ ତ୍ୱଚାର କ୍ଷତି ହୋଇଥାଏ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ହେୟାର୍ ମାସ୍କ୍ କୁ ବ୍ୟବହାର କରିପାରିବେ। ଏହା ତ୍ୱଚାରେ ହଜିଯାଇଥିବା ପୋଷଣକୁ ପୁଣି ଫେରେଇ ଆଣିଥାଏ। ବଜାରରେ ଏହିପରି ସାମ୍ପୁ ଏବଂ କଣ୍ଡିସନର ଉପଲବ୍ଧ ଅଛି ଯାହା ସୂର୍ଯ୍ୟଙ୍କର ହାନିକାରକ କିରଣରୁ ଆମ ତ୍ୱଚା ଏବଂ କେଶକୁ ରକ୍ଷା କରିବାରେ ସହାୟତା କରିବ।
- ତ୍ୱଚା ଏବଂ ହେୟାର ସିରମ୍ ବ୍ୟବହାର କରିବା ଆରମ୍ଭ କରିଦିଅନ୍ତୁ। ଯାହା ଦ୍ୱାରା ଆପଣଙ୍କ ତ୍ୱଚା ଏବଂ କେଶକୁ ପୋଷଣ ମିଳିବା ସହିତ ସେଥିରେ ଅଧିକମାତ୍ରାରେ ଚମକ ଆସିବ।
- ଆଲୋବେରା ଜେଲ୍ ତ୍ୱଚା ଏବଂ କେଶ ଉଭୟଙ୍କ ପାଇଁ ଖୁବ୍ ଲାଭଦାୟକ ବୋଲି ପ୍ରମାଣିତ। ଏହା ପୋଷଣ ଦେଇଥାଏ ଏବଂ କେଶକୁ ଜଲଦି ଧଳା ପକାଇବାରୁ ରକ୍ଷା କରିଥାଏ।



# ଦୂର କରିପାରିବେ ଅଫିସ୍ ଷ୍ଟ୍ରେସ୍

ଅଫିସ୍‌ରେ ଷ୍ଟ୍ରେସ୍ ଅନୁଭବ କରୁଛନ୍ତି କି? ତେବେ ବ୍ୟସ୍ତ ହୁଅନ୍ତୁନି। କିଛି ସହଜ ଉପାୟ ଆପଣାଇବା ସହ ଏହାକୁ ଦୂର କରିପାରିବେ। ମାଇକ୍ରୋ ଷ୍ଟ୍ରେଚ୍ ବ୍ରେକ୍: ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍‌ରେ ପ୍ରକାଶିତ ଜାପାନର ଏକ ମେଡିକାଲ ଗବେଷଣା ଅନୁସାରେ ପ୍ରତି ଘଣ୍ଟାରେ ଥରେ ଷ୍ଟ୍ରେଚ୍ ବ୍ରେକ୍ ନେବା ଜରୁରି। ବେକ ଓ କାନ୍ଧକୁ ହାଲ୍‌କା ଷ୍ଟ୍ରେଚ୍ କରନ୍ତୁ। ଫଳରେ ଷ୍ଟ୍ରେସ୍ କମ୍ ରହିବ। ଶରୀରରେ ରକ୍ତ ପ୍ରବାହ ବଢ଼ିବା ସହ ମାଂସପେଶୀ ମଧ୍ୟ ଫ୍ରି ରହିପାରିବେ।

**ସକାରାତ୍ମକ ଦୃଷ୍ଟିକୋଣ:** ଅଫିସ୍‌ରେ ଷ୍ଟ୍ରେସ୍ ଅନୁଭବ କଲେ,୨ ମିନିଟ୍ ପାଇଁ ଆଖି ବନ୍ଦ କରି କୌଣସି ଶାନ୍ତ ଜାଗାର ପରିକଳ୍ପନା କରନ୍ତୁ। ଏପରି କରିବା ଦ୍ୱାରା ମନ ଶାନ୍ତ ହେବାସହ ଚିନ୍ତା ଆପେ ଆପେ ଦୂର ହୋଇଥାଏ।

**ଅରୋମା ଷ୍ଟିକ୍ ବ୍ୟବହାର କରନ୍ତୁ:** ଲାଭେଣ୍ଡର୍ ବା ପିମ୍ପର୍‌ମେଣ୍ଟ ପରି ହାଲ୍‌କା ବାସ୍ନାକୁ ଶୁଙ୍ଘିବା ଦ୍ୱାରା ମଧ୍ୟଷ୍ଟ୍ରେସ୍‌କୁ କମ୍ କରିପାରିବେ। ଏଥିପାଇଁ ଅଫିସ୍ ଡେସ୍କରେ ଲାଭେଣ୍ଡର୍ ବାପିମ୍ପରମେଣ୍ଟ ଷ୍ଟିକ୍ ରଖିବାକୁ ପଡିଥାଏ। ବାୟୋମେଡ୍ ସେଣ୍ଟ୍ରାଲ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଏସବୁ ଷ୍ଟିକ୍‌ର ବାସ୍ନା ଚିନ୍ତା, ଅବସାଦ ଓନିଦର ଗୁଣବତ୍ତାରେ ସୁଧାର ଆଣିଥାଏ।

**ଆଇ ପାମିଙ୍ଗ୍ ଟେକ୍ନୋଲୋଜି:** ଅଫିସରେ ଲଗାତାର ସ୍କ୍ରିନ୍‌କୁ ଦେଖି କାମ କରିବା ଦ୍ୱାରା ଆଖି ଓ ମସ୍ତିଷ୍କ ଥକିପଡିଥାଏ। କେବେ କେବେ ଭ୍ରମ ମଧ୍ୟ ସୃଷ୍ଟି ହୋଇଥାଏ। ସେଥିପାଇଁ ୩୦ ସେକେଣ୍ଡ ପାଇଁ ପାପୁଲିକୁ ଆଖି ଉପରେ ରଖିବା ଦ୍ୱାରା ଷ୍ଟ୍ରେସ୍ ହର୍‌ମୋନ୍ କମିବା ସହ ମସ୍ତିଷ୍କ ସତେଜ ହୋଇଥାଏ। ତେଣୁ ଅଫିସ୍‌ରେ ଆଇ ପାମିଙ୍ଗ୍‌ଟେକ୍ନୋଲୋଜି ମଧ୍ୟ ଆପଣାଇପାରିବେ।

# କର୍କଟ ବଢ଼ିବାର ମୁଖ୍ୟ କାରଣ



କର୍କଟ ଭାରତରେ ମୃତ୍ୟୁର ପ୍ରମୁଖ କାରଣ ସାଜିଛି। ୨୦୨୨ରେ ୧୪.୧ ଲକ୍ଷ ନୂଆ ମାମଲା ଓ ୯.୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା ରେର୍କଡ ରହିଛି। ଏହାର ମୁଖ୍ୟ କାରଣ ରୋଗ ବିଳମ୍ବରେ ଜଣାପଡିବା। ଚାଲନ୍ତୁ ଜାଣିବା କର୍କଟ ଆଡଭାନ୍ସ ଷ୍ଟେଜ୍‌ରେ ଜଣାପଡିବାର କାରଣ କ'ଣ? କର୍କଟ ରୋଗ ଗମ୍ଭୀର ସମସ୍ୟା, ଯାହାର ନାଁ ଶୁଣିଲେ ଲେକାଙ୍କ ଭିତରେ ଭୟ ସୃଷ୍ଟି ହୋଇଥାଏ। ସାରା ବିଶ୍ୱରେ ମୃତ୍ୟୁର ସବୁଠାରୁ ବଡ଼ କାରଣ ମଧ୍ୟରେ କର୍କଟ ସାମିଲ୍ ରହିଛି। ରେକର୍ଡ ଅନୁସାରେ ଭାରତରେ ୧୪.୧ ଲକ୍ଷ ନୂଆ କର୍କଟ ମାମଲା ସାମ୍ନାକୁ ଆସିବା ସହ ୯.୨ ଲକ୍ଷଙ୍କର ମୃତ୍ୟୁ ହୋଇଥିବା ରେକର୍ଡ ରହିଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ରୋଗର ଚିହ୍ନଟରେ ବିଳମ୍ବ ହେବା। ବିଜ୍ଞାନ ଖୁବ୍ ପ୍ରଗତି କରିଥିଲେ ମଧ୍ୟ କର୍କଟ ରୋଗର ଚିହ୍ନଟ ପ୍ରାୟତଃ ସବୁବେଳେ ଆଡଭାନ୍ସ ଷ୍ଟେଜ୍‌ରେ ହେଉଛି। ଫଳରେ ରୋଗର ଚିହ୍ନଟ ଓ ଚିକିତ୍ସା ପ୍ରାୟତଃ ଅସମ୍ଭବ ହୋଇପଡୁଛି। କାହିଁକି ପ୍ରାରମ୍ଭିକ ପର୍ଯ୍ୟାୟରେ ଜଣାପଡୁନାହିଁ ଚାଲନ୍ତୁ ଜାଣିବା ଫରିଦାବାଦର ମେଡିକାଲ୍ ଅଙ୍କୋଲୋଜିଷ୍ଟ ପ୍ରଶାନ୍ତ ମେହେତାଙ୍କଠାରୁ।

**ରେକର୍ଡ ଉପରେ ନଜର ପକାନ୍ତୁ:** ଆଇସିଏମ୍‌ଆର୍ର ନ୍ୟାସନାଲ କ୍ୟାନସର ରେଜେଷ୍ଟ୍ରି ପ୍ରୋଗ୍ରାମ ଅନୁସାରେ ୬୦ ପ୍ରତିଶତ ସର୍ଭାଇକାଲ୍ କର୍କଟ ଓ ୫୭ ପ୍ରତିଶତ ବ୍ରେଷ୍ଟ କର୍କଟର ଚିହ୍ନଟ ଖୁବ୍ ଡେରିରେ ହୋଇଥାଏ। ହେଡ୍ ଆଣ୍ଡ୍ ନେକ୍ କର୍କଟର ଚିହ୍ନଟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ଜଣାପଡିଥାଏ। ଫୁସ୍ଫୁସ୍ କର୍କଟରେ ୪୫ରୁ ୪୮ ପ୍ରତିଶତ ମାମଲା ଚିକିତ୍ସା ଆରମ୍ଭ ହେବା ବେଳକୁ ଏହା ଶରୀରର ଅନ୍ୟ ଅଙ୍ଗକୁ ମାଡି ସାରିଥାଏ।

**ସଚେତନତା ଓ ସ୍କ୍ରିନିଂର ଅଭାବ:** ଲୋକମାନେ କର୍କଟର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବାକୁ ନେଇ ସେତେଟା ସଚେତନ ନୁହନ୍ତି। ଭାରତରେ ରୁଟିନ୍ ଚେକଅପ୍ ଓ ସ୍କ୍ରିନିଂ କରିବା ସେତେଟା ବିକଶିତ ହୋଇପାରିନାହିଁ। ସ୍କ୍ରିନିଂରେ ଲକ୍ଷଣ ଦେଖାଯିବା ପୂର୍ବରୁ ରୋଗ ଚିହ୍ନଟ ହୋଇଥାଏ, ଯାହା ଏବେ ଖୁବ୍ କମ୍ ଲୋକ କରିଥାନ୍ତି।

**ସାମାଜିକ ଡର ଓ ସଙ୍କୋଚ:** ଆଜି ବି ସମାଜରେ କର୍କଟ କହିଲେ ମୃତ୍ୟୁ ନିଶ୍ଚିତ ବୋଲି ଧରି ନିଆଯାଏ। ତେଣୁ ଲୋକମାନେ ଡରରେ କୌଣସି ଅସାମାନ୍ୟ ପରିବର୍ତ୍ତନକୁ ନେଇ ଡାକ୍ତରଙ୍କ ପରାମର୍ଶ କରି ନଥାନ୍ତି। ବିଶେଷକରି ମହିଳାମାନେ ସ୍ତନ କର୍କଟ ଓ ସର୍ଭାଇକାଲ କର୍କଟକୁ ନେଇ ଡାକ୍ତର ପରାମର୍ଶ ପ୍ରାୟତଃ କରି ନଥାନ୍ତି। ସଙ୍କୋଚ ସବୁଠାରୁ ବଡ଼ ପ୍ରତିବନ୍ଧକ।

**ଲକ୍ଷଣ ସାମାନ୍ୟ ଲାଗିଥାଏ:** କର୍କଟର ପ୍ରାରମ୍ଭିକ ଲକ୍ଷଣ ହାଲ୍କା ଯନ୍ତ୍ରଣା, କାଶ, ଓଜନ କମିବା, ବଦ୍ହଜମୀ ଖୁବ୍ ସାଧାରଣ ହୋଇଥାଏ। ଲୋକମାନେ ଏହାକୁ ସାମାନ୍ୟ ଅସ୍ୱାଭାବିକ ଭାବି ସାଧାରଣ ଔଷଧ ଖାଇଥାନ୍ତି। ଫଳରେ ସମୟ ଗଡ଼ିଚାଲେ। ରୋଗ ବଢିଚାଲେ।ମେଡିକାଲ୍ ବ୍ୟବସ୍ଥା ଓ ଆର୍ଥିକ ଚ୍ୟାଲେଞ୍ଜ: ଯାଞ୍ଚ ପ୍ରକ୍ରିୟା କଷ୍ଟକର ହେବା ସହ ରେଫରାଲ୍ ବ୍ୟବସ୍ଥାରେ ମଧ୍ୟ ଡେରି ହୋଇଥାଏ। ଅନେକ ସମୟରେ ପ୍ରାଥମିକ ପର୍ଯ୍ୟାୟରେ ମଧ୍ୟ ଠିକ୍ ଭାବେ ଯାଞ୍ଚ ହୋଇପାରି ନଥାଏ। ଏହାବ୍ୟତୀତ ଯାଞ୍ଚ ପାଇଁ ଅଧିକ ଖର୍ଚ୍ଚ ହେଉଥିବା ଯୋଗୁ ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନଥାଏ।

**ଭୁଲ୍ ତଥ୍ୟ:** କିଛି ଲୋକ ଇଣ୍ଟନେଟ୍ ସହାୟତା ନେଇ ତ ଆଉ କିଛି ଘରୋଇ ଉପାୟରେ ଔଷଧ ନେବା ସହ ସମୟ ନଷ୍ଟ କରିଥାନ୍ତି। ଫଳରେ ଡାକ୍ତରୀ ଚିକିତ୍ସା କରିବା ବେଳକୁ ସମୟ ପ୍ରାୟତଃ ଶେଷ ଅବସ୍ଥାରେ ପହଞ୍ଚିଥାଏ।

# ମନଇଚ୍ଛା ନିଅନ୍ତୁନି ଆଣ୍ଟିବାୟୋଟିକ୍

ଥରେ ଭାବନ୍ତୁ ତ ଆପଣଙ୍କୁ ରୋଗ ହୋଇଛି, ଔଷଧ ଖାଇବା ପରେ ମଧ୍ୟ ରୋଗ ଉପରେ ଏହାର ପ୍ରଭାବ ପଡୁନାହିଁ। ଆଜିର ଦୁନିଆରେ ଏହା ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହେବାରେ ଲାଗିଛି। ଏବେକାର ବ୍ୟସ୍ତ ବହୁଳ ଜୀବନରେ ବହୁ ସ୍ୱାସ୍ଥ୍ୟଜନିତ ସମସ୍ୟା ତୀବ୍ର ଭାବେ ବଢ଼ିବାରେ ଲାଗିଛି, ଯାହାକୁ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ କୁହାଯାଉଛି। ସହଜରେ କହିବାକୁ ଗଲେ ଆଣ୍ଟିବାୟୋଟିକ୍ ରେଜିଷ୍ଟାନ୍ସ ହେଉଛି ଯେତେବେଳେ ବ୍ୟାକ୍ଟେରିଆ ଉପରେ ଆଣ୍ଟିବାୟୋଟିକ୍ ଔଷଧର ପ୍ରଭାବ କମ୍ ହୋଇଥାଏ କିମ୍ବା ପ୍ରଭାବହୀନ ହେଉଥାଏ। ଏହି ସ୍ଥିତି ଖୁବ୍ କ୍ଷତିକାରକ। କାରଣ ଏହି ସମୟରେ ସାମାନ୍ୟ ରୋଗର ମଧ୍ୟ ଚିକିତ୍ସା କରିବା କଷ୍ଟକର ହୋଇପଡେ। ଅବଶ୍ୟ ଚିନ୍ତା କରନ୍ତୁନି। ଇଣ୍ଟନାଲ୍ ମେଡିସିନ୍‌ର ସିନିୟର୍ ଡାକ୍ତର ଶ୍ରେୟା ଶ୍ରୀବାସ୍ତବଙ୍କ ମତରେ ନିୟମିତ ଜୀବନରେ କେତେକ ଅଭ୍ୟାସରେ ପରିବର୍ତ୍ତନ କରିବା ଦ୍ୱାରା ଏହି ସମସ୍ୟାକୁ କମ୍ କରାଯାଇପାରିବ। ଏମିତି କେତୋଟି ଅଭ୍ୟାସ ରହିଛି, ଯାହାକୁ ବିଶେଷ ଧ୍ୟାନ ଦେବା ଜରୁରି।

**ଡାକ୍ତର ପରାମର୍ଶ ବିନା ଔଷଧ ନିଅନ୍ତୁନି:** ପ୍ରଥମତଃ କୌଣସି ରୋଗ ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ନେବା ଉଚିତ୍। ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଆଦୌ ନିଅନ୍ତୁନି। ଏହା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଡାକ୍ତର ରୋଗ ବିଷୟରେ ଜାଣିବା ପରେ ହିଁ ଔଷଧ ଦେଇଥାନ୍ତି। ଭାଇରାଲ ହୋଇଥିବା ବେଳେ ଆଣ୍ଟିବାୟୋଟିକ୍ ନିଅନ୍ତୁନି: ପ୍ରାୟ ଲୋକ ଥଣ୍ଡା-କାଶ ବା ଫ୍ଲୁ ହେଲେ ଆଣ୍ଟିବାୟୋଟିକ୍ ନେଇଥାନ୍ତି। ଏହା ଭୁଲ୍। ଡାକ୍ତରଙ୍କ ମତରେ ଏହି ସଂକ୍ରମଣ ଭୂତାଣୁ ଯୋଗୁ ହୋଇଥାଏ। କିନ୍ତୁ ଆଣ୍ଟିବାୟୋଟିକ୍ କେବଳ ଜୀବାଣୁଙ୍କ ଉପରେ କାମ କରିଥାଏ। ଭୂତାଣୁ ଉପରେ ଏହା ଆଦୌ କାମ କରି ନଥାଏ। ତେଣୁ ଏହି ଔଷଧ ନେବା ଅନୁଚିତ୍।

**ଔଷଧର ଉପଯୁକ୍ତ ମାତ୍ରା ଓ ସମୟକୁ ଗୁରୁତ୍ୱ:** ଯଦି ଡାକ୍ତର କୌଣସି ଔଷଧ ଦେଇଥାନ୍ତି, ତେବେ ଏହାକୁ ଉପଯୁକ୍ତ ମାତ୍ରାରେ ଓ ନିୟମିତ ସମୟରେ ନେବା ଜରୁରି। କିଛି ଲୋକ ସାମାନ୍ୟ ସୁସ୍ଥ ଅନୁଭବ କରିବା



ପରେ ଔଷଧ ଖାଇବା ଛାଡି ଦେଇଥାନ୍ତି କିମ୍ବା କେବେ କେବେ ଅଧିକ ମାତ୍ରା ନେଇଯାଇଥାନ୍ତି। ଉଭୟ ସ୍ଥିତି କ୍ଷତିକାରକ। ଔଷଧର କୋର୍ସ ପୁରା କରିବା ବହୁତ ଜରୁରି।

**ପୁରୁଣା କିମ୍ବା ଅନ୍ୟର ଔଷଧ ବ୍ୟବହାର କରିବା ଅନୁଚିତ୍:** କେବେ କେବେ ଘରେ ପୂର୍ବରୁ ରହିଯାଇଥିବା ଆଣ୍ଟିବାୟୋଟିକ୍ କିମ୍ବା ଅନ୍ୟ କାହାର ଔଷଧକୁ ଖାଇବା ଅନୁଚିତ୍। କାରଣ ପ୍ରତ୍ୟେକ ରୋଗ ଓ ବ୍ୟକ୍ତିର ଶରୀର ଅଲଗା ହୋଇଥାଏ। ତେଣୁ ଔଷଧ ମଧ୍ୟ ଅଲଗା ହୋଇଥାଏ। ଭୁଲ୍ ଔଷଧ ଶରୀରକୁ ଖୁବ୍ କ୍ଷତି ପହଞ୍ଚାଇପାରେ।

ସ୍ୱଚ୍ଛତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ: କୁହାଯାଏ ଚିକିତ୍ସାଠାରୁ ଶ୍ରେଷ୍ଠ ସ୍ୱଚ୍ଛତା। ଯଦି ଆପଣ ନିୟମିତ ଜୀବନରେ ସ୍ୱଚ୍ଛତାକୁ ଅନୁକରଣ କରିବା ସହ ପରିଷ୍କାର ପରିଛନ୍ନ ରହିବେ ଓ ଉପଯୁକ୍ତ ଟୀକାକରଣକୁ ଗୁରୁତ୍ୱ ଦିଅନ୍ତି, ତେବେ ରୋଗ ହେବାର ସମ୍ଭାବନା ଆପେ ଆପେ ଦୂରେଇଯିବ। ରୋଗରେ ନ ପଡିଲେ ଆଣ୍ଟିବାୟୋଟିକ୍‌ର ଆବଶ୍ୟକତା ରହିବ ନାହିଁ। ତେଣୁ ଶରୀର ଅସୁସ୍ଥ ହେବାର ଆଶଙ୍କା ହିଁ ରହିବନାହିଁ।

# ଖରାଦିନେ ଖାଆନ୍ତୁ ତାଳସଜ



ଖୁବ୍ ଶୀଘ୍ର ଆସିବାକୁ ଯାଉଛି ଗ୍ରୀଷ୍ମଋତୁ। ଅତ୍ୟଧିକ ଗରମ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ଲୋକମାନେ ଖରାଦିନେ ପେଟ ଥଣ୍ଡା ରଖିବା ପାଇଁ ପଖାଳଠାରୁ ଆରମ୍ଭକରି ପଇଡ଼ ଯାଏଁ ଅନେକ ଥଣ୍ଡା ଜାତୀୟ ଖାଦ୍ୟ ଖାଇଥାଆନ୍ତି। ଯାହା ଖରାଦିନ ସମସ୍ୟାରୁ ରକ୍ଷା କରିବା ପାଇଁ ବେଷ୍ଟ ହୋଇଥାଏ। ସେହି ସବୁ ମଧ୍ୟରୁ ତଲାସଜ ଅନ୍ୟତମ। ତାଳସଜ ବାହାରୁ ନଡ଼ିଆ ପରି ଏବଂ ଭିତରୁ ଲିଚି ପରି ଦେଖାଯାଇଥାଏ। ତାଳସଜ ଦେଖିବାକୁ ଯେତିକି ସୁନ୍ଦର ଦିଶିଥାଏ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭଦାୟକ ହୋଇଥାଏ। ତାଳସଜରୁ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'କେ' ପରି ଭିଟାମିନ ପ୍ରଚୁର ପରିମାଣର ମିଳିଥାଏ। ଯାହା ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବା ସହ ପେଟକୁ ମଧ୍ୟ ଥଣ୍ଡା ରଖିଥାଏ। ତେବେ ଆସନ୍ତୁ ଏହାର ଲାଭ ସମ୍ପର୍କରେ ଜାଣିବା।

ପ୍ରବଳ ଖରା ବଢ଼ିବା ହେତୁ ଲୋକଙ୍କ ଶରୀର ପ୍ରଭାବିତ ହୋଇଥାଏ। ଯେଉଁଥିପାଇଁ ଲୋକଙ୍କ ଶରୀରରେ ଜଳର ଅଭାବ ଦେଖା ଦେଇଥାଏ। ଏପରି ପରିସ୍ଥିତିରେ ତାଳସଜ ଖାଇବା ଦ୍ୱାରା ଆପଣଙ୍କୁ ହାଇଡ୍ରେଟ୍ କରି ରଖିଥାଏ। ସେଥିପାଇଁ ଡିହାଇଡ୍ରେସନରୁ ନିଜକୁ ରକ୍ଷା କରିବା ପାଇଁ ଚାହୁଁଥିଲେ ତାଳସଜ ଖାଆନ୍ତୁ। ଖରାଦିନେ ତାଳସଜ ଆପଣଙ୍କ ପେଟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଖାଇବା ଦ୍ୱାରା ଆପଣଙ୍କ ପେଟକୁ ତୁରନ୍ତ ଥଣ୍ଡା କରି ରଖିଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟା ମଜବୁତ ହେବା ସହ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଗ୍ୟାସ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ରୋଗ ପ୍ରତିରୋଧକ ଶକ୍ତି ଅଭାବ କାରଣରୁ ମଧ୍ୟ ଲୋକମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ କରିଥାଆନ୍ତି। ତାଳସଜ ଭିଟାମିନ୍ Cରେ ଭରପୂର। ଯାହା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ମେଟାବୋଲିଜିମ୍ କାରଣରୁ ଲୋକମାନଙ୍କ ଓଜନ ବଢ଼ିବା ମଧ୍ୟ ଆରମ୍ଭ ହୋଇଯାଇଥାଏ। ଯାହା ଦ୍ୱାରା ବର୍ତ୍ତମାନ ସମୟ ପାଇଁ ସମସ୍ତଙ୍କ ଚିନ୍ତାର ବିଷୟ ପାଲଟିଛି। ଏପରି ପରିସ୍ଥିତିରେ ଫାଇବରରେ ଭରପୂର ହୋଇଥିବା ଏହି ଫଳ ଖାଇବା ଦ୍ୱାରା ମେଟାବୋଲିଜିମ୍ ଶୀଘ୍ର ବଢ଼ିଥାଏ। ଯାହା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକିଲା ଅନୁଭବ କରିବେ ନାହିଁ ଏବଂ ସହଜରେ ଆପଣଙ୍କ ଓଜନ ହ୍ରାସ ହୋଇଯାଇପାରିବ।

ଏବେ ଘରେ ଘରେ ଡାଇବେଟିସ୍ ରୋଗ ଦେଖିବାକୁ ମିଳୁଛି। କିନ୍ତୁ ଏହି ରୋଗୀମାନଙ୍କ ପାଇଁ ତାଳସଜ ଖୁବ୍ ଫଳପ୍ରଦ ହୋଇଥାଏ। ଏଥିରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ସୁଗାରକୁ ନିୟନ୍ତ୍ରଣ କରି ରଖିଥାଏ। ସେଥିପାଇଁ ଡାଇବେଟିସ୍ ରୋଗୀମାନେ ଏହାକୁ ଖାଇପାରିବେ। ଏହା ବ୍ୟତୀତ ତାଳସଜ ଖାଇବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିଥାଏ। ହୃଦଘାତର ଆଶଙ୍କା ମଧ୍ୟ କମ୍ ହୋଇଥାଏ। ଚକ୍ଷୁଜନିତ ସମସ୍ୟା ଦୂର କରିବା ପାଇଁ ମଧ୍ୟ ଏହା ଖୁବ୍ ପ୍ରଭାବଶାଳୀ। ତେଣୁ ଖରାଦିନେ ଏହି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ତାଳସଜ ଖାଇପାରିବେ।

# ଉପାନ୍ତରେ ଭୁଶୁଡୁଛି ପ୍ରାକ୍ ଶିକ୍ଷା | ଭଡ଼ାଘରେ ପିଲା ପଢୁଛନ୍ତି ପାଠ



**ବୈପାରିଗୁଡ଼ା,୬।୨ (ସଂଚାର ବ୍ୟୁରୋ):** ସରକାର ବଦଳିଲେ, ଅଫିସର ବଦଳିଲେ କିନ୍ତୁ ବଦଳିଲା ନାହିଁ କୋରାପୁଟ ଜିଲ୍ଲା ଚିକିମା ଅଙ୍ଗନବାଡ଼ି କେନ୍ଦ୍ରର ଭାଗ୍ୟ। ଭଡ଼ା ଘରେ ଚାଲିଛି କୋମଳମତି ଶିଶୁଙ୍କ ଭବିଷ୍ୟତ ଗଢ଼ା। ନିଜସ୍ୱ ଘର ବୋଲି ନାହିଁ। ନିଜ ହାତରୁ ଭଡ଼ା ଦେଇ ପ୍ରାକ୍ ଶିକ୍ଷା ଯୋଗାଉଛନ୍ତି ଅଙ୍ଗନବାଡ଼ି କର୍ମୀ। ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ । ବୈପାରିଗୁଡ଼ା ବ୍ଲକର ଚିକିମା ଅଙ୍ଗନବାଡ଼ି କେନ୍ଦ୍ର । ୧୦ ବର୍ଷ ତଳେ ନିର୍ମାଣ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ର ଆଜି ଭୁଷୁଡ଼ିବା ଅବସ୍ଥାରେ। କୋଠାର ଦୟନୀୟ ଅବସ୍ଥା ପାଇଁ ଅଭିଭାବକ ଭୟଭୀତ ହୋଇ ପିଲାଙ୍କୁ ଛାଡ଼ିଲେ ନାହିଁ। ସେଥିପାଇଁ କିଛି ଦିନ ନିକଟସ୍ଥ କୁରକୁଟି ଅଙ୍ଗନବାଡ଼ି କେନ୍ଦ୍ରରେ ୨ଟି କେନ୍ଦ୍ରର ପିଲା ମିଶି ପାଠ ପଢୁଥିଲେ। କିଛି ବର୍ଷ ପରେ ପିଲା ସଂଖ୍ୟା ବଢ଼ିଯିବାରୁ ଚିକିମା ଗାଁର ଏକ ଭଡ଼ା ଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ୭ ବର୍ଷ ହେଲାଣି ପିଲା ପାଠ ପଢ଼ିବାକୁ ଏଠୁ ସେଠିକି ଧାଉଁଛନ୍ତି । ଗୋଟିଏ କୋଠରୀ ବିଶିଷ୍ଟ ଏହି ଘରେ ପିଲା ପଢ଼ିବା ସହ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୁଏ। ନିଜ ହାତରୁ ଭଡ଼ା ଦେଇ ପିଲାଙ୍କୁ ଶିକ୍ଷା ଯୋଗାଉଛନ୍ତି ଅଙ୍ଗନବାଡ଼ି କର୍ମୀ। ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରୀ କରାଯାଇଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରିଥିଲେ ଗାଁ ଲୋକ। କିନ୍ତୁ ସମସ୍ତେ ଯେମିତି କୋମଳମତି ଶିଶୁଙ୍କ ଭବିଷ୍ୟତ କଥା ଶୁଣିବାକୁ ନାରାଜ। ଆଉ ବିଡିଓ କହୁଛନ୍ତି, କେନ୍ଦ୍ର ନିର୍ମାଣ ପାଇଁ ଚିଠି ଆସିଛି କିନ୍ତୁ ଟଙ୍କା ଆସିନି। ଟଙ୍କା ଆସିଲେ ଗୃହ ନିର୍ମାଣ ଆରମ୍ଭ ହେବ। ପିଲାଙ୍କ ଭବିଷ୍ୟତ ସହ ଖେଳୁଛି କିଏ? ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ନିରବ କାହିଁକି? ଏହା ଅବହେଳା ନା ଉଦାସୀନତା? ଭଡ଼ା ଘରେ ଶିଶୁଙ୍କ ସୁରକ୍ଷାର ଦାୟିତ୍ୱ ନେବ କିଏ? ପିଲାଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଠାରୁ ଆରମ୍ଭ କରି ଡ୍ରେସ, ପୋଷାକ ଭଳି ବିଭିନ୍ନ ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ସରକାର କହୁଛନ୍ତି। ଏଠି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଆସୁଥିବା ଟଙ୍କା ଯାଉଛି କୁଆଡ଼େ? ତୁରନ୍ତ ସରକାର କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରିବାକୁ ଦାବି ହୋଇଛି।

# ଦାରିଙ୍ଗବାଡ଼ି ଜଙ୍ଗଲରେ କୁଢ଼ କୁଢ଼ ଅଳିଆ: ନାକ ଟେକୁଛନ୍ତି ପର୍ଯ୍ୟଟକ

**ଦାରିଙ୍ଗବାଡ଼ି,୬।୨(ସଂଚାର ବ୍ୟୁରୋ):** ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିର ପରିବେଶ ଏବେ ଦିନକୁ ଦିନ ଏବେ ବାୟୁ ପ୍ରଦୂଷଣ ସହ ଦୂଷିତ ପରିବେଶ ଦିଗକୁ ଗତି କରୁଛି। ଅଞ୍ଚଳବାସୀଙ୍କୁ କଲବଲ କରୁଛି ଦୂଷିତ ପରିବେଶ। ଏବେ ଦାରିଙ୍ଗବାଡ଼ି ସହରର ଚାରି ପାଖେ କେବଳ ଅଳିଆ ଗଦା ଦେଖିବାକୁ ମିଳିଛି। ଦୁର୍ଗନ୍ଧପାରମାନେ ବିଭିନ୍ନ ଡାଷ୍ଟ ଜମି ସହ ଜଙ୍ଗଲ ପାହାଡ଼କୁ ମଧ ଛାଡ଼ି ହୋଟେଲ ରାସନ ଦୋକାନ, ଔଷଧ ଦୋକାନ, ଜଳଖିଆ, ଫାଷ୍ଟଫୁଡ ଦୋକାନ ଗୁଡ଼ିକରୁ ବାହାରୁଥିବା ପ୍ଲାଷ୍ଟିକ, ଅଇଁଠା ଥର୍ମାକୋଲ ପ୍ଲେଟ୍, ପଲିଥିନ ବ୍ୟବହାର ସିରିଞ୍ଜ, ସାଲାଇନ ବୋତଲ ଆଦି ଜଙ୍ଗଲରେ ଏଣେତେଣେ ପଡ଼ିଥିବା ଦେଖିବାକୁ ମିଳିଛି । ବିଡ଼ିଓ ପ୍ରତିରକ୍ଷଣ ରଖଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସଫେଇ କର୍ମଚାରୀ ନିୟୋଜିତ କରି ସଫେଇ କରୁଥିଲେ ମଧ ନିୟମିତ ଏହା କରାଯାଉ ନ ଥିବାରୁ ଦୈନିକ ଗାଡି ଗାଡି ଅଳିଆ ପ୍ଲାଷ୍ଟିକକୁ ନେଇ ଜଙ୍ଗଲରେ ଏଣେ ତେଣେ ଫିଙ୍ଗିଦିଆଯାଉଛି, ଯାହାକୁ ଦାରିଙ୍ଗବାଡ଼ିକୁ ଆସୁଥିବା ପର୍ଯ୍ୟଟକ ନାକ ଟେକିବା ସହ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ପର୍ଯ୍ୟଟକ ଦାରିଙ୍ଗବାଡିର ଫ୍ରେସ ବାୟୁ ଅମ୍ଳଜାନକୁ ଗ୍ରହଣ ପାଇଁ ଆସୁଥିବାବେଳେ ଏବେ ଦୂଷିତ ପରିବେଶ ଦେଖି ପର୍ଯ୍ୟଟକ ଦାରିଙ୍ଗବାଡ଼ିରୁ ମୁହଁ ଫେରେଇବାକୁ ପଛେଇନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ପରିବେଶକୁ ଦୂଷିତ କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଭାଙ୍ଗିଗଲାଣି ଶ୍ରେଣୀଗୃହ, ଗଛତଳେ ପଢୁଛନ୍ତି ପିଲା



**ନର୍ଲା,୬।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳରେ ଅସ୍ଥାପତି ବିଦ୍ୟାଳୟକୁ ଶିକ୍ଷା ବିଭାଗ ସମେତ ନେତା ବିଧାୟକଙ୍କ ଦୃଷ୍ଟି ଗୋଚର ହେଉ ନ ଥିବାରୁ ସ୍କୁଲ ପରିବେଶ ସମେତ ଶ୍ରେଣୀ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଗଛ ମୂଳରେ ପାଠ ପଢ଼ାଉଛନ୍ତି। ଏହି ପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି କେସିଙ୍ଗା ଓ ନର୍ଲା ବ୍ଲକ ସୀମାନ୍ତ ଅଞ୍ଚଳର କର୍ମେ ପଞ୍ଚାୟତର ସୁରପଦର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ବହୁ ଦିନରୁ ବିପଦସଙ୍କୁଳ ଅବସ୍ଥାରେ ପଡି ରହିଛି ସମସ୍ତ ଶ୍ରେଣୀ ଗୃହ ଓ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ। ଯେଉଁ ସବୁ ଶ୍ରେଣୀ ଗୃହ ଅଛି ତାହାର ଛାତରୁ ସିମେଣ୍ଟ ଫାଟି ଖସି ପଡୁଛି। ଶିକ୍ଷକଙ୍କ ବୁଦ୍ଧିମାନ ଯୋଗୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଓ ଜୀବନ ବଞ୍ଚାଇବା ପାଇଁ ପିଲାଙ୍କୁ ଗଛ ତଳେ ପାଠ ପଢ଼ାଉଛନ୍ତି। ଏହି ପ୍ରାଥମିକ ବିଦ୍ୟାଳୟ ୧୯୬୧ ମସିହାରେ ସ୍ଥାପିତ ହୋଇଛି। ଏହି ବିଦ୍ୟାଳୟରେ ବର୍ତ୍ତମାନ ୨୫ ଛାତ୍ରୀଛାତ୍ର ପଢୁଥିବା ବେଳେ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଶିଶୁ ବାଟିକାରୁ ୫ମ ଶ୍ରେଣୀ ଯାଏ ଥିବା ଏହି ବିଦ୍ୟାଳୟର ସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ସୀମାନ୍ତ ଅଞ୍ଚଳରେ ସ୍ଥାପିତ ସୁରପଦର ପ୍ରାଥମିକ ବିଦ୍ୟାଳୟ ପ୍ରତି କାହାର ଦୃଷ୍ଟି ହେଉ ନାହିଁ। ଖୋଦ ନର୍ଲା ବିଧାୟିକାଙ୍କ ବାସ ଭବନଠାରୁ ପ୍ରାୟ ୩ କିମି ଦୂରରେ ଏହି ପ୍ରାଥମିକ ବିଦ୍ୟାଳୟ ଅବସ୍ଥାପିତ କିନ୍ତୁ ବିଧାୟିକାଙ୍କ ମଧ ଦୃଷ୍ଟି ନାହିଁ। ଯାହାଫଳରେ ଶିକ୍ଷାଦାନରେ ବାଧା ପ୍ରାପ୍ତ ହେବା ସହ ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀ ଗୃହ ପଡ଼ିରହିଛି।

# ସହରର ବିଭିନ୍ନ ଅଞ୍ଚଳକୁ ଜିଲ୍ଲାପାଳଙ୍କ ତୁଫାନି ଗସ୍ତ



## ଜବର ଦଖଲକାରୀ ଛାନିଆଁ

**ସୁବର୍ଣ୍ଣପୁର,୬।୨(ସଂଚାର ବ୍ୟୁରୋ):** ଗତକାଲି ଠାରୁ ସୁବର୍ଣ୍ଣପୁର ସହର ର ବସଷ୍ଟାଣ୍ଡ, ପଞ୍ଚରଥ ମନ୍ଦିର ଠୁଁ ମଝିପଡ଼ା ମେଡିକାଲ୍ ଛକ, ସଂସ୍କୃତ ସ୍କୁଲ୍, ଟ୍ରଷ୍ଟ ଫଣ୍ଡ ଅଫିସ୍, ହାତୀ ଶାଳ, ରାମଜୀ ନଗର ଠୁଁ ଆରମ୍ଭ କରି ବିଭିନ୍ନ ଅଞ୍ଚଳ କୁ ଅଚାନକ ପରିଦର୍ଶନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ। ବସଷ୍ଟାଣ୍ଡ ର ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ଥିବା ବିଭିନ୍ନ ସମସ୍ୟା ର ସମାଧାନ ଓ ବୁଝାମଣା କରିଥିବା ବେଳେ ଜାଗା ଖାଲି କରିବାକୁ ନିର୍ଦ୍ଧାରିତ ସମୟ ୨ ଦିନ ବଦଳ ରେ ୭ ଦିନ ଯାଏଁ ବଢ଼ାଇ ଥିବା କହିଥିଲେ। ପରେ ପରେ ବିଜୁ ପଟ୍ଟନାୟକ ଛକ ଠାରୁ ମଝିପଡ଼ା ହନୁମାନ ମନ୍ଦିର ଛକ ଯାଏ ଟ୍ରଷ୍ଟ ଫଣ୍ଡ ଅଫିସ୍ ଯାଏ ବୁଲି ଅନେକ ଜବର ଦଖଲ ଜାଗା କୁ ତଦାରଖ କରିଛନ୍ତି। ପରେ ଟ୍ରଷ୍ଟ ଫଣ୍ଡ ଅଫିସ୍ କାର୍ଯ୍ୟାଳୟ ର ଇତିହାସ କଥା ବୁଝି ଆଶ୍ଚର୍ଯ୍ୟ ହେବା ସହ ଜିଲ୍ଲା ରେ ଏକ ମାତ୍ର ସଂସ୍କୃତ ବିଦ୍ୟାଳୟ ବନ୍ଦ ପଡ଼ି ରହିଥିବା ଓ ସ୍କୁଲ ର ଭିତ୍ତିଭୂମି ପରିଦର୍ଶନ କରି ଶିକ୍ଷକ ଦରମା ନେଇ ବସିଛନ୍ତି ମାତ୍ର ଛାତ୍ର ଛାତ୍ରୀ ନାହିଁ। ସହରରେ ପୌର ପରିଷଦ ର ଏକ ମାତ୍ର ଶୀତ କାଳୀନ ରାତ୍ରୀ ଆଶ୍ରୟ ସ୍ଥଳ ବା ବସ୍ତିହରା ଲୋକ ଙ୍କ ଆଶ୍ରୟ ସ୍ଥଳ କୁ ପରିଦର୍ଶନ କରି କୌଣସି ବ୍ୟବହାର ରେ ନ ଆସି ଏ ଜାଗା ଖାଲି ପଡ଼ିଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ। ଏବଂ ଦୀର୍ଘ ବର୍ଷ ରୁ ଏ ସମସ୍ତ ଜାଗା ଜିଲ୍ଲା ପ୍ରଶାସନ ର ଦୃଷ୍ଟି ଆଢୁଆଳ ରେ ରହିଥିବା ଓ କୌଣସି ପ୍ରଶାସକ ବୁଦ୍ଧିଜୀବି ସଚେତନ ନାଗରିକ ଙ୍କ କାହାରି ବି ନଜର ରେ ଆସିବା ବିଷୟ ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ପରେ ପରେ ହାତୀ ଶାଳ ଅସ୍ଥାୟୀ ବସଷ୍ଟାଣ୍ଡ କୁ ପରିଦର୍ଶନ ରେ ଯାଇ ସେଠାରେ ଥିବା ଜବର୍ ଦଖଲ ଜାଗା ଚିହ୍ନଟ କରି ଶୀଘ୍ର ଖାଲି କରିବାକୁ ରାଜସ୍ୱ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ।

# ବିଜୁପଟ୍ଟନାୟକ ମହିଳା କଲେଜର ବାର୍ଷିକ ଉତ୍ସବ 'ଧରୋହର'ପାଳିତ




**ସୁବର୍ଣ୍ଣପୁର,୬।୨(ସଂଚାର ବ୍ୟୁରୋ):** ସୋନପୁର ସହର ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ 'ଧରୋହର'ମହାସମାରୋହରେ ପାଳନ ହୋଇଯାଇଛି। କଲେଜ ଅଧକ୍ଷା ପ୍ରୀତିମୟୀ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟ ରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ନାରୀ ର ଭୂମିକା ଓ ସମପରିମାଣରେ ସମାଜର ଉତ୍ତରଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥ, ପ୍ରାକ୍ତନ ପରିଚାଳନା କମିଟି ଅଭିମନ୍ୟୁ କୁଶଳ ଓ ମୁଖ୍ୟବକ୍ତା ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦେଇ ଦେଶ ଗଠନରେ ମହିଳାଙ୍କ ଭୂମିକା ଓ ସମପରିମାଣରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କର ଯୋଗଦାନ କୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ଅଧାପିକା ସ୍ନିଗ୍ଧା ଦାସ ପରିଚାଳନା କରିଥିବାବେଳେ କଲେଜ ର ସମସ୍ତ ଅଧାପିକା ଅଧାପକ ତଥା ସମସ୍ତ ଅଣ ଶିକ୍ଷକ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ।

# ହତ୍ୟାକାରୀ ପଞ୍ଚୁ କର୍ଣ୍ଣ ଗିରଫ୍

**ସୁବର୍ଣ୍ଣପୁର,୬।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କଳାପଥର ପଞ୍ଚାୟତ କୁଡାପଡା ଗ୍ରାମର ସାନୁଜ ଜଗଦଲା ହତ୍ୟା ମାମଲାରେ ଅଭିଯୁକ୍ତ କୁ ଗିରଫ କଲା ବୀରମହାରାଜପୁର ପୋଲିସ। ଭାଇ ଚନ୍ଦ୍ରକାନ୍ତ ଜଗଦଲାଙ୍କ ହତ୍ୟା ସମ୍ପର୍କରେ ଲିଖିତ ରିପୋର୍ଟ ଉପରେ ବୀରମହାରାଜପୁର ପିଏସ୍ କେସ ରୁଜୁ ହୋଇଥିଲା। ଗତ ବୁଧବାର ଦିନ ସଂଧ୍ୟା ସମୟରେ ବାଗଛେରା ଗ୍ରାମର ଅଭିଯୁକ୍ତ ପଞ୍ଚୁ କର୍ଣ୍ଣ ମୃତକଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ଏକ କାଠ ବାଡ଼ିରେ ମୁଣ୍ଡରେ ଆକ୍ରମଣ କରିଥିଲେ। ସଙ୍ଗେ ସଙ୍ଗେ ଆହତଙ୍କୁ ବୀରମହାରାଜପୁର ମେଡିକାଲ ରୁ ସୋନପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ହତ୍ୟାକାଣ୍ଡ କେସରେ ତଦନ୍ତକାରୀ ଅଧିକାରୀ ବୀରମହାରାଜପୁର ଥାନା ର ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ ଗୋଟିଏ କାଠବାଡି ଜବତ କରିଛନ୍ତି।

# ବୁଢ଼ାରଜା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସମ୍ବଲପୁରୀ ଅର୍କେଷ୍ଟ୍ରାରେ ଦୁଲୁକିଲା ମଞ୍ଚ

**ଲାଞ୍ଜିଗଡ଼,୬।୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କୁମାରଗୁଡା ଠାରେ ବୁଢାରଜା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ବର୍ଷ ବୁଢ଼ାରଜା ମହୋତ୍ସବ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ସମେତ ୧୪ବର୍ଷକୁ ପଦାର୍ପଣ କରିଛି। ଲୋକ ସଂସ୍କୃତି ଓ ଆଦ୍ୟାକଳାର ପ୍ରତୀକ ବୁଢାରଜା ମହୋତ୍ସବ। ବୁଧବାର ଦିନ କୁମାରଗୁଡ଼ା ବୁଢାରଜା ମନ୍ଦିର ପଡିଆ ଠାରେ ମହା ସମାରୋହରେ ଉଦ୍ଘାଟିତ ହୋଇ ଯାଇଛି।ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଲାଖବାହାଲି ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ପାର୍ବତୀ ମାଝୀ ଯୋଗଦେଇ ଥିବା ବେଳେ ପୂର୍ବତନ ସରପଞ୍ଚ ରାମତୁ ମାଝୀ,ସୁମନ୍ତ ଛାତ୍ରୀୟା,ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ମାଝୀ,ଶିବ ମାଝୀ, ଶିବରାମ ନାଏକ, ଈଶ୍ୱରବାଗ,ହରିଶ ଚନ୍ଦ୍ର ସାହୁ,ବିସ୍ମ ମାଝୀ,ରମେଶ ନାଏକ,କୋକିଳ ନାଏକ, ଅମର ଲାଲସି ପ୍ରମୁଖ ମଞ୍ଚରେ ମଞ୍ଚାସିନ ରହି ପ୍ରଥମେ ବୁଢାରଜାଙ୍କୁ ପୂଜାର୍ଚ୍ଚନା କରି ଶୁଭାରମ୍ଭବ କରିଥିଲେ।

# ପୋଲରୁ ମଟର ମେସିନ୍ ଟାଣୁଛି ଦୁର୍ଗନ୍ଧ ପାଣି



**ଯାଜପୁର ରୋଡ଼, ୬।୨(ସଂଚାର ବ୍ୟୁରୋ):** ବିଜ୍ଞାନର ଜ୍ଞାନ କୌଶଳ ଦ୍ୱାରା ମଣିଷ ଏବେ ଆକାଶରେ ବସବାସ କରିବା ପାଇଁ ଚିନ୍ତା କରୁଥିବା ବେଳେ ବଡ଼ ବିଡମ୍ବନାର ବିଷୟ ବ୍ୟାସନଗର ପୌରାଅଞ୍ଚଳ ସହରର ଜନଗହଳିପୂର୍ଣ୍ଣ ଛକ ବୋଲାଉଥିବା ଗୋପବନ୍ଧୁ ଛକ ସମ୍ମୁଖରେ ଥିବା ଯାଜପୁର କେନ୍ଦୁଝର ରୋଡ଼ ରେଲଷ୍ଟେସନର ରେଲୱେ ଗଳି ପୋଲ ରାସ୍ତାରୁ ନିତିନିତି ଏକ ଡିଜେଲ ମଟର ମେସିନ୍ ସାହାଯ୍ୟରେ ଏହି ରେଲୱେ ଗଳି ପୋଲର ରାସ୍ତାରୁ ଜନସାଧାରଣ ମାନଙ୍କ ଯାତାୟତର ସୁବିଧା ପାଇଁ ନିତିନିତି ଦୁର୍ଗନ୍ଧ ପାଣିକୁ ନିଷ୍କାସନ କରାଯାଉଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମନ୍ଦିର, ସ୍କୁଲ, କଲେଜ, ପନିପରିବା ମାର୍କେଟ, ଡାକ୍ତରଖାନାକୁ ଯିବା ଲାଗି ନିର୍ଭର କରିଥାନ୍ତି। ଲୋକ ମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଏହି ଦୁର୍ଗନ୍ଧ ପାଣିରେ ଯିବାକୁ ପଡୁଛି। ଲୋକଙ୍କ ମଧରେ ଅସନ୍ତୋଷ ବଢୁଅଛି। ତେଣୁ କେନ୍ଦ୍ର ସରକାରଙ୍କ ରେଳ ବିଭାଗ ଏପରି ସମସ୍ୟାର ସମାଧାନ ଦିଗପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଉଛି।

# ଦୁଃସାହାସିକ ଖେଳ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର: ବାହାରିଲା ବିରାଟ ଶୋଭାଯାତ୍ରା

**ଦାରିଙ୍ଗବାଡି,୬।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୩ ଦିନିଆ ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ଼ସର କ୍ୟାମ୍ପରୀର ଶୁକ୍ରବାର ହେଉଛି ଦିତୀୟ ଦିବସ। ଦ୍ୱିତୀୟ ଦିବସର ସକାଳ ୭ଟାରୁ ୪ ଶହରୁ ଉର୍ଦ୍ଧ୍ୱ ଯୋଗଦେଇଥିବା କ୍ୟାମ୍ପରୀଙ୍କୁ ନେଇ ଖେଳକୁଦ ଓ ବିଭିନ୍ନ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସେହିପରି କ୍ୟାମ୍ପରୀ ପରିସରରେ ସ୍କାଉଟସ ଓ ଗାଇଡ଼ସର ପତାକା ଉତ୍ତୋଳନ ସହ ପ୍ରାର୍ଥନା କରାଯିବା ପରେ ବିରାଟ ଶାନ୍ତି ଶୋଭାଯାତ୍ରାରେ ବାହାରି ସିମନବାଡି ପରିକ୍ରମା କରାଯାଇଥିଲା। ଏହି ସମୟରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ଲୋକଙ୍କୁ ସ୍କାଉଟସ ଓ ଗାଇଡ଼ସର ଉଦ୍ଦେଶ୍ୟ ଓ ଏକ ସମୃଦ୍ଧି ଭାରତ ଗଠନରେ ଏହାର ଭୂମିକା ସମ୍ପର୍କରେ ଓ ଶାନ୍ତି, ସଦଭାବନା ଓ ଭାଇଚାରାର ବାର୍ତ୍ତା ବଣ୍ଟନ କରିଥିଲେ।

# ସୁକିନ୍ଦା ଶିଳ୍ପ ମହୋତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ




**କଳିଙ୍ଗନଗର,୬।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସୁକିନ୍ଦା ଶିଳ୍ପ ମହୋତ୍ସବ ଆସନ୍ତା ଫେବ୍ରୁଆରୀ ୯ ତାରିଖରୁ ଆରମ୍ଭ ହେବ। ଚଳିତ ବର୍ଷ ଏହି ମହୋତ୍ସବ ୫ଦିନ ଧରି ଚାଲିବ। ପ୍ରତିଦିନ ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ଓଲିଉଡ୍ ଓ ବଲିଉଡ୍ କଳାକାର ମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିନିମନ୍ତେ ଆଜି ତେଲିବାହାଳୀ ମହାପାଟ ପଡ଼ିଆ ଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁଅ ସବ୍ୟସାଚୀ ବଳସାମନ୍ତ ଓରଫ ଭିକି ସଭାପତିତ୍ୱ କରି ମହୋତ୍ସବ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ଶିଳ୍ପ ମହୋତ୍ସବର ସଭାପତି ପ୍ରଶାନ୍ତ ରାୟ, ସଂପାଦକ ସୁଧାଂଶୁ ଭଞ୍ଜ, ଉପସଭାପତି ପ୍ରତାପ ଧିର, ଉପଦେଷ୍ଟା ଅମଳେନ୍ଦୁ ବେହୁରା ଓ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ଅନୁଷ୍ଠିତ ହେବା ଦ୍ୱାରା ସମଗ୍ର ସୁକିନ୍ଦା ତଥା ସ୍ଥାନୀୟ ଅଞ୍ଚଳରେ ଭାଇଚାରା ବଜାୟ ରହିବା ସହିତ ପ୍ରତି ଦିନର ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଅଞ୍ଚଳବାସୀଙ୍କୁ ନାମୀଦାମୀ କଳାକାର ଓ ଅଭିନେତା ଅଭିନେତ୍ରୀଙ୍କ ମଞ୍ଚ ପରିବେଷଣ ଲୋକଙ୍କୁ ଢେର ସାରା ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ମନ୍ତ୍ରୀଙ୍କ ପୁଅ ଶ୍ରୀ ବଳସାମନ୍ତ କହିଛନ୍ତି।

# ଓଡ଼ିଆ ବିଭାଗରେ ଜାତୀୟ ପାଠଚକ୍ର ଉଦ୍‌ଘାଟିତ



**ଖଲ୍ଲିକୋଟ,୬।୨(ସଂଚାର ବ୍ୟୁରୋ):** ରିଖ ଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଦ୍ୱିଦିବସୀୟ ଜାତୀୟ ପାଠଚକ୍ରର ଆୟୋଜନ କରାଯାଇଛି। ପାଠଚକ୍ରର ପ୍ରଥମ ଦିବସରେ ଉଦଘାଟନୀ ପର୍ବକୁ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟନ କରିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣା ତଥା ମାର୍ଗଦର୍ଶନରେ ଆୟୋଜିତ ଏହି ପାଠଚକ୍ରର ଉଦଘାଟନୀ ପର୍ବ ପ୍ରାରମ୍ଭ ହୋଇଥିଲା ଛାତ୍ର ସୁମନ ଓ ଶକ୍ତିଙ୍କ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ଗାନରେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସାମ୍ପ୍ରତିକ ବିଶ୍ୱ ସାହିତ୍ୟ ଓ ଭାରତୀୟ ସାହିତ୍ୟ ଅଦ୍ୟତନ ଧାରା ଉପରେ ଆଲୋକପାତ କରି ସଦ୍ୟତମ ପ୍ରକାଶିତ ଓଡ଼ିଆ ଗଳ୍ପ ସଂକଳନ ଓ ଉପନ୍ୟାସ ସମ୍ପର୍କରେ ଆଲୋଚନା କରିବା ସହ ସେସବୁ ସହିତ ପରିଚିତ ହେବା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଯୋଗଦେଇ ବିଶିଷ୍ଟ ଗାଳ୍ପିକ ରବିନାରାୟଣ ପଣ୍ଡା ସାମ୍ପ୍ରତିକ କଥା ସାହିତ୍ୟରେ ଧାରା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ଭିଡିଓ ପ୍ରବନ୍ଧରେ ଏକବିଂଶ ଶତାବ୍ଦୀରେ ଘଟିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ସାହିତ୍ୟରେ ତାର ପ୍ରଭାବ ଓ ପ୍ରତିଫଳନ ସମ୍ପର୍କରେ ଆଲୋଚନା କରିଥିଲେ, ଓ ପରିବର୍ତ୍ତିତ ସମୟର ସ୍ୱରକୁ ଲକ୍ଷ୍ୟ କରିବା ଆମ ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ।

# ପରୀକ୍ଷା ପେ' ଚର୍ଚ୍ଚା, ଯୋଡ଼ିହେଲେ ଛାତ୍ରୀଛାତ୍ର

**କୋରାପୁଟ,୬।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନବମ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଶୁକ୍ରବାର ସାରା ଦେଶର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଚାଲିଥିଲା ବେଳେ ଏହି କ୍ରମରେ ଶୁକ୍ରବାର କୋରାପୁଟ ଜିଲାସ୍ତରୀୟ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ସିଧା ପ୍ରସାରଣ ବଡ଼ ପରଦା ଉପରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜନ କରାଯାଇଥିଲା। ସମଗ୍ର ଶିକ୍ଷା କୋରାପୁଟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଏବଂ ଏହି ସିଧା ପ୍ରସାରଣ ଚାଲିଥିବା ସମୟରେ ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି , ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ଏମ୍‌ଡିଏଆର୍ ଖାନ ଓ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାଶ ଉପସ୍ଥିତ ଥିଲେ। ଜିଲାର ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ନିମନ୍ତେ ଏହି ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ କରାଯାଇଥିବା ବେଳେ ପୋଲିସ ଉଚ୍ଚ ବିଦ୍ୟାଳୟ, ଏକ୍କ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ କୋରାପୁଟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜିଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

● କେରଳରେ ଯୁବ ଚାଷୀଙ୍କ ମୃତ୍ୟୁ ଘଟଣା

# ପ୍ରଶାସନ ପରେ ବଢୁଛି ସହାୟତାର ହାତ

**ଲୋଇସିଂହା,୬।୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସନଅଗାଁ(କ) ଗ୍ରାମର ଯୁବ ଚାଷୀ ବଳରାମ ପଧାନ ତାଙ୍କ ଖରିଫ ଧାନ ବିକ୍ରି ଟଙ୍କା କୌଣସିକାରଣବଶତଃ କେରଳରେ ଥିବା ତାଙ୍କର ଏକ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି। ସେହି ଟଙ୍କା ଉଠାଇବା ପାଇଁ କେରଳ ଯାଇ ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ୪ ଦିନ ପରେ ବୁଧବାର ତାଙ୍କ ମୃତ ଦେହ ଗାଁ ରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ଅନ୍ତିମ ସତ୍କାର କରାଯାଛି। ସେହି ଦିନ ରାତିରେ ପୋଲିସ ଉପସ୍ଥିତିରେ ସ୍ଥାନୀୟ ଅଧିକାରୀ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇ ରେଡକ୍ରସ ଓ ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ରାଶି ପ୍ରଦାନ କରିଥିଲେ। ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତରଫରୁ ସହାୟତାର ହାତ ବଢ଼ାଉଛନ୍ତି।

# ରେମଣ୍ଡାରେ ନୂତନ ସତ୍‌ସଙ୍ଗ କେନ୍ଦ୍ର ଓ ଦର୍ଶନ ଏକାଡେମୀ ପ୍ରି ସ୍କୁଲ ଉଦ୍‌ଘାଟନ ଉତ୍ସବ




**ସୁନ୍ଦରଗଡ଼,୬।୨(ସଂଚାର ବ୍ୟୁରୋ):** ଫେବୃୟାରୀ ୬ ତାରିଖ ଶୁକ୍ରବାର ଦିନ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ରେମଣ୍ଡା ଗ୍ରାମ ବାଜପେୟୀ ନଗର ଠାରେ ନୂତନ ସତ୍ ସଙ୍ଗ କେନ୍ଦ୍ର ଓ ଦର୍ଶନ ଏକାଡେମୀ ପ୍ରି ସ୍କୁଲ ଉଦ୍ଘାଟନ ହୋଇ ଯାଇଛି। ସକାଳ ୭ ଟାରେ ଭସ୍ମା ଛକ ଠାରୁ ବାଜପେୟୀ ନଗର ଦର୍ଶନ ଏକାଡେମୀ ପର୍ଯ୍ୟନ୍ତ ମାରାଥନ ଦୌଡ଼ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ଭସ୍ମା ପୋଲିସ ବିଭାଗ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସାୱାନ କିର୍ପକ୍ଷଲ୍ ରୁହାନି ମିଶନର ଆୟୋଜନରେ ହୋଇଥିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ଆତ୍ମିକ ଶିକ୍ଷା, ନୈତିକ ମୂଲ୍ୟବୋଧ, ସେବାଭାବ ଓ ସାମାଜିକ ସମନ୍ୱୟକୁ ପ୍ରୋତ୍ସାହନ ଦେବା। ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଯୋଗଦେଇ ଦର୍ଶନ ଏକାଡେମୀର ଆଦର୍ଶ ଓ ଆତ୍ମିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ତାଙ୍କ ବକ୍ତବ୍ୟରେ ଏପରି ପ୍ରତିଷ୍ଠାନ ମାନବୀୟ ମୂଲ୍ୟବୋଧ ଗଠନ ଦର୍ଶନ ଏକାଡେମୀର ଉପରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିଭାଏ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ୍ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସିନି ବାଡ଼ା, ଦର୍ଶନ ଏକାଡେମୀର ଏଡ୍ୟୁକେସନ ଅଫିସର ଉନ୍ନୀକୃଷ୍ଣନ, ମହୁଲପାଲି ଦର୍ଶନ ଏକାଡେମୀର ଅଧକ୍ଷ ଡ଼. ପ୍ରଦୀପ ଆର.ଭି. ଓ ମେଜର କିଶୋର କୁମାର ନାଏକ ଉପସ୍ଥିତ ଥିଲେ।

# ଛାତ୍ରଙ୍କୁ ଅପହରଣ ଉଦ୍ୟମ ପଣ୍ଡ ଗୁରୁତର ଭାବେ ଛାତ୍ର ଆହତ

**ଜୟପୁର,୬।୨(ସଂଚାର ବ୍ୟୁରୋ):** ଜୟପୁର ସହରରେ ଆଜି ଅପରାହ୍ଣ ସାଢେ ୪ ଟାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଅପହରଣ କରିବା ଉଦ୍ୟମ ପଣ୍ଡ ହୋଇଛି। କିନ୍ତୁ ଅପହରଣକାରୀଙ୍କ କବଳରୁ ଖସି ଛାତ୍ରଙ୍କ ବାଇକ ଦୁର୍ଘଟଣା ଏବଂ ଅପହରଣକାରୀଙ୍କ ଆକ୍ରମଣରେ ଗୁରୁତର ହୋଇଛନ୍ତି ।
ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ବାଣିଜ୍ୟ ବିଭାଗର ଛାତ୍ର ମୌକିତ ଆଚାର୍ଯ୍ୟ(୧୯) ବିଶ୍ୱବିଦ୍ୟାଳୟ ନିକଟରେ ରହିଥିବା ବେଳେ ଜଣେ ଦୁର୍ବୃତ ତାଙ୍କୁ ଲିଫ୍ଟ ମାଗି ପାରବେଢା ନିକଟରେ ଛାଡିଦେବାକୁ କହିଥିଲା। ପାରାବେଢାରେ ଦୁର୍ବୃତ ଜଣକ ଛାତ୍ରଙ୍କ ବେକକୁ ହାତରେ ଚାପି ଦେଇଥିଲା। ଛାତ୍ର ଜଣକୁ ବାଇକକୁ ନିୟନ୍ତ୍ରଣ ହରାଇ ପାରାବେଢ଼ା ଏକ କଲ୍ୟାଣ ମଣ୍ଡପ ସମ୍ମୁଖରେ ଡ୍ରେନ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହିପରି ଦୁଇଜଣ ବାଇକରୁ ପଡିଯାଇଥିଲା ଏବଂ ଦୁର୍ବୃତ ଜଣକ ଛାତ୍ରଙ୍କ ମୋବାଇଲ ଲୁଟକରିବା ପାଇଁ ଉଦ୍ୟମ କରି ତାଙ୍କୁ ମାଡ ମାରିଥିଲେ। ଦୁର୍ବୃତ ଦୌଡି ଯାଇ ତାଙ୍କୁ ପୂର୍ବରୁ ଅପେକ୍ଷା କରିଥିବା ଅନ୍ୟ ଜଣେ ବାଇକଚାଳକଙ୍କ ପଛପଟେ ବାଇକରେ ବସି ଫେରାର ହଯୋଇଥିଲା । ଗୁରୁତର ଛାତ୍ରଙ୍କୁ ଏକ ଘରୋଇ ଚିକିତ୍ସାଳୟ ଭର୍ତ୍ତି କରାଯାଇଛି।

# ଜମୁଛି ସ୍କାଉଟ, ଗାଇଡ କ୍ୟାମ୍ପ

**ଦାରିଙ୍ଗବାଡି,୬।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ମଧରେ ୩ ଦିନିଆ ୨୨ତମ ଜିଲାସ୍ତରୀୟ ଭାରତ ସ୍କାଉଟସ ଓ ଗାଇଡ୍‌ସ କ୍ୟାମ୍ପରର ଦ୍ୱିତୀୟ ଦିବସର ଅପରାହ୍ନରେ ଭିନ୍ନ ଏକ ଦୃଶ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଛି। ପ୍ରକାଶ ଯେ ଦ୍ୱିତୀୟ ଦିବସରେ ଏକାଧିକ କାର୍ଯ୍ୟ କରାଯାଇଥିବାବେଳେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଫ୍ୟାନ୍‌ସି ଡ୍ରେସ ଶୋ ଅନୁଷ୍ଠିତ ହୋଇଥିଲା। ଏଥିରେ ଜନପ୍ରିୟ ତଥା ପାରମ୍ପରିକ ପୋଷାକ ପରିଧାନ କରି ନିଜ କଳା ପ୍ରଦର୍ଶନ କରାଯାଇଥିଲା। ଯାହାକି ଉପସ୍ଥିତ ଦର୍ଶକ ଓ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ ଓ ଆକର୍ଷଣ କରିଥିଲା । ଏହି ଅବସରରେ ଏହି ଜନପ୍ରିୟ ପାରମ୍ପରିକ ପୋଷାକ ଢଙ୍ଗକୁ ପରିଧାନ କରିଥିବା ଛାତ୍ରୀଛାତ୍ରଙ୍କୁ ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପ ପକ୍ଷରୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଇଣ୍ଡୋସ୍କୋପି ମେସିନ୍ ଉଦ୍‌ଘାଟନ କଲେ ଜିଲ୍ଲା ଚିକିତ୍ସାଧିକାରୀ



**କନ୍ଧମାଳ,୬।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାଢ଼ୀ ମହୋଦୟ ଉଦଘାଟନ କଲେ ଇଣ୍ଡୋସ୍କୋପି ମେସିନ୍। ରାଜ୍ୟ ସରକାର ଙ୍କର ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ରେ ମେଡିକାଲ କଲେଜ ଖୋଲି ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ଫୁଲବାଣୀ ଠାରେ ପ୍ରଥମ ଥର ପାଇଁ ଏହି ମେସିନ ଉଦ୍ଘାଟନ କରିଛନ୍ତି ଜିଲ୍ଲା ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାଢ଼ୀ। ଏହି କାର୍ଯ୍ୟକ୍ରମ ରେ ଡ଼କ୍ଟର ପ୍ରଦୀପ କୁମାର ପାଢ଼ୀ ଙ୍କ ସମେତ ଫାର୍ମାଶିଷ୍ଟ ଅଫିସର୍ ଦୁର୍ଗା ପ୍ରଶାଦ ବେହେରା, ଜିଲ୍ଲା ଡାଟା ମେନେଜର୍ ଅରବିନ୍ଦ ପାଣି, ବରିଷ୍ଠ ନାଗରିକ ନବୀନ କିଶ୍ୱର ପଣ୍ଡା, ଗୋପାଳ କୃଷ୍ଣ ଦେହୁରୀ ଙ୍କ ଉପସ୍ଥିତରେ ଇଣ୍ଡୋସ୍କୋପି ଉଦଘାଟନ କରିବା ସହିତ ଉକ୍ତ ମେସିନ ଦ୍ୱାରା ପ୍ରଥମ ରୋଗୀ କୁମୁଦ ଚନ୍ଦ୍ର ତ୍ରିପାଠୀ ଙ୍କ ପାଟି ଭିତରେ ପାଇପ ର ପ୍ରଥମ ଭାଗ ରେ ଲାଗିଥିବା ଲାଇଟ୍ ସାହାଯ୍ୟ ରେ ନିଜ ଶରୀର ପେଟ ଭିତରେ କଣ ଅନୁକୋଣ ର ସମସ୍ତ ଦୃଶ୍ୟ ଦେଖି ଚିକିତ୍ସା ପ୍ରଣାଳି ଶୁଭାରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ରେ ରାଜ୍ୟ ସରକାର ଙ୍କର ଜିଲ୍ଲାପାଳ ବେଦ ଭୀଷଣ ମହୋଦୟ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପାଢ଼ୀ ଙ୍କ ଏଭଳି ମହାନତା କାର୍ଯ୍ୟ ଯୋଗୁଁ ଜିଲ୍ଲା ବାସି ଏବେ ଇଣ୍ଡୋସ୍କୋପି ପରୀକ୍ଷା କରିବାପାଇଁ ନିଜ ଜିଲ୍ଲା ରେ ସୁଯୋଗ ପାଇପରିବା ବଲି ଖୁସିର ଚର୍ଚ୍ଚା ହେଉଥିବା ବେଳେ ଜିଲ୍ଲା ଚିକିତ୍ସା ଅଧିକାରୀ ଶ୍ରୀ ପାଢ଼ୀ ମହୋଦୟ ଙ୍କୁ ଶିକ୍ଷିତ ଏବଂ ବୁଦ୍ଧିଜୀବୀ ମାନେ ସାଧୁବାଦ ଜଣେଇ ଛନ୍ତି।